# ବାଳୁତ ସଂପର୍କୀତ ବିଧିବିଧାନ

## ବାଳୁତ ଶ୍ରମ ନିବାରଣ

### ସମ୍ବିଧାନର ବ୍ୟବସ୍ଥା

ଭାରତୀୟ ସମ୍ବିଧାନର ଧାରା ୨୪ରେ କୁହାଯାଇଛି ଯେ, "ଚଉଦ ବର୍ଷରୁ କମ୍ ବୟସର କୌଣସି ବାଳୁତକୁ କାରଖାନା ବା ଖଣିରେ ନିଯୁକ୍ତ କରାଯିବ ନାହିଁ ବା ଅନ୍ୟ କୌଣସି ବିପଦଶଙ୍କୁଳ ନିଯୁକ୍ତିରେ ନିୟୋଜିତ କରାଯିବ ନାହିଁ।"

ଭାରତୀୟ ସମ୍ବିଧାନର ଭାଗ-୪ (ରାଷ୍ଟ୍ରନୀତି ପ୍ରଣୟନ ପାଇଁ ନିର୍ଦ୍ଦେଶାତ୍ମକ ନିୟମାବଳୀ) ଅଧୀନରେ ସ୍ଥାନିତ ହୋଇଥିବା 'ଧାରା ୩୯(ଇ)' ରେ କୁହାଯାଇଛି ଯେ, "ବିଶେଷ ଭାବେ ରାଷ୍ଟ୍ର ନିଜର ନିୟମକୁ ଏଭଳି ଢଙ୍ଗରେ ପ୍ରଣୟନ କରିବ, ଯାହା ଫଳରେ ଏକଥା ସୁନିଶ୍ଚିତ ହୋଇପାରିବ ଯେ, (ଇ) ଶ୍ରମିକଗଣ, ପୁରୁଷ ଓ ମହିଳାମାନଙ୍କର ସ୍ୱାସ୍ଥ୍ୟ ଓ ଶକ୍ତି ତଥା ବାଳୁତମାନଙ୍କର କୋମଳ ବୟସର ଦୁରୁପଯୋଗ ଘଟିବ ନାହିଁ ତଥା ନାଗରିକମାନେ ଆର୍ଥିକ ତାଡନାରୁ ଏଭଳି କୌଣସି ବୃତ୍ତି ଅବଲମ୍ବନ କରିବାକୁ ବାଧ୍ୟ ହେବେ ନାହିଁ, ଯାହାକି ତାଙ୍କର ବୟସ ବା ଶକ୍ତି ଦୃଷ୍ଟିରୁ ଅବାଂଛନୀୟ"।

### ଆଇନ୍‌ଗତ ଓ ଅନ୍ୟାନ୍ୟ ପଦକ୍ଷେପ

୧୯୭୯ ମସିହାରେ ବାଳୁତ ଶ୍ରମ ସମସ୍ୟା ଅନୁଧ୍ୟାନ କରିବା ପାଇଁ ପ୍ରଥମେ କେନ୍ଦ୍ର ସରକାର ଗୁରୁପଦସ୍ୱାମୀ କମିଟି ଗଠନ କରିଥିଲେ । ଏହି କମିଟି କହିଥିଲେ ଯେ, ବାଳୁତ ଶ୍ରମ ଲୋକମାନଙ୍କର ଦାରିଦ୍ର୍ୟ ଓ ନିରକ୍ଷରତା ସହିତ ଜଡିତ ଥିବା ଏକ ସାମାଜିକ-ଆର୍ଥିକ ସମସ୍ୟା ହୋଇଥିବାରୁ ଆଇନ୍ ପ୍ରଣୟନ କରି ଏହାର ସଂପୂର୍ଣ୍ଣ ନିରାକରଣ ସମ୍ଭବ ନୁହେଁ । ସୁତରାଂ ବର୍ତ୍ତମାନ ସ୍ଥିତିରେ ଏକମାତ୍ର ବାସ୍ତବ ଉପାୟ ହେଉଛି, କେବଳ ବିପଦଶଙ୍କୁଳ ଶ୍ରମରେ ବାଳୁତ ନିଯୁକ୍ତିକୁ ନିଷିଦ୍ଧ କରି ଅନ୍ୟାନ୍ୟ କ୍ଷେତ୍ରରେ ଏହାକୁ ନିୟନ୍ତ୍ରଣ କରିବା । ଏହି କମିଟିର ସୁପାରିଶ୍ କ୍ରମେ ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬ ପ୍ରଣୀତ ହୋଇଥିଲା ।

ଉକ୍ତ ଆଇନ୍‌ରେ ବିପଦଶଙ୍କୁଳ ଶ୍ରମ ଓ ପ୍ରକ୍ରିୟାଗୁଡିକର ଏକ ତାଲିକା ସ୍ଥାନିତ ହୋଇଛି, ଯାହାକି ଆଇନ୍ ଅଧୀନରେ ଗଠିତ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟିର ପରାମର୍ଶ କ୍ରମେ ସେବେଠାରୁ ସଂପ୍ରସାରିତ ହୋଇଚାଲିଛି । ୧୯୮୭ରେ ବାଳୁତ ଶ୍ରମ ଉପରେ ଏକ ଜାତୀୟ ନୀତି ଘୋଷତ ହେଲା, ଯାହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିପଦଶଙ୍କୁଳ ଶ୍ରମ ଓ ପ୍ରକ୍ରିୟାରେ ନିୟୋଜିତ ଥିବା ବାଳୁତ ଶ୍ରମିକମାନଙ୍କୁ ଥଇଥାନ କରିବା ।

### ଜାତୀୟ ନୀତି

**ଆଇନ୍‌ଗତ ପଦକ୍ଷେପ-** ବାଳୁତ ଶ୍ରମ ଆଇନ୍ ଓ ଅନ୍ୟାନ୍ୟ ସଂପୃକ୍ତ ଆଇନ୍‌ଗୁଡିକୁ ଏଭଳି କଡାକଡି କାର୍ଯ୍ୟକାରୀ କରିବା, ଯାହା ଫଳରେ ବିପଦଶଙ୍କୁଳ କ୍ଷେତ୍ରରେ ବାଳୁତମାନେ ନିଯୁକ୍ତ ହେବେନାହିଁ ଏବଂ ଅଣ-ବିପଦଶଙ୍କୁଳ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟକ୍ଷେତ୍ରର ବାତାବରଣକୁ ଆଇନ୍‌ର ବ୍ୟବସ୍ଥାଗୁଡିକ ଅନୁଯାୟୀ ଉନ୍ନତ କରାଯିବ । ଏହାଛଡା ଆଉ କେଉଁସବୁ ନିଯୁକ୍ତିକ୍ଷେତ୍ର ବାଳୁତର ସ୍ୱାସ୍ଥ୍ୟ ଓ ନିରାପତ୍ତାପାଇଁ କ୍ଷତିକାରକ, ସେଗୁଡିକୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଜାରି ରହିବ ।

**ଉନ୍ନୟନ କାର୍ଯ୍ୟକ୍ରମ-**ବାଳୁତ ଶ୍ରମିକ ଓ ତାର ପରିବାରକୁ ସରକାରଙ୍କ ବିଭିନ୍ନ ଦାରିଦ୍ର୍ୟ ଦୂରୀକରଣ ଯୋଜନା ଭିତରେ ସାମିଲ୍ କରାଯିବ ।

**ପ୍ରକଳ୍ପ ଭିତ୍ତିକ କର୍ମଯୋଜନା-** ବାଳୁତ ଶ୍ରମର ବହୁଳତା ଥିବା ଅଞ୍ଚଳମାନଙ୍କରେ ବିଭିନ୍ନ ପ୍ରକଳ୍ପ ଆରମ୍ଭ କରାଯିବ । ତଦନୁଯାୟୀ ୧୯୮୮ରେ ଜାତୀୟ ବାଳୁତ ଶ୍ରମିକ ପ୍ରକଳ୍ପ (ଏନ୍.ସି.ଏଲ୍.ପି.)ର ଅୟମାରମ୍ଭ ହୋଇଥିଲା । ଏହି ପ୍ରକଳ୍ପ ଅନୁଯାୟୀ କାର୍ଯ୍ୟକ୍ଷେତ୍ରରୁ ମୁକ୍ତ କରାଯାଇଥିବା ବାଳୁତ ଶ୍ରମିକ ମାନଙ୍କ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟମାନ ପରିଚାଳିତ ହେବ । ଏ ପ୍ରକାର ବିଦ୍ୟାଳୟରେ ଭର୍ତ୍ତି ହେଉଥିବା ଜଣେ ବାଳୁତକୁ ଆନୁଷ୍ଠାନିକ/ ଅଣ-ଆନୁଷ୍ଠାନିକ ଶିକ୍ଷା ସହ ବୈଷୟିକ ତାଲିମ୍, ମାସକୁ ୧୦୦ଟଙ୍କାର ଷ୍ଟାଇପେଣ୍ଡ, ଅନୁପୂରକ ପୁଷ୍ଟିକାରକ ଖାଦ୍ୟ ତଥା ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ସୁଯୋଗ ପ୍ରଦାନ କରାଯିବ, ଯାହା ଫଳରେ ନିୟମିତ ଶିକ୍ଷାସ୍ରୋତରେ ସେମାନଙ୍କୁ ସାମିଲ୍ କରିବା ସହଜ ହେବ । ଜିଲ୍ଲାପାଳମାନଙ୍କୁ ଏହି ସ୍କୁଲ୍‌ଗୁଡିକର ପରଚାଳନା ପାଇଁ ସରକାର ଅନୁଦାନ ରାଶି ଯୋଗାଇ ଦେଇଆସୁଛନ୍ତି ଏବଂ ଜିଲ୍ଲାପାଳ ଏନ୍.ଜି.ଓ.ମାନଙ୍କ ଜରିଆରେ ଏହି ସ୍କୁଲ୍‌ଗୁଡିକର ପରିଚାଳନା କରୁଛନ୍ତି । ୧୯୮୮ରେ ଦେଶର ମାତ୍ର ୧୨ଟି ଜିଲ୍ଲାରେ ଏପ୍ରକାର ସ୍କୁଲ୍ ଚାଲୁଥିବା ବେଳେ ୧୦ମ ପଞ୍ଚବାର୍ଷିକ ଯୋଜନାରେ ୨୫୦ଟି ଜିଲ୍ଲାକୁ ଏହା ବ୍ୟାପ୍ତ ହୋଇଛି ।

ରାଜ୍ୟ ସରକାରଙ୍କ ଭୂମିକା- ବାଳୁତ ଶ୍ରମ ମୂଳତଃ ରାଜ୍ୟ ସରକାରଙ୍କ ବିଷୟ ହୋଇଥିବାରୁ ବାଳୁତ ଶ୍ରମ ନିଯୁକ୍ତ କରୁଥିବା ସଂସ୍ଥାଗୁଡିକୁ ପରିଦର୍ଶନ ଓ ଚଢାଉ କରି ଆଇନ୍‌ର ଉଲ୍ଲଂଘନକାରୀଙ୍କୁ ଧରିବା ଓ ଦଣ୍ଡିତ କରିବା ସେମାନଙ୍କର କର୍ତ୍ତବ୍ୟ ।

**ଦଶମ ପଞ୍ଚବାର୍ଷିକ ଯୋଜନାର କାର୍ଯ୍ୟକୌଶଳ**

୨୦୦୧ରେ ଭି.ଭି.ଗିରି ଜାତୀୟ ଶ୍ରମ ପ୍ରତିଷ୍ଠାନର ସହଯୋଗିତାରେ କେତେକ ନିରପେକ୍ଷ ସଂସ୍ଥା ଦ୍ୱାରା ବାଳୁତ ଶ୍ରମ ସଂପର୍କୀତ ସ୍କିମ୍‌ଗୁଡିକର କାର୍ଯ୍ୟକାରିତା ଉପରେ ଏକ ମୂଲ୍ୟାୟନ ହୋଇଥିଲା । ତହିଁର ସୁପାରିଶ୍ ତଥା ୧୯୮୮ ଠାରୁ ଅତୀତର ଅଭିଜ୍ଞତା ଭିତ୍ତିରେ ଦଶମ ପଞ୍ଚବାର୍ଷିକ ଯୋଜନା ପାଇଁ ଏକ ସଂଶୋଧିତ ବାଳୁତ ଶ୍ରମ ନିରାକରଣ ସ୍କିମ୍ ପ୍ରସ୍ତୁତ ହୋଇଥିଲା, ଯାହାର ମୁଖ୍ୟାଂଶ ହେଉଛି-

- ଯୋଜନାର ସମାପ୍ତି ସୁଦ୍ଧା ବିପଦଶଙ୍କୁଳ କ୍ଷେତ୍ରରେ ବାଳୁତ ଶ୍ରମର ନିରାକରଣ ।
- ଏନ୍.ସି.ଏଲ୍.ପି.କୁ ଅତିରିକ୍ତ ୧୫୦ଟି ଜିଲ୍ଲାକୁ ସଂପ୍ରସାରିତ କରିବା ।
- ବାଳୁତ ଶ୍ରମ ନିରାକରଣ କାର୍ଯ୍ୟକ୍ରମକୁ ସର୍ବଶିକ୍ଷା ଅଭିଯାନ ସହ ସଂଯୁକ୍ତ କରିବା, ଯାହା ଫଳରେ ୫-୮ ବର୍ଷର ପିଲାମାନଙ୍କୁ ସିଧାସଳଖ ଆନୁଷ୍ଠାନିକ ବିଦ୍ୟାଳୟରେ ଭର୍ତ୍ତି କରାଇ ହେବ, ତଥା ଅଧିକ ବୟସର ପିଲାଙ୍କୁ ଏନ୍.ସି.ଏଲ୍.ପି. ବିଦ୍ୟାଳୟ ମାଧ୍ୟମରେ ଶିକ୍ଷାଦାନ କଲାପରେ ଆନୁଷ୍ଠାନିକ ବିଦ୍ୟାଳୟରେ ଭର୍ତ୍ତି କରାଯିବ ।
- ଶିକ୍ଷା, ଗ୍ରାମ ଉନ୍ନୟନ, ସ୍ୱାସ୍ଥ୍ୟ, ମହିଳା ଓ ବାଳୁତ ବିକାଶ ଇତ୍ୟାଦି ବିଭାଗଗୁଡିକ ଦ୍ୱାରା ପରିଚାଳିତ ବିଭିନ୍ନ ସ୍କିମ୍ ସହିତ ବାଳୁତ ଶ୍ରମ ନିରାକରଣ କାର୍ଯ୍ୟକ୍ରମର ସମନ୍ୱୟ ସ୍ଥାପନା କରିବା ।

ଏହାଛଡା ଯୁକ୍ତରାଷ୍ଟ୍ର ଆମେରିକାର ଶ୍ରମ ବିଭାଗର ସହାୟତାରେ ଇଣ୍ଡସ୍ ବୋଲି ଏକ ସ୍କିମ୍ କାର୍ଯକାରୀ ହେଉଛି, ଯାହା ଅଧୀନରେ ଅତିରିକ୍ତ ୨୧ଟି ଜିଲ୍ଲାରେ ଉପରୋକ୍ତ ସରକାରୀ ସ୍କିମ୍ ଭଳି କାର୍ଯ୍ୟକ୍ରମ ଚାଲୁରହିଛି ।

ପୁଣି ଯେଉଁସବୁ ଜିଲ୍ଲାରେ ଉପରୋକ୍ତ ସ୍କିମ୍‌ଗୁଡିକ ଚାଲୁ ହୋଇନାହିଁ, ସେସବୁ ଜିଲ୍ଲାରେ ବାଳୁତ ଶ୍ରମ ନିରାକରଣ ପାଇଁ ସ୍ୱତନ୍ତ୍ର ବିଦ୍ୟାଳୟମାନ ପରିଚାଳନା କରିବା ସକାଶେ ଶ୍ରମ ମନ୍ତ୍ରଣାଳୟର ଗ୍ରାଣ୍ଟ-ଇନ୍.ଏଡ୍. ସ୍କିମ୍ ମାଧ୍ୟମରେ ଏନ୍.ଜି.ଓ. ମାନଙ୍କୁ ଅନୁଦାନ ପ୍ରଦାନ କରାଯାଉଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବାଳୁତ ଶ୍ରମ ନିରାକରଣ ହେଉଛି ଶ୍ରମ ମନ୍ତ୍ରଣାଳୟର ସର୍ବବୃହତ୍ କାର୍ଯ୍ୟକ୍ରମ । ନବମ ପଞ୍ଚବାର୍ଷିକ ଯୋଜନାରେ ଏହି ମନ୍ତ୍ରଣାଳୟ ଏଥିପାଇଁ ମାତ୍ର ୧୭୮ କୋଟି ଟଙ୍କା ଖର୍ଚ୍ଚ କରିଥିଲେ ହେଁ, ଦଶମ ଯୋଜନାରେ ଏହା ୬୦୨ କୋଟିରେ ପହଞ୍ଚିଛି, ଯାହାକି ମନ୍ତ୍ରଣାଳୟର ସମୁଦାୟ ବଜେଟ୍‌ର ପ୍ରାୟ ଶତକଡା ୫୦ ।

## ବାଳୁତ ଶ୍ରମ (ନିଷେଧ ଓ ନିୟନ୍ତ୍ରଣ) ଆଇନ୍ ୧୯୮୬

- ମୋଟ୍ ୨୬ଟି ଧାରା ବିଶିଷ୍ଟ ଏହି ଆଇନ୍ ୪ ଭାଗରେ ବିଭକ୍ତ, ଯଥା ଭାଗ-୧, ଧାରା-୧ ଓ ୨(ପ୍ରାରମ୍ଭିକ); ଭାଗ-୨, ଧାରା ୩,୪ ଓ ୫ (ନିର୍ଦ୍ଦିଷ୍ଟ ଶ୍ରମକ୍ଷେତ୍ର ଓ ପ୍ରକ୍ରିୟାସମୂହରେ ବାଳୁତ ନିଯୁକ୍ତି ଉପରେ ନିଷେଧାଜ୍ଞା ; ଭାଗ-୩, ଧାରା-୬ରୁ ୧୩ (ଯେଉଁ ପରିସ୍ଥିତିରେ ବାଳୁତମାନେ ଶ୍ରମ କରନ୍ତି, ତହିଁର ନିୟନ୍ତ୍ରଣ ) ; ଓ ଭାଗ-୪, ଧାରା ୧୪ରୁ ୨୬ (ବିବିଧ) ।

- ଏହି ଆଇନ୍ ଅନୁଯାୟୀ ୧୪ବର୍ଷ ପର୍ଯ୍ୟନ୍ତ କୌଣସି ବାଳୁତକୁ କାରଖାନା, ଖଣି ବା ଅନ୍ୟ କୌଣସି ବିପଦଶଙ୍କୁଳ ଶ୍ରମରେ ନିୟୋଜନ ନିଷିଦ୍ଧ ଅଟେ ***(ଧାରା-୩)*** । ଅନ୍ୟାନ୍ୟ ଶ୍ରମ କ୍ଷେତ୍ରରେ ବାଳୁତ ଶ୍ରମିକର କାର୍ଯ୍ୟର ପରିବେଶକୁ ନିୟନ୍ତ୍ରଣ କରାଯିବ । କିନ୍ତୁ ଯେଉଁସ୍ଥଳେ ଗୋଟିଏ ଶ୍ରମ-ଭିତ୍ତିକ କାର୍ଯ୍ୟ ପରିବାରର ଲୋକଙ୍କ ଦ୍ୱାରା ପରିଚାଳିତ ହେଉଥାଏ ବା ସରକାରଙ୍କ ଦ୍ୱାରା ପରିଚାଳିତ, ସ୍ୱୀକୃତି ପ୍ରାପ୍ତ ବା ସହାୟତା ପ୍ରାପ୍ତ ସ୍କୁଲ୍‌ରେ କୌଣସି ଶ୍ରମ-ଭିତ୍ତିକ କାର୍ଯ୍ୟ ଚାଲୁଥାଏ, ସେପରି ସ୍ଥଳେ ନିଯୁକ୍ତ ହେଉଥିବା ବାଳୁତମାନଙ୍କ ପ୍ରତି ଏହି ଆଇନ୍ ପ୍ରଯୁଜ୍ୟ ହେବନାହିଁ ***(ଧାରା-୩ର ପରନ୍ତୁକ)*** ।

- ମୂଳ ଆଇନ୍‌ର ଧାରା-୩ ଅନୁଯାୟୀ ଅନୁସୂଚୀରେ ସ୍ଥାନିତ ହୋଇଥିବା ଭାଗ-ଏ ଓ ଭାଗ-ବି ରେ ଯଥାକ୍ରମେ ସୂଚୀତ ହୋଇଥିବା ୭ଟି ଶ୍ରମକ୍ଷେତ୍ର ଓ ୧୮ଟି ଶ୍ରମପ୍ରକ୍ରିୟାରେ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଥିଲା । କେଉଁ କେଉଁ ନୂତନ କ୍ଷେତ୍ର ବା ପ୍ରକ୍ରିୟା ଗୁଡିକରେ ବାଳୁତ ଶ୍ରମ ନିଷିଦ୍ଧ କରାଯାଇ ପାରେ, ସେଥିପାଇଁ ପରାମର୍ଶ ଦେବାପାଇଁ କେନ୍ଦ୍ର ସରକାର ଗୋଟିଏ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟି ଗଠନ କରିବେ ***(ଧାରା-୫)*** । କାଳକ୍ରମେ ନିଷିଦ୍ଧ କ୍ଷେତ୍ର ଓ ପ୍ରକ୍ରିୟାର ସଂଖ୍ୟା ଯଥାକ୍ରମେ ୧୫ (ଭାଗ-ଏ) ଓ ୫୭(ଭାଗ-ବି) ରେ ପହଞ୍ଚିଛି । ୨୦୦୬ରେ ଏହି ଆଇନ୍‌ର ଏକ ସଂଶୋଧନ ଅନୁଯାୟୀ ଘରୋଇ କାର୍ଯ୍ୟ ତଥା ହୋଟେଲ୍ ଓ ଢାବା ଇତ୍ୟାଦି ଭୋଜନାଳୟରେ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଛି ।

- ଯେଉଁସବୁ ଶ୍ରମକ୍ଷେତ୍ରରେ ବାଳୁତ ଶ୍ରମିକକୁ ଆଇନତଃ ନିୟୋଜନ କରିହେବ, କୌଣସି ଠାରେ ଏକାଦିକ୍ରମେ ତିନି ଘଣ୍ଟାରୁ ଅଧିକ ସମୟ ତାକୁ ଖଟାଇ ହେବନି ଏବଂ ତିନିଘଣ୍ଟାରୁ ଅଧିକ ଖଟାଇବା ପୂର୍ବରୁ ତାକୁ ଗୋଟିଏ ଘଣ୍ଟାର ବିଶ୍ରାମ ଦେବାକୁ ପଡିବ । ବିଶ୍ରାମ ସମୟ ଓ କାର୍ଯ୍ୟରେ ଯୋଗଦାନ ପୂର୍ବରୁ ପ୍ରତୀକ୍ଷା ସମୟ ସମେତ ମୋଟ୍ ୬ଘଣ୍ଟାରୁ ଅଧିକ ସମୟ ଗୋଟିଏ ଦିନରେ ଜଣେ ବାଳୁତ ଖଟିବ ନାହିଁ । ସଂଧ୍ୟା ୭ଟାରୁ ସକାଳ ୮ଟା ଭିତରେ କୌଣସି ବାଳୁତକୁ ଶ୍ରମରେ ନିୟୋଜନ କରାଯିବ ନାହିଁ । କୌଣସି ବାଳୁତକୁ ନିର୍ଦ୍ଧାରିତ ସମୟ ସୀମା ବାହାରେ ଶ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ । ଗୋଟିଏ ଦିନ ଭିତରେ ଜଣେ ବାଳୁତକୁ ଏକାଧିକ ସଂସ୍ଥାରେ ଶ୍ରମ କରିବାକୁ ଅନୁମତି ଦିଆଯିବ ନାହିଁ । ***(ଧାରା-୭)*** ।

- ସପ୍ତାହରେ ଗୋଟିଏ ପୁରା ଦିନ ଛୁଟି ଦେବାକୁ ପଡିବ ଏବଂ ଏହି ନିର୍ଦ୍ଦିଷ୍ଟ ଦିନ ସଂସ୍ଥାର ଏକ ସୁଦୃଶ୍ୟ ସ୍ଥାନରେ ବିଜ୍ଞାପିତ ହୋଇଥିବ ତଥା ତିନିମାସରୁ କମ୍ ସମୟ ଅବଧି ଭିତରେ ଏହି ଧାର୍ଯ୍ୟ ଦିନକୁ ବଦଳା ଯାଇପାରିବ ନାହିଁ । ***(ଧାରା-୮)*** ।

- ସଂପୃକ୍ତ ସରକାର ଏହି ଆଇନ୍‌ର କାର୍ଯ୍ୟକାରିତା ଉଦ୍ଦେଶ୍ୟରେ ଯଥାସଂଖ୍ୟକ ଇନ୍‌ସ୍‌ପେକ୍ଟର୍ ନିଯୁକ୍ତ କରିପାରନ୍ତି । (ଧାରା-୧୭) । ପ୍ରତି ସଂସ୍ଥା ସଂପୃକ୍ତ ଇନସ୍ପେକ୍ଟର୍‌ଙ୍କୁ ଏକ ଲିଖିତ ଅବଗତି ଦାଖଲ କରିବେ, ଯେଉଁଥିରେ ସଂସ୍ଥାର ନାମ ଓ ଅବସ୍ଥିତି, ସଂସ୍ଥାର ପରିଚାଳନା ଭାର ପ୍ରକୃତ ପକ୍ଷେ ଯାହାଙ୍କ ଉପରେ ନ୍ୟସ୍ତ ଥିବ, କେଉଁ ଠିକଣାରେ ସଂସ୍ଥାଙ୍କ ସହ ଯୋଗାଯୋଗ କରାଯିବ ତଥା ସଂସ୍ଥାରେ ଯେଉଁପ୍ରକାର କାର୍ଯ୍ୟ ବା ଶ୍ରମ ପ୍ରକ୍ରିୟା ଚାଲୁଥିବ, ସେସବୁ ବିଷୟରେ ସୂଚନା ସ୍ଥାନିତ ହୋଇଥିବ । ***(ଧାରା-୯)*** ।

- ବାଳୁତ ଶ୍ରମିକଙ୍କୁ ନିୟୋଜିତ କରୁଥିବା ପ୍ରତି ସଂସ୍ଥା ଏକ ରେଜିଷ୍ଟର୍ ରଖିବେ, ଯେଉଁଥିରେ ପ୍ରତି ବାଳୁତ ଶ୍ରମିକଙ୍କ ନାମ ଓ ଜନ୍ମତାରିଖ, ସେ ଯେତିକି ଘଣ୍ଟା ପାଇଁ ଶ୍ରମ କରିବ ଏବଂ ଶ୍ରମ ଭିତରେ ଯେଉଁ ସମୟ ଅବଧି ପାଇଁ ବିଶ୍ରାମ ନେବ, ଏବଂ କେଉଁ ଧରଣର ଶ୍ରମରେ ସେ ନିଯୁକ୍ତ ସେ ସଂବନ୍ଧରେ ସୂଚନା ତଥା ବିହିତ ହେବା ମତେ ଅନ୍ୟ ଯେ କୌଣସି ସବିଶେଷ ସୂଚନା

ଲିପିବଦ୍ଧ ହୋଇ ରହିବ । ଏହି ରେଜିଷ୍ଟର୍ ସଂସ୍ଥାରେ କାର୍ଯ୍ୟ ଚାଲୁଥିବା ବେଳେ ଇନ୍‌ସ୍ପେକ୍ଟର୍‌ଙ୍କ ଦ୍ୱାରା ନିରୀକ୍ଷଣ ପାଇଁ ମୁକ୍ତ ରହିବ । *(ଧାରା-୧୧)*।

- ରେଳବାଇ, ବନ୍ଦର ବା ଅନ୍ୟ ଯେ କୌଣସି ସଂସ୍ଥା ଧାରା-୩ (ବାଳୁତ ଶ୍ରମକୁ ନିଷେଧ) ଏବଂ ଧାରା-୧୪ (ଦଣ୍ଡବିଧାନ)ର ସାରାଂଶକୁ ଉଭୟ ସ୍ଥାନୀୟ ଓ ଇଂରାଜୀ ଭାଷାରେ ଲିପିବଦ୍ଧ କରି ଏକ ସୁଦୃଶ୍ୟ ସ୍ଥାନରେ ପ୍ରଦର୍ଶନ କରିବେ । *(ଧାରା-୧୨)*।

- ଏହି ଆଇନ୍‌ର ଧାରା-୩କୁ ଉଲ୍ଲଂଘନ କରି ବାଳୁତ ଶ୍ରମିକଙ୍କୁ ନିୟୋଜିତ କରୁଥିବା ସଂସ୍ଥା ବା ବ୍ୟକ୍ତିଙ୍କ ବିରୁଦ୍ଧରେ ସର୍ବନିମ୍ନ ୩ମାସରୁ ସର୍ବାଧିକ ୧ବର୍ଷ ଜେଲ୍ ବା ସର୍ବନିମ୍ନ ୧୦ହଜାରରୁ ସର୍ବାଧିକ ୨୦ହଜାର ଟଙ୍କାର ଜୋରିମାନା ବା ଉଭୟ ଦଣ୍ଡ ଲାଗୁ ହୋଇପାରିବ । ଧାରା-୩ର ପୁନର୍ବାର ଉଲ୍ଲଂଘନ ଘଟାଇଲେ ସଂପୃକ୍ତ ବ୍ୟକ୍ତିଙ୍କୁ ସର୍ବନିମ୍ନ ୬ମାସରୁ ସର୍ବାଧିକ ୨ବର୍ଷ ଜେଲ୍‌ଦଣ୍ଡ ମିଳିପାରିବ । ଅନ୍ୟାନ୍ୟ ବ୍ୟବସ୍ଥାର ଉଲ୍ଲଂଘନ ଘଟାଇଲେ ଏକମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡ ଲାଗୁ ହୋଇପାରିବ । *(ଧାରା-୧୪)*।

- ଯେ କୌଣସି ବ୍ୟକ୍ତି, ପୋଲିସ୍ ଅଫିସର୍ ବା ଇନ୍‌ସ୍ପେକ୍ଟର୍ ଏହି ଆଇନ୍‌ର ଉଲ୍ଲଂଘନ ବିଷୟରେ କ୍ଷମତାପ୍ରାପ୍ତ ଅଦାଲତରେ କେଶ୍ ରଜୁ କରିପାରନ୍ତି । ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ୍‌ଙ୍କ ଠାରୁ ଅଧସ୍ତନ କୌଣସି ଅଦାଲତ ଏଭଳି କେଶ୍ ବିଚାର କରିବେ ନାହିଁ । *(ଧାରା-୧୬)*।

- କେନ୍ଦ୍ର ବା ରାଜ୍ୟ ସରକାର ବିଭିନ୍ନ ସଂସ୍ଥାରେ କାର୍ଯ୍ୟରତ ବାଳୁତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ସ୍ୱାର୍ଥରେ ଏହି ଆଇନ୍ ଅଧୀନରେ ସୂଚୀତ ବିଷୟଗୁଡ଼ିକ ଉପରେ ନିୟମାବଳୀ ପ୍ରଣୟନ କରିପାରନ୍ତି । *(ଧାରା-୧୮)*। ୧୯୮୮ରେ କେନ୍ଦ୍ରୀୟ ନିୟମାବଳୀ ଘୋଷିତ ହୋଇଥିଲା, ଯେଉଁଥିରେ ବାଳୁତ ଶ୍ରମ ବୈଷୟିକ ଉପଦେଷ୍ଟା କମିଟିର ଗଠନ, ବୈଠକ ଓ କାର୍ଯ୍ୟାବଳୀ ସମ୍ବନ୍ଧରେ ବିସ୍ତୃତ ବ୍ୟବସ୍ଥା ସହିତ ପ୍ରତି ସଂସ୍ଥା ଦ୍ୱାରା ଅନୁରକ୍ଷଣୀୟ ରେଜିଷ୍ଟର୍ (ଫର୍ମ-ଏ)ର ପ୍ରରୂପ ଓ ବିବଦମାନ ସ୍ଥିତିରେ ବୟସ ନିର୍ଦ୍ଧାରଣର ପଦ୍ଧତି ସଂବନ୍ଧରେ ଉପବିଧାନସମୂହ ସ୍ଥାନିତ ହୋଇଛି ।

- କେତେକ ପ୍ରଚଳିତ ଆଇନ୍‌ରେ ସଂଶୋଧନ ପାଇଁ ଏହି ଆଇନ୍ ପ୍ରସ୍ତାବନା କରିଛି, ଯଥା କାରଖାନା ଆଇନ୍ ୧୯୪୮, ଖଣି ଆଇନ୍ ୧୯୫୨, ପଣ୍ୟବାହୀ ଜାହାଜ ଚଳାଚଳ ଆଇନ୍ ୧୯୫୮ ଓ ମୋଟର ପରିବହନ ଶ୍ରମିକ ଆଇନ୍, ୧୯୬୧ । ଏହାଛଡା ଏହି ଆଇନ୍‌ର ଅନ୍ୟ କୌଣସି ଅତିକ୍ରମଣ କ୍ଷମତା ନାହିଁ । *(ଧାରା-୨୦)*।

**ବାଳୁତ ଶ୍ରମ ନିବାରଣ ଉପରେ ଅନ୍ୟାନ୍ୟ ଆଇନ୍**

ଉପରୋକ୍ତ ଆଇନ୍ ଛଡା ନିମ୍ନୋକ୍ତ ଆଇନ୍ ଗୁଡିକରେ ମଧ୍ୟ ବାଳୁତ ଶ୍ରମକୁ ନିଷିଦ୍ଧ କରାଯାଇଛି । କିନ୍ତୁ ଏହି ସବୁ ଆଇନ୍‌ରେ ୧୪ବର୍ଷରୁ କମ୍ ବାଳୁତଙ୍କ ଶ୍ରମକୁ ନିଷିଦ୍ଧ କରାଯାଇଛି । ଯଦିଓ କିଶୋର ନ୍ୟାୟ ଆଇନ୍ ୨୦୦୦ ଓ ମିଳିତ ଜାତିସଂଘର ବାଳୁତ ଅଧିକାର ଘୋଷଣାନାମା ୧୯୮୯ରେ ୧୮ବର୍ଷ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିଙ୍କୁ ବାଳୁତ ବୋଲି ସଂଜ୍ଞାୟିତ କରାଯାଇଛି ।

- କାରଖାନା ଆଇନ୍ ୧୮୪୮
- ଖଣି ଆଇନ୍, ୧୯୫୨
- ଇକ୍ଷୁରୋପଣ ଶ୍ରମ ଆଇନ୍ ୧୯୫୧
- ବାଣିଜ୍ୟିକ ଜାହାଜ ପରିବହନ ଆଇନ୍ ୧୯୫୮

- ମୋଟରଯାନ ପରିବହନ ଶ୍ରମିକ ଆଇନ୍ ୧୯୬୧

- ବିଡି ଓ ସିଗାରେଟ୍ ଶ୍ରମିକ (ନିଯୁକ୍ତି ସର୍ତ୍ତାବଳୀ) ଆଇନ୍ ୧୯୬୬

- ବନ୍ଧକ ଶ୍ରମ ବ୍ୟବସ୍ଥା (ଉଚ୍ଛେଦ) ଆଇନ୍ ୧୯୭୬

## କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦

### (୨୦୦୬ର ସଂଶୋଧନ ଆଇନ୍ ଅନୁଯାୟୀ ସଂଶୋଧିତ ହୋଇଥିବା ମତେ)

ଭାରତୀୟ ସମ୍ବିଧାନର ଧାରା ୧୫ (୩), ୩୯ (ଇ) ଏବଂ (ଏଫ୍) ଏବଂ ଧାରା ୪୫ ଓ ୪୭ ସମେତ ବିଭିନ୍ନ ପ୍ରାବଧାନଗୁଡିକ ବାଳୁତମାନଙ୍କର ସମସ୍ତ ପ୍ରକାର ଆବଶ୍ୟକତା ଯେପରି ପୂରଣ ହୁଏ ତଥା ସେମାନଙ୍କର ମୌଳିକ ମାନବିକ ଅଧିକାରଗୁଡିକ ଯେପରି ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ରହେ, ତାହାକୁ ସୁନିଶ୍ଚିତ କରାଇବାର ପ୍ରାଥମିକ ଦାୟିତ୍ୱ ରାଷ୍ଟ୍ର ଉପରେ ନ୍ୟସ୍ତ କରିଛି । ମିଳିତ ଜାତିସଂଘର ସାଧାରଣ ସଭାରେ ବାଳୁତ ଅଧିକାର ଉପରେ ଏକ ଘୋଷଣାନାମା ୨୦ ନଭେମ୍ବର ୧୯୮୯ ତାରିଖରେ ଗୃହୀତ ହୋଇଥିଲା, ଏବଂ ଭାରତ ଏଥିରେ ୧୧ ଡିସେମ୍ବର ୧୯୯୨ ତାରିଖରେ ସ୍ୱାକ୍ଷର କରିଛି । ଏହାଛଡା କିଶୋର-ନ୍ୟାୟ ଉପରେ ମିଳିତ ଜାତିସଂଘର ସାର୍ବଜନୀନ ସର୍ବନିମ୍ନ ମାନଦଣ୍ଡ ନିୟମାବଳୀ ୧୯୮୫ (ବେଜିଙ୍ଗ୍ ନିୟମାବଳୀ), ସ୍ୱାଧିନତାରୁ ବଞ୍ଚିତ କିଶୋରଗଣଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଜାତିସଂଘ ନିୟମାବଳୀ (୧୯୯୦) ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆନ୍ତର୍ଜାତିକ ବିଧିବିଧାନରେ ବିହିତ ହୋଇଥିବା ମାନଦଣ୍ଡସମୂହକୁ ଭାରତ ମଧ୍ୟ ଗ୍ରହଣ କରିଛି ।

**୨୦୦୦ ମସିହା ଆଇନ୍-** ପୂର୍ବରୁ ପ୍ରଚଳିତ ଥିବା କିଶୋର ଆଇନ୍, ୧୯୮୬ର କାର୍ଯ୍ୟକାରିତାର ଏକ ସମୀକ୍ଷାରୁ ଜଣାପଡିଥିଲା ଯେ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ଅଛି । ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ଯେଉଁ ନ୍ୟାୟ ବ୍ୟବସ୍ଥା ଅଛି, ତାହା ଜଣେ କିଶୋର ବା ବାଳୁତ କ୍ଷେତ୍ରରେ ବା ସେମାନଙ୍କ ପାଇଁ ସକ୍ରିୟ ଥିବା ପୋଲିସ୍, ସ୍ୱେଚ୍ଛାସେବୀ ସଂଗଠନ, ସମାଜକର୍ମୀ ଅଥବା ପିତାମାତା ବା ଅଭିଭାବକଙ୍କ ସମେତ ଦେଶର କୌଣସି ବ୍ୟକ୍ତିଙ୍କ କ୍ଷେତ୍ରରେ ଉପଯୁକ୍ତ ବୋଲି ମନେ ହୁଏନାହିଁ । ବିଶେଷ କରି ପରିବାର, ସ୍ୱେଚ୍ଛାସେବୀ ସଂଗଠନସମୂହ ଏବଂ ଜନଗୋଷ୍ଠୀଙ୍କ ସମେତ ଅନୌପଚାରିକ ବ୍ୟବସ୍ଥାଗୁଡିକର ଏକ ବୃହତ୍ତର ସଂପୃକ୍ତିକୁ ସାକାର କରିବା ପାଇଁ ଏକ ନୂତନ ଆଇନ୍ ପ୍ରଣୟନ କରିବାର ଆବଶ୍ୟକତା ଅନୁଭବ କରାଗଲା । [ଦ୍ରଷ୍ଟବ୍ୟ- କିଶୋର ନ୍ୟାୟ (ବାଳୁତଙ୍କ ଯତ୍ନ ଓ ସୁରକ୍ଷା) ଆଇନ୍, ୨୦୦୦ର ଉଦ୍ଦେଶ୍ୟ ଓ କାରଣସମୂହ ଉପରେ ବୟାନ] ।

**୨୦୦୬ର ସଂଶୋଧନ-** କିନ୍ତୁ ୨୦୦୦ ମସିହା ଆଇନ୍‌ରେ କେତେକ ଆପତ୍ତିଜନକ ବ୍ୟବସ୍ଥା ଅଛି ବୋଲି ଦିଲ୍ଲୀ ହାଇକୋର୍ଟରେ ୨୦୦୧ରେ ଏକ ରିଟ୍ ଦାଖଲ ହୋଇଥିଲା ଏବଂ ହାଇକୋର୍ଟ ମଧ୍ୟ ଉକ୍ତ ଆଇନ୍‌ର ପୁନର୍ବିଚାର ସପକ୍ଷରେ ମତ ଦେଇଥିଲେ । ବିଭିନ୍ନ ମହଲରୁ ମତାମତ ସଂଗ୍ରହ କରାଗଲା ପରେ ୨୦୦୬ରେ ଏକ ସଂଶୋଧନ ଆଇନ୍ ଗୃହୀତ ହେଲା । କେନ୍ଦ୍ର ସରକାର ଏହି ସଂଶୋଧନ ଆଇନ୍ ସହିତ ସଂଗତି ରଖି ଆଦର୍ଶ ନିୟମାବଳୀ ପ୍ରଣୟନ କରିଛନ୍ତି ଏବଂ ଯେ ପର୍ଯ୍ୟନ୍ତ ରାଜ୍ୟ ଓ କେନ୍ଦ୍ରାଞ୍ଚଳ ମାନଙ୍କ ଦ୍ୱାରା ଏ କ୍ଷେତ୍ରରେ ନିୟମାବଳୀ ପ୍ରଣୀତ ନ ହୋଇଛି, ସେ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଆଦର୍ଶ ନିୟମାବଳୀ ପ୍ରଯୁଜ୍ୟ ରହିବ ।

***ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋର***

**କିଶୋର ନ୍ୟାୟ ପରିଷଦ**

- ପ୍ରତି ରାଜ୍ୟସରକାର ସଂଶୋଧନ ଆଇନ୍ ୨୦୦୬ର ପ୍ରାରମ୍ଭ ତାରିଖର ବର୍ଷକ ଭିତରେ ସରକାରୀ ଗେଜେଟ୍‌ରେ ବିଜ୍ଞପ୍ତି ପୂର୍ବକ ପ୍ରତି ଜିଲ୍ଲା ପାଇଁ ଏକ ବା ଏକାଧିକ କିଶୋର ନ୍ୟାୟ ପରିଷଦ ଗଠନ କରିପାରନ୍ତି, ଏବଂ ଏହି ପରିଷଦଗୁଡିକ ଆଇନ୍

ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସନ୍ଦର୍ଭରେ ଆଇନ୍‌ରେ ଦର୍ଶୀତ ହୋଇଥିବା ମତେ କ୍ଷମତାମାନ ପ୍ରୟୋଗ କରିବେ ଦାୟିତ୍ୱସବୁ ସମ୍ପାଦନ କରିବେ ।

- ଗୋଟିଏ ପରିଷଦ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଯଥାସ୍ଥିତ ଜଣେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ଏବଂ ଅନ୍ତତଃ ଜଣେ ମହିଳା ସମେତ ଦୁଇଜଣ ସମାଜ କର୍ମୀଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କୁ ନେଇ ଏକ ବିଚାରପୀଠ କାର୍ଯ୍ୟ କରିବ, ଏବଂ ଏତାଦୃଶ ପ୍ରତି ବିଚାରପୀଠଙ୍କର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ ବଳରେ ଯଥାସ୍ଥିତି ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ବା ଜଣେ ପ୍ରଥମ ଶ୍ରେଣୀ ବିଚାରବଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଉପରେ ନ୍ୟସ୍ତ ହୋଇଥାଏ, ଏବଂ ପରିଷଦରେ ଥିବା ମାଜିଷ୍ଟ୍ରେଟ୍‌ଙ୍କୁ ମୁଖ୍ୟ ମାଜିଷ୍ଟ୍ରେଟ୍ ନାମରେ ପଦନାମିତ କରାଯିବ ।

- ବାଳୁତ ମନସ୍ତତ୍ତ୍ୱ ବା ବାଳୁତ କଲ୍ୟାଣ ସମ୍ବନ୍ଧରେ ସବିଶେଷ ଜ୍ଞାନ ବା ପ୍ରଶିକ୍ଷଣ ନଥିବା କୌଣସି ମାଜିଷ୍ଟ୍ରେଟ୍‌ଙ୍କୁ ପରିଷଦର ସଦସ୍ୟ ଭାବେ ନିଯୁକ୍ତ କରାଯିବ ନାହିଁ, ଏବଂ ବାଳୁତମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟାବଳୀରେ ଅନ୍ତତଃ ସାତବର୍ଷ ଧରି ସକ୍ରିୟ ଭାବେ ଜଡ଼ିତ ହୋଇ ନଥିବା କୋଣସି ସମାଜକର୍ମୀଙ୍କୁ ପରିଷଦର ସଦସ୍ୟ ଭାବରେ ନିଯୁକ୍ତ କରାଯିବ ନାହିଁ ।

- ରାଜ୍ୟ ସରକାର ଏକ ଅନୁସନ୍ଧାନ କଲା ପରେ ପରିଷଦର ଜଣେ ସଦସ୍ୟଙ୍କୁ କ୍ଷମତାର ଅପବ୍ୟବହାର, ନୈତିକ ଭ୍ରଷ୍ଟତା ବା ଲଗାତାର ଅନୁପସ୍ଥିତି କାରଣ ଭିତ୍ତିରେ ବହିଷ୍କାର କରିପାରନ୍ତି ।

## ପରିବେକ୍ଷଣ ଗୃହ

- ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କ ସମ୍ବନ୍ଧରେ ଏକ ଅନୁସନ୍ଧାନ ଚାଲୁ ରହିଥିବା ସମୟରେ ସେମାନଙ୍କ ସାମୟିକ ଅବସ୍ଥାନ ପାଇଁ ପ୍ରତି ଜିଲ୍ଲାରେ ବା ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ଆବଶ୍ୟକ ହେଉଥିବା ପରିବେକ୍ଷଣ ଗୃହମାନ ଯେ କୌଣସି ରାଜ୍ୟ ସରକାର ନିଜେ ଅଥବା ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କ ସହ ରାଜିନାମା କ୍ରମେ ସ୍ଥାପନା ଏବଂ ରକ୍ଷଣାବେକ୍ଷଣ କରାଇବେ ।

- ଜଣେ କିଶୋରର ଥଇଥାନ ଓ ସାମାଜିକ ପୁନର୍ମିଳନକୁ ଦୃଷ୍ଟିରେ ରଖି ପରିବେକ୍ଷଣ ଗୃହଗୁଡ଼ିକର ପରିଚାଳନା ବିଷୟରେ ରଜ୍ୟସରକାର ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିପାରନ୍ତି ;

- ଏକ ବୟସ-ଭିତ୍ତିକ ବର୍ଗୀକରଣ, ଯଥା ସାତବର୍ଷରୁ ବାରବର୍ଷ, ବାରବର୍ଷରୁ ଷୋଳବର୍ଷ ଏବଂ ଷୋଳବର୍ଷରୁ ଅଠରବର୍ଷ କରାଯିବା ସହିତ ସଂପୃକ୍ତ କିଶୋରର ଶାରିରୀକ ଓ ମାନସିକ ସ୍ଥିତି ଏବଂ ସଂଘଟିତ ଅପରାଧର ମାତ୍ରାକୁ ଯଥୋଚିତ ଭାବେ ବିଚାରକୁ ନେଲା ପରେ ତାକୁ ପରିବେକ୍ଷଣ ଗୃହରେ ତାକୁ ଭର୍ତ୍ତି କରାଯାଇପାରେ ;

## ସ୍ୱତନ୍ତ୍ର ଗୃହ

- ପ୍ରତି ରାଜ୍ୟ ସରକାର ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର ସାମୟିକ ରହଣି ଏବଂ ଥଇଥାନ ପାଇଁ ଆବଶ୍ୟକ ହେଉଥିବା ସ୍ୱତନ୍ତ୍ର ଗୃହ ନିଜେ ବା ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ସହ ରାଜିନାମା ଭିତ୍ତିରେ ପ୍ରତ୍ୟେକ ଜିଲ୍ଲା ବା ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ସ୍ଥାପନା ଓ ପରିଚାଳନା କରିପାରନ୍ତି ।

- ସ୍ୱତନ୍ତ୍ର ଗୃହମାନଙ୍କ ଦ୍ୱାରା ଗୋଟିଏ କିଶୋରର ପୁନଃ-ସାମାଜିକୀକରଣ ପାଇଁ ଆବଶ୍ୟକ ହେଉଥିବା  ସେବାସମୂହର ମାନଦଣ୍ଡ ଓ ପ୍ରକାରଭେଦ ସମେତ ସ୍ୱତନ୍ତ୍ର ଗୃହମାନଙ୍କର ପରିଚାଳନା ତଥା ସ୍ୱୀକୃତିକୁ ମଞ୍ଜୁରି ବା ପ୍ରତ୍ୟାହାର ବିଷୟରେ ରାଜ୍ୟ ସରକାର ନିୟମାବଳୀ ପ୍ରଣୟନ କରିବେ ।

- ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କିଶୋରମାନଙ୍କର ବୟସ ଓ ସେମାନଙ୍କ ଦ୍ୱାରା ସଂଘଟିତ ଅପରାଧର ପ୍ରକୃତି ତଥା ପ୍ରତି କିଶୋରର ମାନସିକ ଓ ଶାରିରୀକ ସ୍ଥିତିକୁ ଭିତ୍ତିକରି ସେମାନଙ୍କର ବର୍ଗୀକରଣ ଏବଂ ପୃଥକୀକରଣ ପାଇଁ ଆବଶ୍ୟକ ବିଧିବ୍ୟବସ୍ଥା ନିୟମାବଳୀରେ ସ୍ଥାନିତ ହୋଇପାରେ ।

## କିଶୋରକୁ ଗିରଫ

ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରଙ୍କୁ ପୋଲିସ ଦ୍ୱାରା ଗିରଫ କରାଯିବା ମାତ୍ରେ ଯଥାଶୀଘ୍ର ତାଙ୍କୁ ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ସେଥିପାଇଁ ପଦନାମିତ ପୁଲିସ ଅଫିସରଙ୍କ ଦାୟିତ୍ୱରେ ନ୍ୟସ୍ତ କରାଯିବ, ଯେ କି କାଳବିଳମ୍ବ ନକରି ଗିରଫ କରିବାର ୨୪ ଘଣ୍ଟା ଭିତରେ ସଂପୃକ୍ତ କିଶୋରଙ୍କୁ ପରିଷଦ ନିକଟରେ ହାଜର କରାଇବେ , ପରନ୍ତୁ, ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋରଙ୍କୁ କୌଣସି ସ୍ଥିତିରେ ବି ପୋଲିସ୍ ହାଜତରେ ରଖାଯିବ  ନାହିଁ ବା ଜେଲ୍‌ରେ ଭର୍ତ୍ତି କରାଯିବ ନାହିଁ ।

## କିଶୋରକୁ ଜାମିନ୍

- ଯଦି ଏକ ଜାମିନ୍-ଯୋଗ୍ୟ ବା ଜାମିନ୍-ରହିତ ଅପରାଧରେ ଅଭିଯୁକ୍ତ ହୋଇଥିବା ହେତୁ ଜଣେ କିଶୋରକୁ ଗିରଫ ବା ଅଟକ କରାଯାଇଥାଏ ଅଥବା ଏକ ପରିଷଦ ସମ୍ମୁଖରେ ସେ ନିଜେ ହାଜର ହୋଇଥାଏ ବା ତାକୁ ହାଜର କରାଯାଇଥାଏ, ତେବେ ଫୌଜଦାରୀ କାର୍ଯ୍ୟବିଧି ସଂହିତା ୧୯୭୩ (୧୯୭୪ର ଆଇନ୍ ସଂଖ୍ୟା ୨) ବା ପ୍ରଚଳିତ ଅନ୍ୟ କୌଣସି ଆଇନ୍‌ରେ ଯାହାକିଛି ସ୍ଥାନିତ ହୋଇଥାଉନା କାହିଁକି, ସେପରି ବ୍ୟକ୍ତିଙ୍କୁ ଜମାନତ ସହିତ ବା  ଜମାନତ ବିନା ଖଲାସ କରି ଦିଆଯିବ, ନଚେତ୍ ଜଣେ ପରିବୀକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ସ୍ଥାନିତ କରାଯିବ ଅଥବା ଗୋଟିଏ ସମର୍ଥ ଅନୁଷ୍ଠାନ ବା ସମର୍ଥ ବ୍ୟକ୍ତିଙ୍କ ଯତ୍ନ ଅଧୀନରେ ରଖାଯିବ; କିନ୍ତୁ ତାକୁ ଖଲାସ କରାଗଲେ ଯଦି ସେ କୌଣସି କୁଖ୍ୟାତ ଅପରାଧୀର ସଂସ୍ପର୍ଶରେ ଆସିପାରେ ବା ନୈତିକ, ଶାରିରୀକ କିମ୍ବା ମନସ୍ତାତ୍ତ୍ୱିକ ବିପତ୍ତିର ଶିକାର ହୋଇପାରେ ଅଥବା ତାକୁ ଖଲାସ କରାଗଲେ ନ୍ୟାୟ ହାସଲର ଲକ୍ଷ୍ୟ ବିଫଳ ହୋଇଯିବାର ଆଶଙ୍କା ଥାଏ, ତେବେ ତାକୁ ଜାମିନ୍‌ରେ ଖଲାସ କରାଯିବ ନାହିଁ ।

- ଯେଉଁସ୍ଥଳେ ସଂପୃକ୍ତ କିଶୋରକୁ ଜାମିନ୍‌ରେ ଖଲାସ ନକରାଯିବ, ସେପରି ସ୍ଥଳେ ତାକୁ ପରିଷଦ ସମ୍ମୁଖରେ ହାଜର କରାଇବା ପର୍ଯ୍ୟନ୍ତ ସଂପୃକ୍ତ ପୋଲିସ୍ ଅଫିସର୍ ତାକୁ ଏକ ପରିବେକ୍ଷଣ ଗୃହରେ ରଖିବାର ବ୍ୟବସ୍ଥା କରାଇବେ ।

- ଯେଉଁସ୍ଥଳେ ପରିଷଦ ଉକ୍ତ କିଶୋରକୁ ଜାମିନ୍‌ରେ ଖଲାସ ନକରନ୍ତି, ସେପରି ସ୍ଥଳେ ସେ ତାକୁ ଜେଲ୍‌କୁ ନ ପଠାଇ ଏକ ପରିବେକ୍ଷଣ ଗୃହ ବା ଏକ ନିରାପଦ ସ୍ଥାନକୁ ପ୍ରେରଣ କରିବେ ଏବଂ ସଂପୃକ୍ତ କିଶୋର ସମ୍ବନ୍ଧରେ ଯେ ପର୍ଯ୍ୟନ୍ତ ଅନୁସନ୍ଧାନ ସମାପ୍ତ ନହୋଇଛି, ସେପର୍ଯ୍ୟନ୍ତ ତାକୁ ଏକ ପରିବେକ୍ଷଣ ଗୃହ ବା ଏକ ନିରାପଦ ସ୍ଥାନରେ ରଖାଯିବ ।

## ପରିଷଦ ଦ୍ୱାରା କିଶୋର ସମ୍ବନ୍ଧରେ ଅନୁସନ୍ଧାନ

- ଅଭିଯୁକ୍ତ କିଶୋର ସମ୍ବନ୍ଧରେ ପରିଷଦ ଏକ ଅନୁସନ୍ଧାନ ଆୟୋଜନ କରିବେ ଓ ଉକ୍ତ କିଶୋର ସମ୍ପର୍କରେ ଯାହା ଉପଯୁକ୍ତ ମନେକରିବେ, ସେହି ପ୍ରକାର ଆଦେଶ ଜାରି କରିବେ, ପରନ୍ତୁ, ସାଧାରଣତଃ ଏକ ଅନୁସନ୍ଧାନ ଚାରିମାସ ମଧ୍ୟରେ ସମାପ୍ତ ହେବ ।

- ମୁଖ୍ୟ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମୁଖ୍ୟ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ପରିଷଦଙ୍କ ଠାରେ ଥିବା ମାମଲାଗୁଡିକର ବକେୟା ସ୍ଥିତିକୁ ପ୍ରତି ଛ ମାସରେ ଥରେ ସମୀକ୍ଷା କରିବେ, ଏବଂ ପରିଷଦଙ୍କୁ ଅଧିକ କ୍ଷିପ୍ରତର ଗତିରେ ନିଜର ବୈଠକଗୁଡିକୁ ଆୟୋଜନ କରାଇବା ପାଇଁ ନିର୍ଦ୍ଦେଶ ଦେବେ ।

## କିଶୋର ସମ୍ପର୍କରେ କେଉଁ ଆଦେଶ ଜାରି କରାଯାଇପାରେ

- ପରିଷଦ ପିତାମାତା, ଅଭିଭାବକ ଏବଂ ସଂପୃକ୍ତ କିଶୋରଙ୍କ ସମ୍ବନ୍ଧରେ ଯଥୋଚିତ ଅନୁସନ୍ଧାନ କରି ସେମାନଙ୍କ ସହ ପରାମର୍ଶ କଲାପରେ ଉକ୍ତ କିଶୋରଙ୍କୁ ଉପଦେଶ ଓ ଚେତାବନୀ ଦେଇ ଗୃହକୁ ଫେରିଯିବା ପାଇଁ ଅନୁମତି ଦେଇପାରନ୍ତି ;
- କୋଣସି ସମୂହ ସେବା ପାଇଁ ଉଦ୍ଦିଷ୍ଟ କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ସଂପୃକ୍ତ କିଶୋରଙ୍କୁ ପରିଷଦ ନିର୍ଦ୍ଦେଶ ଦେଇପାରନ୍ତି ;

- ଯଦି କିଶୋର ଜଣକ ଚଉଦ ବର୍ଷରୁ ଅଧିକ ହୋଇଥିବ ଏବଂ ଅର୍ଥ ଉପାର୍ଜନ କରୁଥିବ, ତେବେ ଉକ୍ତ କିଶୋରର ପିତାମାତାଙ୍କୁ ବା ତାକୁ ଜୋରିମାନା ଦେବାକୁ ପରିଷଦ ଆଦେଶ ଦେଇପାରନ୍ତି ;

- ଉତ୍ତମ ଆଚରଣ ପାଇଁ କିଶୋରର ପିତାମାତା, ଅଭିଭାବକ ବା ଅନ୍ୟକୌଣସି ସମର୍ଥ ବ୍ୟକ୍ତିଙ୍କ ଠାରୁ ଏକ ଅଙ୍ଗୀକାର ମିଳିବା ପରେ ଜମାନତ ସହିତ ବା ଜମାନତ ବ୍ୟତିରେକ ସର୍ବାଧିକ ତିନିବର୍ଷ ପାଇଁ ସଂପୃକ୍ତ କିଶୋରକୁ ଖଲାସ କରି ତାକୁ ପିତାମାତା, ଅଭିଭାବକ ବା ଅନ୍ୟ କୌଣସି ସମର୍ଥ ବ୍ୟକ୍ତି ବା ସମର୍ଥ ଅନୁଷ୍ଠାନଙ୍କ ହେପାଜତ୍ ଅଧୀନରେ ରଖିବା ପାଇଁ ପରିଷଦ ନିର୍ଦ୍ଦେଶ ଦେଇ ପାରନ୍ତି ;

- ସଂପୃକ୍ତ କିଶୋରକୁ ଏକ ସ୍ୱତନ୍ତ୍ର ଗୃହରେ ତିନିବର୍ଷ ପାଇଁ ରହିବା ସକାଶେ ପରିଷଦ ଆଦେଶ କରିପାରନ୍ତି ; ପରନ୍ତୁ, ଅପରାଧର ପ୍ରକୃତି ଏବଂ ମାମଲାଟିର ପାରିପାର୍ଶ୍ୱିକ ସ୍ଥିତିସମୂହକୁ ଅନୁଧ୍ୟାନ କରି ପରିଷଦ ଏହି ରହଣି ସମୟକୁ ହ୍ରାସ କରିପାରନ୍ତି ।

## କିଶୋର ବିରୋଧରେ କେଉଁ ଆଦେଶ ଦିଆ ଯାଇପାରିବ ନାହିଁ

- ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ କୌଣସି କିଶୋରକୁ ମୃତ୍ୟୁଦଣ୍ଡ ଦିଆଯିବ ନାହିଁ ବା ଆଜୀବନ ଜେଲ୍‌ଦଣ୍ଡ ଦିଆଯିବ ନାହିଁ, କିମ୍ବା ଜୋରିମାନା ପଇଠ ବା ଜମାନତ ଯୋଗାଇବାରେ ବିଫଳ ହେବାର ବିକଳ୍ପ ବ୍ୟବସ୍ଥା ରୂପେ ଜେଲ୍‌ଦଣ୍ଡ ଦିଆଯାଇ ପାରିବନାହିଁ :

- ଯେଉଁସ୍ଥଳେ ସଂପୃକ୍ତ କିଶୋରର ବୟସ ଷୋଳ ବର୍ଷ ବା ତଦୂର୍ଦ୍ଧ ହୋଇଥିବ ଓ ବିଶେଷ କାରଣ ଯୋଗୁଁ ପରିଷଦ ସଂପୃକ୍ତ କିଶୋରକୁ ଏକ ଅଟକ ରଖାଯିବାର ଆବଶ୍ୟକତା ଅନୁଭବ କରିବେ ସେପରି ସ୍ଥଳେ ରାଜ୍ୟ ସରକାର ସଂପୃକ୍ତ କିଶୋରକୁ ଏକ ସୁରକ୍ଷିତ ହେପାଜତ୍ ଅଧୀନରେ ରଖିବାର ବ୍ୟବସ୍ଥା କରିବେ, କିନ୍ତୁ କୌଣସି ମତେ ଏହା ହେପାଜତ୍‌ର ଅବଧି ତିନିବର୍ଷରୁ ଅଧିକ ହେବନାହିଁ ।

## ନାମ ଇତ୍ୟାଦିର ପ୍ରକାଶନ ଉପରେ  ନିଷେଧାଜ୍ଞା

- ଆଇନ୍ ସହ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ବା ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତ ଉପରେ କୌଣସି ଅନୁସନ୍ଧାନ ବିଷୟରେ ସମ୍ବାଦପତ୍ର ବା ଗଣମାଧ୍ୟମରେ କୌଣସି ବିବରଣୀରେ ଫଟୋ କିମ୍ବା ତାହାର ନାମ, ଠିକଣା ବା ସ୍କୁଲ ବା ଅନ୍ୟ କୌଣସି ସବିଶେଷ ତଥ୍ୟାବଳୀ ପ୍ରକାଶନ କରାଯିବ ନାହିଁ, ପରନ୍ତୁ, ଅନୁସନ୍ଧାନକାରୀ କର୍ତ୍ତୃପକ୍ଷ ଯଦି ମନେ କରନ୍ତି ଯେ ଏତାଦୃଶ ପ୍ରକାଶନ ଦ୍ୱାରା ସଂପୃକ୍ତ କିଶୋର ବା ବାଳୁତଙ୍କର ସ୍ୱାର୍ଥ ସାଧିତ ହେବ, ତେବେ ସେ ଲିଖିତ ଭାବେ ଏତାଦୃଶ ପ୍ରକାଶନ ପାଇଁ ଅନୁମତି ଦେଇପାରନ୍ତି ।

- ଉକ୍ତ ବ୍ୟବସ୍ଥାକୁ ଉଲ୍ଲଂଘନ କଲେ ସର୍ବାଧିକ ଦୁଇହଜାର ଟଙ୍କାର ଜୋରିମାନା ଲାଗୁ ହେବ ।

## ପଳାତକ କିଶୋର ସମ୍ବନ୍ଧରେ ବ୍ୟବସ୍ଥା-

ଯେଉଁସ୍ଥଳେ ଆଇନ୍ ସହିତ ଦ୍ୱନ୍ଦ୍ୱଗ୍ରସ୍ତ ଜଣେ କିଶୋର ସ୍ୱତନ୍ତ୍ର ଗୃହ ବା ପରିବେକ୍ଷଣ ଗୃହରୁ ବା ହେପାଜତ୍‌କାରୀ ବ୍ୟକ୍ତିଙ୍କ ଠାରୁ ଖସି ପଳାଇଥିବ, ସେପରି ସ୍ଥଳେ ଯେ କୌଣସି ପୋଲିସ୍ ଅଫିସର୍ ବିନା ପରଓ୍ୱାନାରେ ତାକୁ ନିଜ ନିୟନ୍ତ୍ରଣ ଅଧୀନକୁ ଆଣିପାରିବେ ଏବଂ ସଂପୃକ୍ତ କିଶୋରକୁ ଉକ୍ତ ସ୍ୱତନ୍ତ୍ର ଗୃହ ବା ପରିବେକ୍ଷଣ ଗୃହକୁ ବା ଯଥାସ୍ଥିତି ସଂପୃକ୍ତ ବ୍ୟକ୍ତିଙ୍କ ନିକଟକୁ ପଠାଇ ଦେବେ । ପଳାୟନ ହେତୁ ସମ୍ପୃକ୍ତ କିଶୋର ବିରୁଦ୍ଧରେ କୌଣସି କାର୍ଯ୍ୟବିଧି ଆଗତ କରାଯିବ ନାହିଁ, କିନ୍ତୁ ପରିଷଦଙ୍କୁ ଏହି ପଳାୟନ ବିଷୟରେ ସୂଚନା ପାଇଲା ପରେ ଉକ୍ତ କିଶୋର ସମ୍ବନ୍ଧରେ ନିଜ ବିବେଚନାରେ ଉପଯୁକ୍ତ ମନେ ହେଉଥିବା ବ୍ୟବସ୍ଥା ଗ୍ରହଣ କରିପାରନ୍ତି ।

## କିଶୋରକୁ ନିଷ୍ଠୁରତା ଓ ଶୋଷଣ ଇତ୍ୟାଦି ପାଇଁ ଦଣ୍ଡବିଧାନ

- ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କର ପ୍ରକୃତ ଦାୟିତ୍ୱ ବା ନିୟନ୍ତ୍ରଣ ଗ୍ରହଣ କରିଥିବା ସ୍ଥଳେ ସେହି କିଶୋର ବା ବାଳୁତକୁ ଅବହେଳିତ ବା ପରିତ୍ୟକ୍ତ କରନ୍ତି ବା ଅବାଂଛିତ ଶାରିରୀକ ଓ ମାନସିକ ଯନ୍ତ୍ରଣା ଦିଅନ୍ତି ତେବେ ତେବେ ସମ୍ପୃକ୍ତ ବ୍ୟକ୍ତି ସର୍ବାଧିକ ଛଅମାସ ଜେଲ୍ ବା ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

- ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତଙ୍କୁ ଭିକ୍ଷାବୃତ୍ତି ଉଦ୍ଦେଶ୍ୟରେ ନିୟୋଜିତ ବା ବ୍ୟବହାର କରନ୍ତି ତେବେ ସେହି ବ୍ୟକ୍ତିଙ୍କୁ ସର୍ବାଧିକ ତିନିବର୍ଷ ଜେଲ୍‌ଦଣ୍ଡ ଏବଂ ଜୋରିମାନାରେ ମଧ ଦଣ୍ଡିତ କରାଯିବ । ଯଦି ଆଉ ଜଣେ ବ୍ୟକ୍ତି ଉକ୍ତ ବ୍ୟକ୍ତିଙ୍କୁ ଏହି କାର୍ଯ୍ୟରେ ସାହାଯ୍ୟ କରନ୍ତି ତେବେ ସେ ସର୍ବାଧିକ ଏକବର୍ଷ ଜେଲ୍ ସହିତ ଜୋରିମାନା ଦଣ୍ଡରେ ମଧ ଦଣ୍ଡିତ ହେବେ ।

- ଯଦି ଜଣେ ବ୍ୟକ୍ତି କୌଣସି କିଶୋର ବା ବାଳୁତକୁ ମନ୍ଦ ଉଦ୍ଦେଶ୍ୟ ରଖି ନିଶାକାରକ ଔଷଧ ବା ଉନ୍ମାଦକ ସାମଗ୍ରୀ ଦିଅନ୍ତି ବା ଦେବାରେ କାରଣ ହୁଅନ୍ତି, ତେବେ ସେହି ବ୍ୟକ୍ତି ସର୍ବାଧିକ ତିନିବର୍ଷ ଜେଲ୍ ସହିତ ଜୋରିମାନାରେ ମଧ ଦଣ୍ଡିତ ହେବେ ।

- ଯଦି କୌଣସି ବ୍ୟକ୍ତି ଜଣେ କିଶୋର ବା ବାଳୁତକୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ଖୋଲଖୋଲି ନିଜ ଅକ୍ତିଆରକୁ ଆଣନ୍ତି ଏବଂ ନିଜ ବନ୍ଧନରେ ରଖନ୍ତି ଏବଂ ତା'ର ଉପାର୍ଜନକୁ ନିଜେ ବ୍ୟବହାର କରନ୍ତି, ତେବେ ସେହି ବ୍ୟକ୍ତି ସର୍ବାଧିକ ତିନିବର୍ଷ ଜେଲ୍ ସହିତ ଜୋରିମାନାରେ ମଧ ଦଣ୍ଡିତ ହେବେ ।

## *ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତ*

### ବାଳୁତ କଲ୍ୟାଣ କମିଟି-

- ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲା ପାଇଁ ଏକ ବା ଏକାଧିକ ବାଳୁତ କଲ୍ୟାଣ କମିଟି ଗଠନ କରିବେ, ଯେ କି ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଏହି ଆଇନ୍ ବଳରେ ନ୍ୟସ୍ତ କରାଯାଇଥିବା ଦାୟିତ୍ୱମାନ ସମ୍ପାଦନ କରିବେ ।

- ଏହି କମିଟି ଜଣେ ଅଧକ୍ଷ ଓ ଅନ୍ୟ ଚାରିଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ, ଏବଂ ସେମାନଙ୍କ ଭିତରୁ ଅନ୍ୟୂନ ଜଣେ ମହିଳା ହୋଇଥିବେ ଓ ଅନ୍ୟ ଜଣେ ବାଳୁତମାନଙ୍କ ବିଷୟରେ ଜଣେ ବିଶେଷଜ୍ଞ ହୋଇଥିବେ ।

- କମିଟି ଏକ ନ୍ୟାୟାଧିଶ ମଣ୍ଡଳୀ ରୂପେ କାର୍ଯ୍ୟ କରିବେ ଏବଂ କମିଟିର ସେହିସବୁ କ୍ଷମତା ରହିବ, ଯାହାକି ଫୌଜଦାରୀ କାର୍ଯ୍ୟବିଧି ଆଇନ୍, ୧୯୭୩ ଅନୁଯାୟୀ ଜଣେ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍ ଅବା ଯଥାସ୍ଥିତି ଜଣେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଠାରେ ନ୍ୟସ୍ତ କରାଯାଇଥାଏ ।

- କମିଟିର ବୈଠକ ବସିନଥିବା ସମୟରେ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତକୁ ନିରାପଦ ହେପାଜତ୍ କିମ୍ବା ଅନ୍ୟ କୌଣସି ପ୍ରକାର ଆଶ୍ରୟ ଦେବା ଉଦ୍ଦେଶ୍ୟରେ କମିଟିର ଯେ କୌଣସି ସଦସ୍ୟଙ୍କ ନିକଟରେ ହାଜର କରାଯାଇପାରେ ।

- ବାଳୁତମାନଙ୍କର ଯତ୍ନ, ସୁରକ୍ଷା, ଚିକିତ୍ସା, ବିକାଶ ଓ ଥଇଥାନ ତଥା ସେମାନଙ୍କର ମୌଳିକ ଆବଶ୍ୟକତାଗୁଡିକୁ ଯୋଗାଇଦେବା ତଥା ସେମାନଙ୍କର ମାନବିକ ଅଧିକାରସମୂହର ସୁରକ୍ଷା କରିବା କ୍ଷେତ୍ରରେ ଚୂଡ଼ାନ୍ତ କର୍ତ୍ତୃତ୍ୱ କମିଟିଙ୍କ ଠାରେ ନ୍ୟସ୍ତ ରହିବ ।

- ଜଣେ ପୋଲିସ୍ ଅଫିସର୍ ବା ସ୍ୱତନ୍ତ୍ର କିଶୋର ପୋଲିସ୍ ୟୁନିଟ୍ ବା ଜଣେ ପଦନାମିତ ପୋଲିସ୍ ଅଫିସର୍, ଜଣେ ସର୍ବଧାରଣ କର୍ମଚାରୀ, ଚାଇଲଡ଼୍ ଲାଇନ୍, କୌଣସି ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଂଗଠନ ଅଥବା କୌଣସି ସ୍ୱେଚ୍ଛାସେବୀ ସଂସ୍ଥା, କୌଣସି ସମାଜ କର୍ମୀ ବା ସର୍ବସାଧାରଣ ମନୋଭାବାପନ୍ନ ବ୍ୟକ୍ତି, ବା ନିଜେ ବାଳୁତ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଏକ ବାଳୁତକୁ କମିଟିଙ୍କ ସମ୍ମୁଖରେ ହାଜର କରିପାରନ୍ତି ।

- ଅନୁସନ୍ଧାନ ସମାପ୍ତ ନହେବା ପର୍ଯ୍ୟନ୍ତ ସଂପୃକ୍ତ ବାଳୁତଙ୍କୁ 'ଶିଶୁଗୃହ'କୁ ପ୍ରେରଣ ଏବଂ ଅର୍ପଣ କରିବାର ପ୍ରଣାଳୀ ବିଷୟରେ ରାଜ୍ୟ ସରକାର ଏହି ଆଇନ୍ ସହ ସଂଗତି ରକ୍ଷାକରି ନିୟମାବଳୀ ପ୍ରଣୟନ କରିପାରନ୍ତି ।

### ଶିଶୁଗୃହ

- ଅନୁସନ୍ଧାନ ସମାପ୍ତ ନହେବା ଯାଏଁ ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ଆଶ୍ରୟ ପାଇଁ ତଥା ପରବର୍ତ୍ତୀ ସମୟରେ ସେମାନଙ୍କର ଯତ୍ନ, ଚିକିତ୍ସା, ଶିକ୍ଷା, ପ୍ରଶିକ୍ଷଣ, ବିକାଶ ଏବଂ ଥଇଥାନ ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାପାଇଁ ବା ଯଥାସ୍ଥିତି ଗୋଟିଏ ଜିଲ୍ଲାପୁଞ୍ଜ ପାଇଁ ଶିଶୁଗୃହଗୁଡିକର ସ୍ଥାପନ ଏବଂ ରକ୍ଷଣାବେକ୍ଷଣ କରିପାରନ୍ତି ।

- ଯତ୍ନ ଓ ସୁରକ୍ଷା ଲୋଡୁଥିବା ବାଳୁତମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସଂସ୍ଥା ଏହି ସଂଶୋଧନ ଆଇନ୍ ୨୦୦୬ର ପ୍ରାରମ୍ଭ ତାରିଖର ଛ ମାସ ସମୟ-ସୀମା ଭିତରେ ଏହି ଆଇନ୍ ଅଧୀନରେ ପଞ୍ଜିକୃତ ହେବେ ।

### ନିରୀକ୍ଷଣ ଓ ସାମାଜିକ ସମୀକ୍ଷଣ

- ରାଜ୍ୟ ସରକାର ନିଜେ ବିହିତ କରିବା ମତେ ରାଜ୍ୟ, ପ୍ରତି ଜିଲ୍ଲା ବା ଯଥାସ୍ଥିତି ପ୍ରତି ସହର ପାଇଁ ଶିଶୁଗୃହସମୂହଙ୍କ ପାଇଁ ନିରୀକ୍ଷଣ କମିଟିମାନ ନିଯୁକ୍ତ କରିପାରନ୍ତି ।

- ଏକ ନିରୀକ୍ଷଣ କମିଟିରେ ରାଜ୍ୟ ସରକାର, କମିଟି ଓ ସ୍ୱେଚ୍ଛସେବୀ ସଙ୍ଗଠନଙ୍କର ପ୍ରତିନିଧିଙ୍କ ସହିତ ଚିକିତ୍ସା ବିଶେଷଜ୍ଞ ଓ ସମାଜକର୍ମୀ ରହିବେ ।

- କେନ୍ଦ୍ର ବା ରାଜ୍ୟ ସରକାର ଶିଶୁଗୃହଗୁଡିକର କାର୍ଯ୍ୟକଳାପକୁ ନିରପେକ୍ଷ ବ୍ୟକ୍ତି ଓ ଅନୁଷ୍ଠାନଙ୍କ ଜରିଆରେ ତଦାରଖ ଓ ମୂଲ୍ୟାୟନ କରିପାରନ୍ତି ।

### ଆଶ୍ରୟ ଗୃହ

- ରାଜ୍ୟ ସରକାର ସୁପରିଚିତ ଏବଂ ସୁଦକ୍ଷ ସ୍ୱେଚ୍ଛାସେବୀ ସଂଗଠନମାନଙ୍କୁ ସହାୟତା କରି କିଶୋର ବା ବାଳୁତମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଆଶ୍ରୟ ଗୃହର ସ୍ଥାପନା ଏବଂ ପରିଚାଳନା  କରିପାରିବେ ।

- ଆଶ୍ରୟ ଗୃହମାନ ଜରୁରୀ ସହାୟତା ଲୋଡୁଥିବା ବାଳୁତମାନଙ୍କ ପାଇଁ ଏକ ସାମୟିକ ରହଣି କେନ୍ଦ୍ର ଭାବେ କାର୍ଯ୍ୟକରିବ ।

### ପୁନରାର୍ପଣ

- ପ୍ରତି ଶିଶୁଗୃହ ବା ଆଶ୍ରୟଗୃହର ମୁଖ୍ୟ ଉଦ୍ଦେଶ୍ୟ ହେବ ଜଣେ ବାଳୁତର ପୁନରାର୍ପଣ ଏବଂ ସୁରକ୍ଷା ।

- ଯତ୍ନ ଓ ସୁରକ୍ଷା ଲୋଡୁଥିବା ଜଣେ ବାଳୁତକୁ ତାହାର ପିତାମାତା, ଅଭିଭାବକ, ପୋଷ୍ୟତା-ଗ୍ରହଣକାରୀ ପିତାମାତା, ପୋଷକ ପିତାମାତା. ସମର୍ଥ ବ୍ୟକ୍ତି ବା ଯଥାସ୍ଥିତି ସମର୍ଥ ଅନୁଷ୍ଠାନ ନିକଟରେ ପୁନରାର୍ପଣ କରିବାର କ୍ଷମତା କମିଟିର ରହିବ ଏବଂ କମିଟି ସେମାନଙ୍କୁ ଏବିଷୟରେ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିବ ।

### ସମନ୍ୱୀତ କିଶୋର ନ୍ୟାୟ ସ୍କିମ୍

### କୁପରିଚାଳିତ କିଶୋର ସମସ୍ୟାର ନିଷେଧ ଓ ନିୟନ୍ତ୍ରଣ

କିଶୋର ନ୍ୟାୟ ଆଇନ୍ ପ୍ରଯୁଜ୍ୟ ହେଉଥିବା ସମସ୍ତ ଜିଲ୍ଲା ପାଇଁ ପ୍ରଥମେ କୁପରିଚାଳିତ କିଶୋର ସମସ୍ୟା ନିଷେଧ ଓ ନିୟନ୍ତ୍ରଣ ସ୍କିମ୍ କାର୍ଯ୍ୟକାରୀ ହେଲା । ଏହା ଏକ କେନ୍ଦ୍ରୀୟ ସହାୟତା ପ୍ରାପ୍ତ ସ୍କିମ୍ ଏବଂ ପ୍ରତି ରାଜ୍ୟ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ମୋଟ୍

ଆବଶ୍ୟକୀୟ ଅର୍ଥର ଶତକଡା ୫୦ ବହନ କରିବେ । ଆନ୍ଧ୍ର ପ୍ରଦେଶ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ତାମିଲନାଡୁ ଓ ଉତ୍ତରପ୍ରଦେଶ ଏହି ସ୍କିମ୍‌କୁ କାର୍ଯ୍ୟକାରୀ କରିସାରିଛନ୍ତି । କିନ୍ତୁ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ସବ୍-କମିଟିଙ୍କ ବକ୍ତବ୍ୟ ଅନୁଯାୟୀ ଉକ୍ତ ସ୍କିମ୍‌କୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଅନେକ ଦୁର୍ବଳତା ଲକ୍ଷ୍ୟ କରାଯାଇଛି । ରାଜ୍ୟ ସରକାରମାନେ ଏହି ସ୍କିମ୍ ପ୍ରତି ଅଗ୍ରାଧିକାର ଦେଉନାହାନ୍ତି; ଯେଉଁ ସଂରଚନା ସୁବିଧା ଅଛି, ତହିଁର ମାନଦଣ୍ଡ ଅତ୍ୟନ୍ତ ନିମ୍ନ ଏବଂ ଉପଯୁକ୍ତ ସଂଖ୍ୟକ ତାଲିମ୍‌ପ୍ରାପ୍ତ କର୍ମୀଙ୍କର ମଧ୍ୟ ଘୋର ଅଭାବ ଅଛି । ୧୯୯୮ରେ ସ୍କିମ୍‌କୁ ସଂଶୋଧନ କରାଯିବା ସହିତ କିଶୋର ନ୍ୟାୟ ସମନ୍ୱିତ ସ୍କିମ୍ ଭାବେ ପୁନର୍ନାମିତ କରାଯାଇଛି । କିଶୋର ନ୍ୟାୟ ପାଣ୍ଠି ମଧ୍ୟ ପ୍ରତିଷ୍ଠା କରାଯାଇଛି, ଯାହାର ଲକ୍ଷ୍ୟ ହେଲା, ସଂରଚନାଗତ ସୁବିଧାସୁଯୋଗରେ ଉନ୍ନତି ଘଟାଇବା ।

### ଓଡିଶାରେ କାର୍ଯ୍ୟକାରିତା

ଭାରତ ସରକାରଙ୍କ ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡେ ଯେ, ଓଡିଶାରେ ଉକ୍ତ ଆଇନ୍ ନିମ୍ନ ମତେ କାର୍ଯ୍ୟକାରୀ ହୋଇଛି-

- କିଶୋର ନ୍ୟାୟ ଅଧୀନରେ ନିୟମାବଳୀ ବିଜ୍ଞାପିତ ହୋଇସାରିଛି
- ୨୮ଟି ଜିଲ୍ଲାରେ କିଶୋର ନ୍ୟାୟ ବୋର୍ଡ ଗଠିତ ହୋଇସାରିଛି ଏବଂ ବାକୀ ଦୁଇଟି ଜିଲ୍ଲାରେ ଗଠନ ପାଇଁ ଚେଷ୍ଟା ଚାଲୁରହିଛି
- ୩୦ଟି ଜିଲ୍ଲାରେ ବାଳୁତ କଲ୍ୟାଣ କମିଟି ଗଠିତ ହୋଇସାରିଛି
- ୧୫ଟି ପରିବେକ୍ଷଣ ଗୃହ ସ୍ଥାପିତ ହୋଇଛି, ଯେଉଁଥିରୁ ୧୨ଟି ଏନ୍.ଜି.ଓ. ଓ ବାକୀ ୩ଟି ସରକାରଙ୍କ ଦ୍ୱାରା ପରିଚାଳିତ ହେଉଛି
- ୩ଟି ସ୍ୱତନ୍ତ୍ର ଗୃହ ସ୍ଥାପିତ ହୋଇଛି
- ବାଳୁତ ଗୃହ ପରିଚାଳନା ପାଇଁ ରାଜ୍ୟ ସରକାର ୧୨ଟି ସଂସ୍ଥାକୁ ସମର୍ଥ ଅନୁଷ୍ଠାନ ଭାବେ ବିଜ୍ଞାପିତ କରିସାରିଛି
- ୧୨ଟି ଉତ୍ତମ ବାଳୁତ ଯତ୍ନସେବା ଅନୁଷ୍ଠାନକୁ ବାଳୁତ ଗୃହ ଭାବେ ଘୋଷଣା ପାଇଁ ପଦକ୍ଷେପ ନିଅଯାଉଛି ।

### ଶିଶୁ ସଂସ୍ଥାନ ଅନୁଷ୍ଠାନସମୂହ

୧- ବସୁନ୍ଧରା, ବିଡାନାସି, ବିଡାନାସି ନଗର, କଟକ
୨- ମନୋଜ ମଞ୍ଜରି ଶିଶୁଭବନ, କେନ୍ଦୁଝର
୩- ନୀଳାଚଳ ସେବା ପ୍ରତିଷ୍ଠାନ, କଣାସ, ପୁରୀ
୪- ବନବାସୀ ସେବା ସମିତି, ବାଲିଗୁଡା, କନ୍ଧମାଳ
୫- ସୁଭଦ୍ରା ମହତାବ ସେବା ସଦନ, ଖଣ୍ଡଗିରି (ଅଇଗିଣିଆ), ଭୁବନେଶ୍ୱର
୬- ମହର୍ଷି ଦୟାନନ୍ଦ ସେବା ମିଶନ୍, ତୁରଙ୍ଗ, ଅନୁଗୁଳ
୭- ନେହେରୁ ସେବା ସଂଘ, ଭବାନୀ ପାଟଣା, କଳାହାଣ୍ଡି
୮- ଲୁଥରାନ୍ ମହିଳା ସମିତି, ପାଟଳୀପଙ୍କ, କେନ୍ଦ୍ରାପଡା

***[Source: Status of the Implementation of the Juvenile Justice(Care and Protection of Children) Act, 2000 in the States/UTs. As on 10.03.2010- http://wcd.nic.in ]***

### ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫

୨୦ ନଭେମ୍ବର ୧୯୮୯ରେ ବାଳୁତ ଅଧିକାରସମୂହ ଉପରେ ମିଳିତ ଜାତିସଂଘର ସମ୍ମିଳନୀରେ ଏକ ସଂକଳ୍ପ ଘୋଷିତ ହୋଇଥିଲା, ଯାହାକୁ ସି.ଆର୍.ସି. କୁହାଯାଉଛି । ୧୧ ଡିସେମ୍ବର ୧୯୯୨ରେ ବାଳୁତ ଅଧିକାରସମୂହ ଉପରେ ସଂକଳ୍ପ (ସି.ଆର୍.ସି.)କୁ ଭାରତ ନିଜର ସ୍ୱୀକୃତି ପ୍ରଦାନ କରିଥିଲା । ସି.ଆର୍.ସି. ହେଉଛି ଏକ ଆନ୍ତର୍ଜାତିକ ରାଜିନାମା ଯାହା ବଳରେ ପ୍ରତି ସ୍ୱାକ୍ଷରକାରୀ ରାଷ୍ଟ୍ର ଉକ୍ତ ସଂକଳ୍ପରେ ସୂଚୀତ ହୋଇଥିବା ବାଳୁତ ଅଧିକାରସମୂହର ସୁରକ୍ଷା ଉଦ୍ଦେଶ୍ୟରେ ସମସ୍ତ ଆବଶ୍ୟକ ପଦକ୍ଷେପମାନ ନେବା ପାଇଁ ଚୁକ୍ତିବଦ୍ଧ । ଏହାଛଡା ବାଳୁତମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧସମୂହ ତଥା ବାଳୁତ

ଅଧିକାରଗୁଡିକର ଉଲ୍ଲଂଘନର ଦ୍ରୁତ ବିଚାର ତଥା ତତ୍ ସଂକ୍ରାନ୍ତ ବା ଆନୁଷଙ୍ଗିକ ଉଦ୍ଦେଶ୍ୟସମୂହର ପୂରଣ ପାଇଁ ଜାତୀୟ ଓ ରାଜ୍ୟ ସ୍ତରରେ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ମାନ ତଥା ବାଳୁତ ନ୍ୟାୟାଳୟସମୂହର ଗଠନ ଜରୁରୀ ମନେ ହେଲା । ତେଣୁ ଭାରତୀୟ ପ୍ରଜାତନ୍ତ୍ରର ୬୫ତମ ବର୍ଷରେ ସଂସଦ ଦ୍ୱାରା ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫ ପ୍ରଣୟନ କରାଗଲା । ୨୦୦୬ ଜୁଲାଇ ୨୦୦୬ରେ ଏହି ଆଇନ୍ ଅଧୀନରେ କେନ୍ଦ୍ରୀୟ ନିୟମାବଳୀ ବିଜ୍ଞାପିତ କରାଗଲା ଏବଂ କେନ୍ଦ୍ରୀୟ ବାଳୁତ ଅଧିକାରସମୂହ କମିଶନ୍ ଗଠିତ ହୋଇ କାର୍ଯ୍ୟାରମ୍ଭ କଲା । ପ୍ରତି ରାଜ୍ୟ ଏହି ଆଇନ୍‌ର ନିର୍ଦ୍ଦେଶନା ମତେ ନିଜ ନିଜର ନିୟମାବଳୀ ପ୍ରଣୟନ କରିବା ସହିତ ରାଜ୍ୟ କମିଶନ୍ ମଧ୍ୟ ଗଠନ କରିବା ଆବଶ୍ୟକ । ଉଲ୍ଲେଖନୀୟ ଯେ, ଶିକ୍ଷା ଅଧିକାର ଆଇନ୍ ୨୦୦୯ ଲାଗୁ ହେବା ପରେ ପ୍ରତି ରାଜ୍ୟରେ ବାଳୁତ ଅଧିକାର କମିଶନ୍ ଗଠିତ ହେବା ଜରୁରୀ ହୋଇପଡିଛି, କାରଣ ଉକ୍ତ ୨୦୦୯ ଆଇନ୍ ଅଧୀନରେ ଅଭିଯୋଗ ଶୁଣାଣି ଓ ଫଇସଲାର କ୍ଷମତା ରାଜ୍ୟ ବାଳୁତ ଅଧିକାର କମିଶନ୍‌ଙ୍କ ଉପରେ ନ୍ୟସ୍ତ କରାଯାଇଛି ।

### ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍

### କମିଶନ୍‌ଙ୍କ ଗଠନ

କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ । ଏହି କମିଶନ୍‌ରେ ବାଳୁତ କଲ୍ୟାଣ ଉପରେ କାର୍ଯ୍ୟ କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ ତଥା ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯିବ । କମିଶନ୍‌ର କାର୍ଯ୍ୟାଳୟ ଦିଲ୍ଲୀରେ ଅବସ୍ଥିତ ହେବ ।

### କମିଶନ୍‌ଙ୍କ କ୍ଷମତା

(ଏ) ବାଳୁତ ଅଧିକାରସମୂହର ସୁରକ୍ଷା ପାଇଁ ପ୍ରଚଳିତ ବିଭିନ୍ନ ଆଇନ୍‌ରେ ଥିବା ପ୍ରତିକାରମୂଳକ ବ୍ୟବସ୍ଥାଗୁଡିକୁ ଅନୁଧ୍ୟାନ ଓ ସମୀକ୍ଷା କରିବା ତଥା ସେଗୁଡିକର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ଆଦଶ୍ୟକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା ;

(ବି) ଉପରୋକ୍ତ ପ୍ରତିକାରମୂଳକ ବ୍ୟବସ୍ଥାଗୁଡିକ କିପରି କାର୍ଯ୍ୟକାରୀ ହେଉଛି, ସେ ସମ୍ବନ୍ଧରେ ଅନ୍ୟୂନ ବର୍ଷକୁ ଥରେ କେନ୍ଦ୍ର ସରକାରଙ୍କ ନିକଟରେ ରିପୋର୍ଟ ଉପସ୍ଥାପନ କରିବା;

(ସି) ବାଳୁତ ଅଧିକାରର ଉଲ୍ଲଂଘନ ବିଷୟରେ ଅନୁସନ୍ଧାନ କରିବା ତଥା ସଂପୃକ୍ତ କେଶ୍ ଗୁଡିକ ଉପରେ କାର୍ଯ୍ୟବିଧି ଆରମ୍ଭ କରିବା ;

(ଡି) ସନ୍ତ୍ରାସବାଦ, ସାଂପ୍ରଦାୟିକ ହିଂସା, ଦଙ୍ଗା, ପ୍ରାକୃତିକ ବିପର୍ଯ୍ୟୟ, ଘରୋଇ ହିଂସା, ଏଚ୍.ଆଇ.ଭି./ଏଡସ୍, ଚାଲାଣ, ଦୁର୍ବ୍ୟବହାର, ନିର୍ଯ୍ୟାତନା ଓ ଶୋଷଣ, ଅଶ୍ଳୀଳତା ଏବଂ ଯୌନବ୍ୟବସାୟ ଫଳରେ ପ୍ରଭାବିତ ବାଳୁତ ମାନେ ସେମାନଙ୍କର ଅଧିକାର ଉପଭୋଗ କରିବାରୁ ଯେଉଁସବୁ କାରଣରୁ ବଞ୍ଚିତ ହେଉଛନ୍ତି, ସେଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଇ) ଦୁର୍ଦ୍ଦଶା-ଗ୍ରସ୍ତ ବାଳୁତ, ବଞ୍ଚିତ ଏବଂ ସମସ୍ୟା-କ୍ଲିଷ୍ଟ ବାଳୁତ, ଆଇନ୍ ସହିତ ଦ୍ୱନ୍ଦ୍-ରତ ବାଳୁତ ଏବଂ କିଶୋର, ପରିବାର-ହରା ବାଳୁତ ଏବଂ ବନ୍ଦୀମାନଙ୍କ ସନ୍ତାନଙ୍କ ସମେତ ସେହିସବୁ ବାଳୁତ, ଯେଉଁମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଏବଂ ସୁରକ୍ଷାର ଆବଶ୍ୟକ ଅଛି, ସେମାନଙ୍କ ସମ୍ବନ୍ଧୀତ ବିଷୟଗୁଡିକୁ ଅନୁଧ୍ୟାନ କରିବା ତଥା ଉପଯୁକ୍ତ ପ୍ରତିକାରମୂଳକ ପଦକ୍ଷେପଗୁଡିକୁ ସୁପାରିଶ୍ କରିବା;

(ଏଫ୍) ବାଳୁତ ଅଧିକାର ସଂପର୍କୀତ ବିଭିନ୍ନ ଆନ୍ତର୍ଜାତିକ ବିଧିବିଧାନ ଏବଂ ବାଳୁତ ଅଧିକାର ସଂପର୍କୀତ ନୀତିସମୂହ, କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ କାର୍ଯ୍ୟାବଳୀକୁ ସମୀକ୍ଷା କରିବା ତଥା ସେଗୁଡିକର ଫଳପ୍ରଦ କାର୍ଯ୍ୟକାରିତା ପାଇଁ ସୁପାରିଶ୍ ପ୍ରଦାନ କରିବା;

(ଜି) ବାଳୁତ ଅଧିକାର ବିଷୟରେ ଗବେଷଣା ଆୟୋଜନ କରିବା ଏବଂ ଏହାକୁ ପ୍ରୋତ୍ସାହନ ଦେବା;

(ଏଚ୍) ସମାଜର ବିଭିନ୍ନ ଜନଗୋଷ୍ଠୀ ଭିତରେ ବାଳୁତ ଅଧିକାର ସମ୍ବନ୍ଧରେ ଧାରଣାର ପ୍ରସାର କରିବା ତଥା ବାଳୁତ ଉପଲବ୍ଧ ଥିବା ପ୍ରତିକାର ମାର୍ଗଗୁଡିକ ସମ୍ବନ୍ଧରେ ସଚେତନତା ବୃଦ୍ଧିକୁ ପ୍ରୋତ୍ସାହନ ଦେବା;

(ଆଇ) ସରକାର ବା ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ନିୟନ୍ତ୍ରଣରେ ଥିବା କୌଣସି କିଶୋର ଅଭିରକ୍ଷା ଗୃହ ବା ରହଣି ସ୍ଥାନ ବା ଆଶ୍ରୟ ଗୃହଗୁଡିକୁ ନିଜେ ନିରୀକ୍ଷଣ କରିବା ବା ନିରୀକ୍ଷଣ କରାଇବା ତଥା ଆବଶ୍ୟକ ଅନୁଯାୟୀ ପ୍ରତିକାରମୂଳକ ପଦକ୍ଷେପ ପାଇଁ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା;

(ଜେ) ଆଗତ ଅଭିଯୋଗଗୁଡିକ ଉପରେ ଅନୁସନ୍ଧାନ କରିବା ଏବଂ ଉପୁଜିଥିବା ପ୍ରସଙ୍ଗମାନ ଉପରେ ସଂପୃକ୍ତ କର୍ତ୍ତୃପକ୍ଷଙ୍କ ସହ ବିଚାରବିମର୍ଷ କରିବା; ଏବଂ

(କେ) କମିଶନ୍ ଆବଶ୍ୟକ ମନେ କଲେ ବାଳୁତ ଅଧିକାରସମୂହକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଅନ୍ୟ ଯେ କୌଣସି ବିଷୟ ଉପରେ ପଦକ୍ଷେପ ନେଇ ପାରନ୍ତି ।

**ଅନୁସନ୍ଧାନ ସଂପର୍କୀତ କ୍ଷମତାସମୂହ-**

- ଦେଓ୍ୱାନି କାର୍ଯ୍ୟବିଧି ସଂହିତା, ୧୯୦୮ ଅଧୀନରେ ଗୋଟିଏ ଦେଓ୍ୱାନି ଅଦାଲତର ଯେଉଁସବୁ କ୍ଷମତା ଥାଏ, କୌଣସି ପ୍ରାସଙ୍ଗିକ ବିଷୟରେ କମିଶନ୍ ଅନୁସନ୍ଧାନ କଲାବେଳେ ସେ ମଧ୍ୟ ସେହି କ୍ଷମତାବଳୀର ଅଧିକାରୀ ରହିବେ, ଯଥା ସଂପୃକ୍ତ ବ୍ୟକ୍ତିଙ୍କୁ ସମନ୍ କରିବା; କୌଣସି ଏକ ଦଲିଲ୍‌କୁ ଖୋଜି ବାହାର କରିବା ଓ ପେଶ୍ କରିବା; ଆଫିଡେଭିଟ୍ ଜରିଆରେ ସାକ୍ଷ୍ୟ ଗ୍ରହଣ କରିବା; ଯେ କୌଣସି କୋର୍ଟ ବା ଅଫିସ୍‌ରୁ କୌଣସି ଏକ ରେକର୍ଡ ବା ତହିଁର ନକଲ ତଲବ୍ କରିବା; ଏବଂ ସାକ୍ଷୀମାନଙ୍କୁ ଜେରା ଏବଂ ନଥିପତ୍ରଗୁଡ଼ିର ପରୀକ୍ଷଣ ପାଇଁ ସମନ୍ ଜାରି କରିବା ।
- କୌଣସି ଏକ କେଶ୍‌କୁ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଅଭିପ୍ରେରଣ କରିବା ପାଇଁ କମିଶନ୍‌ଙ୍କର କ୍ଷମତା ରହିବ, ଏବଂ ଯେଉଁ ମାଜିଷ୍ଟ୍ରେଟ୍‌ଙ୍କ ନିକଟକୁ ଉକ୍ତ କେଶ୍ ଅଭିପ୍ରେରଣ କରାଯାଇଛି, ସେ ସଂପୃକ୍ତ ଅଭିଯୋଗକୁ ଯଥାବିଧି ଶୁଣାଣି କରିବେ ।

**ଅନୁସନ୍ଧାନର ପରବର୍ତ୍ତୀ ପଦକ୍ଷେପସମୂହ:**

ଏକ ଅନୁସନ୍ଧାନ ସମାପ୍ତ ହେବା ପରେ କମିଶନ୍ ନିମ୍ନଲିଖିତ କୋଣସି ପଦକ୍ଷେପ ଗ୍ରହଣ କରିପାରନ୍ତି, ଯଥା-

(୧) ଯଦି କୋଣସି ବାଳୁତ ଅଧିକାର ଉଲ୍ଲଂଘନ ଘଟିଥାଏ ତେବେ କମିଶନ୍ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ ଆବଶ୍ୟକୀୟ ଅଭିଯୋଜନର କାର୍ଯ୍ୟବିଧି ଆରମ୍ଭ କରିବା ପାଇଁ ଅଥବା ନିଜେ ଉପଯୁକ୍ତ ମନେ କରୁଥିବା ଅନ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିଶ୍ କରିପାରନ୍ତି ।

(୨) ଯେଉଁସବୁ ନିର୍ଦ୍ଦେଶ, ଆଦେଶ ଏବଂ ରିଟ୍ ଜାରି କରିବା ଆବଶ୍ୟକ ବୋଲି ସଂପୃକ୍ତ କୋର୍ଟ ମନେ କରିବେ, ସେଗୁଡ଼ିକ ଜାରି କରିବା ପାଇଁ ସୁପ୍ରିମ୍ କୋର୍ଟ ଓ ସଂପୃକ୍ତ ହାଇକୋର୍ଟଙ୍କ ଆଶ୍ରୟ ଲୋଡିପାରନ୍ତି ।

(୩) ଯଦି ନିର୍ଯ୍ୟାତିତ ବା ତାଙ୍କର ପରିବାର ସଦସ୍ୟମାନଙ୍କୁ ଅନ୍ତର୍ବର୍ତ୍ତୀ ଉପଶମ ମଞ୍ଜୁରି କରିବା ଦରକାର ପଡୁଥାଏ, ତେବେ ସେଥିପାଇଁ ସଂପୃକ୍ତ ସରକାର ବା କର୍ତ୍ତୃପକ୍ଷଙ୍କୁ କମିଶନ୍ ସୁପାରିଶ୍ କରିପାରନ୍ତି ।

**ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍**

**ରାଜ୍ୟ କମିଶନ୍‌ଙ୍କ ଗଠନ**

ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏକ ସଂସ୍ଥା ଗଠନ କରିବେ ଯାହାର ନାମ ହେବ ଜାତୀୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ । ଜାତୀୟ କମିଶନ୍ ଭଳି ରାଜ୍ୟ କମିଶନ୍‌ରେ ବାଳୁତ କଲ୍ୟାଣ ଉପରେ କାର୍ଯ୍ୟ କରିଥିବା ଜଣେ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଧ୍ୟକ୍ଷ ଭାବେ ତଥା ଅନ୍ତତଃ ଦୁଇଜଣ ମହିଳାଙ୍କ ସମେତ ଛ ଜଣ ଅଭିଜ୍ଞ ବ୍ୟକ୍ତିଙ୍କୁ ସଦସ୍ୟ ଭାବେ ନିଯୁକ୍ତ କରାଯିବ ।

**ବାର୍ଷିକ ଏବଂ ସ୍ୱତନ୍ତ୍ର ରିପୋର୍ଟ ସମୂହ-**

- ରାଜ୍ୟ କମିଶନ୍ ରାଜ୍ୟ ସରକାରଙ୍କୁ ଏକ ବାର୍ଷିକ ରିପୋର୍ଟ ଦାଖଲ କରିବେ ଏବଂ ଏହାଛଡା ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମଧ୍ୟ ସ୍ୱତନ୍ତ୍ର ରିପୋର୍ଟ ଦାଖଲ କରିପାରନ୍ତି ।

- ଏପରୋକ୍ତ ରିପୋର୍ଟଗୁଡିକୁ ରାଜ୍ୟ ସରକାର ରାଜ୍ୟର ଆଇନ୍ ସଭାରେ ଉପସ୍ଥାପନ କରାଇବେ ଏବଂ ଏଥିସହିତ ରିପୋର୍ଟର ସୁପାରିଶ୍ ଉପରେ ଗୃହୀତ ବା ପ୍ରସ୍ତାବିତ କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ମାରକ ପତ୍ର ସଂଲଗ୍ନ କରିବେ ତଥା ଯଦି କୌଣସି ସୁପାରିଶ୍‌କୁ ଅଗ୍ରାହ୍ୟ କରାହୋଇଥାଏ, ତେବେ ତହିଁର କାରଣ ଦର୍ଶାଇଥିବେ । ରାଜ୍ୟ ସରକାର ବିହିତ କରିପାରନ୍ତି ।

**ରାଜ୍ୟ କମିଶନ୍‌ଙ୍କ କ୍ଷମତା**

ଜାତୀୟ କମିଶନ୍ ଭଳି ରାଜ୍ୟ କମିଶନ୍‌ଙ୍କର ଅନୁରୂପ କ୍ଷମତାବଳୀ ରହିବ ।

**ବାଳୁତ ଅଦାଲତ**

- ବାଳୁତଙ୍କ ବିରୁଦ୍ଧରେ ଅପରାଧସମୂହ ବା ବାଳୁତ ଅଧିକାରସମୂହର ଉଲ୍ଲଂଘନ ମାମଲାଗୁଡିକର ଦ୍ରୁତ ବିଚାର ଉଦ୍ଦେଶ୍ୟରେ ରାଜ୍ୟ ସରକାର ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସହମତି କ୍ରମେ ବିଜ୍ଞପ୍ତି ବଳରେ ରାଜ୍ୟରେ ଉକ୍ତ ଅନ୍ତତଃ ଗୋଟିଏ ଅଦାଲତ ବା ପ୍ରତି ଜିଲ୍ଲା ପାଇଁ ଗୋଟିଏ କରି ଦୌରା ଅଦାଲତକୁ ବାଳୁତ ଅଦାଲତ ବୋଲି ବିନିର୍ଦ୍ଦିଷ୍ଟ କରିପାରନ୍ତି ।
- ପ୍ରତି ବାଳୁତ ଅଦାଲତ ପାଇଁ ରାଜ୍ୟ ସରକାର ବିଜ୍ଞପ୍ତି ବଳରେ ଏଭଳି ଜଣେ ସର୍ବସାଧାରଣ ଅଭିଯୋଜକଙ୍କୁ ବିନିର୍ଦ୍ଦିଷ୍ଟ କରିବେ, ଯେ କି ଜଣେ ଓକିଲ ଭାବେ ଅନ୍ତତଃ ୭ବର୍ଷର ଅଭିଜ୍ଞତା ଅର୍ଜନ କରିଥିବେ ଏବଂ ଅଦାଲତରେ ମୋକଦ୍ଦମା ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଭିଯୋଜକ ଭାବେ ଭୂମିକା ସମ୍ପାଦନ କରିଥିବେ ।

## ବାଲ୍ୟ ବିବାହ ନିୟନ୍ତ୍ରଣ ଆଇନ୍, ୧୯୨୯

ଏହି ଆଇନ୍ ଅନୁସାରେ ୨୧ ବର୍ଷ ବୟସରୁ କମ୍ ବୟସର ବ୍ୟକ୍ତି ଏବଂ ୧୮ ବର୍ଷ ବୟସରୁ କମ୍ ବୟସର ମହିଳାଙ୍କର ବିବାହ ଆଇନ୍ ସମ୍ମତ ନୁହେଁ । ଯଦି ଉପରୋକ୍ତ ବୟସ-ସୀମା ଠାରୁ କମ୍ ବୟସର ପୁଅ ଓ ଝିଅ ବିବାହ କରନ୍ତି, ତେବେ ସଂପୃକ୍ତ ବରକନ୍ୟାଙ୍କ ସମେତ ସେମାନଙ୍କ ପିତାମାତା ଓ ସେହି ବିବାହରେ ସହଯୋଗ କରୁଥିବା ବ୍ୟକ୍ତି ଏବଂ ଯୋଗଦାନ କରିଥିବା ବ୍ୟକ୍ତି ଦଣ୍ଡିତ ହେବେ । ଜାମ୍ମୁ ଓ କାଶ୍ମୀର ରାଜ୍ୟ ବ୍ୟତୀତ ଦେଶର ଅନ୍ୟ ସମସ୍ତ ରାଜ୍ୟରେ ଏହି ଆଇନ୍ ଲାଗୁ ହୋଇଥିଲା ।

**ବାଲ୍ୟ ବିବାହ ସମ୍ବନ୍ଧରେ କେତେକ ଜ୍ଞାତବ୍ୟ ସୂଚନା**

- ☐ ଏହି ଆଇନ୍ ଅନୁସାରେ ଅଭିଯୁକ୍ତ ୧୫ ଦିନ କାରାଦଣ୍ଡ କିମ୍ବା ୫୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହୋଇପାରିବେ ।
- ☐ ଯଦି କୌଣସି ୨୧ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତି ୧୮ ବର୍ଷରୁ କମ୍ ବୟସର ମହିଳାଙ୍କୁ ବିବାହ କରନ୍ତି ତେବେ ସେ ୩ ମାସ ଜେଲ୍ ସହ ଜୋରିମାନାରେ ଦଣ୍ଡିତ ହେବେ ।
- ☐ ଯଦି କେହି ଅଭିଯୋଗ କରିବାକୁ ଚାହୁଁଛନ୍ତି, ତେବେ ବିବାହର ୧ବର୍ଷ ମଧରେ ଅଭିଯୋଗ କରିବାକୁ ପଡିବ । ଏକ ବର୍ଷ ପରେ ଏ ଅଭିଯୋଗ କଲେ ତାହା ଆଇନ୍ ପରିସରଭୁକ୍ତ ହେବ ନାହିଁ ।
- ☐ ଯଦି କୌଣସି କ୍ଷେତ୍ରରେ ଏପରି ବାଲ୍ୟବିବାହ ହେଉଅଛି, ଏବଂ କେହି ତାହାକୁ ବାଧା ଦେବା ପାଇଁ ଚାହୁଁଛନ୍ତି, ତେବେ ଦେଓ୍ୱାନୀ ଅଦାଲତରେ ଆବେଦନ କରି ଏହି ଆଇନ୍ ଅନୁସାରେ ଏହି ବିବାହକୁ ରଦ୍ଦ କରିବା ପାଇଁ ଅଦାଲତରୁ ନିର୍ଦ୍ଦେଶ ଆଣିପାରିବେ । ଯେ କୌଣସି ସଂଗଠନ ମଧ୍ୟ ଅଦାଲତରେ ଆବେଦନ କରି ଏହି ଆଦେଶ ଆଣିପାରିବେ ।
- ☐ ଯଦି ଅଦାଲତକୁ ଅବମାନନା କରି ଏପରି ବିବାହ ଅନୁଷ୍ଠିତ ହୁଏ, ତେବେ ଅଭିଯୁକ୍ତଙ୍କୁ ୩ ମାସ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ କରିବାର ବ୍ୟବସ୍ଥା ଅଛି ।

- ☐ ହିନ୍ଦୁ ବିବାହ ଆଇନ୍ ଅନୁସାରେ ଥରେ ବିବାହିତ ହୋଇ ସାରିବା ପରେ ଏହା ବାଲ୍ୟବିବାହ ହୋଇଥିଲେ ମଧ୍ୟ ବର ବଧୂଙ୍କୁ ସ୍ୱାମୀ ସ୍ତ୍ରୀ ଭାବରେ ଗ୍ରହଣ କରାଯିବ।
- ☐ ୧୯୭୬ରେ ଏହି ଆଇନ୍‌ର ଏକ ଯଥାର୍ଥ ସଂଶୋଧନ ଅଣାଯାଇଥିଲା। ସଂଶୋଧିତ ଆଇନ୍ ଅନୁସାରେ ଯଦି କୌଣସି କନ୍ୟା ୧୫ବର୍ଷ ବୟସରୁ କମ୍ ବୟସରେ ବିବାହ କରିଥିବେ, ତେବେ ସାବାଳିକା ହେବାପରେ ଏ ବିବାହକୁ ରଦ୍ଦ କରିବାର ଅଧିକାର ଅଛି।

**ବାଲ୍ୟ ବିବାହ କ୍ଷେତ୍ରରେ ଦଣ୍ଡବିଧାନ**

| **ବିବାହ କରୁଥିବା ପୁରୁଷର ବୟସ** | **ଦଣ୍ଡବିଧାନ** |
|---|---|
| ୧୮ରୁ ଉର୍ଦ୍ଧ୍ୱ ଏବଂ ୨୧ରୁ କମ୍ | ୧୫ ଦିନ ପର୍ଯ୍ୟନ୍ତ ଜେଲ ଦଣ୍ଡ କିମ୍ବା ୧୦୦୦ଟଙ୍କା ପର୍ଯ୍ୟନ୍ତ |
| ୨୧ ବର୍ଷରୁ ଉର୍ଦ୍ଧ୍ୱ | ୩ ମାସ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ଜୋରିମାନା |
| ସଂପୃକ୍ତ ପିତା, ମାତା କିମ୍ବା ଅଭିଭାବକଙ୍କୁ | ୩ ମାସ ପର୍ଯ୍ୟନ୍ତ ଅଶ୍ରମ ଜେଲ ଓ ଜୋରିମାନା |

**ଶ୍ରୀମତୀ ସୁଶୀଳା ଗୋଥାଲା ବନାମ ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟାନ୍ୟ (ଏ.ଆଇ.ଆର. ୧୯୯୫ ରାଜସ୍ଥାନ ୯୦)**

ଯଦିଓ ବାଲ୍ୟ ବିବାହକୁ ନିଷିଦ୍ଧ କରି ୧୯୨୯ ମସିହାରୁ ଆଇନ୍‌ର ପ୍ରଚଳନ ହେଲାଣି, କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ପରମ୍ପରା ସମାଜରେ ଏବେ ମଧ ବହୁଳ ଭାବେ ପ୍ରଚଳିତ। ରାଜସ୍ଥାନରେ ଏହି ପ୍ରଥା ଅଧିକ ପ୍ରଚଳିତ । ଏହାର ନିରାକରଣ ପାଇଁ ପ୍ରଥମରୁ ସାମାଜିକ-ଅର୍ଥନୈତିକ ସ୍ତରରେ ସୁଚିନ୍ତିତ ଓ ଆନ୍ତରିକ ଉଦ୍ୟମ ହୋଇନଥିବାରୁ ଏହା କ୍ରମଶଃ କାୟାବିସ୍ତାର କରିଚାଲିଛି।

ଅଳ୍ପ ବୟସରେ କନ୍ୟାମାନେ ସ୍ୱାମୀ ପରିତ୍ୟକ୍ତା ହେଉଛନ୍ତି ଏବଂ ସେମାନଙ୍କର ଭବିଷ୍ୟତ ଅନ୍ଧକାରମୟ ହୋଇପଡୁଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୁଡ଼ିକ ବାଲ୍ୟ ବିବାହର କୁପରିଣତିକୁ ନେଇ କୌଣସି ସଚେତନତା-ମୂଳକ କାର୍ଯ୍ୟ ନକରିବା ବାସ୍ତବିକ ଦୁର୍ଭାଗ୍ୟଜନକ। ୧୯୯୪ ମସିହାରେ ରାଜସ୍ଥାନ ହାଇକୋର୍ଟ ଏହି ମନ୍ତବ୍ୟ ଦେଇଥିଲେ।

ସୁଶୀଳା ଗୋଥାଲା ଯେ କି ଜଣେ ସାମାଜିକ କର୍ମୀ, ରାଜସ୍ଥାନ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର୍ କରି "ଆକାତିଜ" ଉତ୍ସବରେ ସମୂହ ବାଲ୍ୟବିବାହ ପ୍ରଥାକୁ ନିଷେଧ କରିବା ପାଇଁ ସରକାରକୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନ କରିଥିଲେ। ଏହି ମାମଲାର ବିଚାର କରି ହାଇକୋର୍ଟ ମନ୍ତବ୍ୟ ଦେଇଥିଲେ ଯେ, ଏହି ପ୍ରଥା ଦ୍ୱାରା ସରକାରଙ୍କର କୌଣସି ଅସୁବିଧା ହେଉନାହିଁ। ଏହି "ଆକାଜିତ୍" ଉତ୍ସବ ଉପଲକ୍ଷେ ସରକାରଙ୍କର ପୋଲିସ୍ ବିଭାଗ ସଚେତନ ଅଛନ୍ତି। କିନ୍ତୁ ୪୦,୦୦୦ ଗ୍ରାମରେ ପ୍ରଚଳିତ ଥିବା ଏହି ସାମାଜିକ କୁପ୍ରଥାର ନିୟନ୍ତ୍ରଣ ସୀମିତ ସଂଖ୍ୟକ ପୋଲିସ୍ କର୍ମଚାରୀଙ୍କ ପକ୍ଷରେ ସମ୍ଭବ ନୁହେଁ। ରାଜସ୍ଥାନର ଜନସାଧାରଣ ଏହି କଳୁଷିତ ପ୍ରଥା ବିରୋଧରେ ସଜାଗ ହେବାକୁ ପଡିବ। ହାଇକୋର୍ଟ ଏ ସମ୍ପର୍କରେ ସରକାରକୁ ମଧ କେତେକ ନିର୍ଦ୍ଦେଶ ଦେଇଥିଲେ।

## ବାଲ୍ୟ ବିବାହ ନିଷେଧ ଆଇନ୍ ୨୦୦୬

ମହିଳା ଓ ବାଳୁତ ବିକାଶ ମନ୍ତ୍ରଣାଳୟ, ୟୁନିସେଫ୍ ଓ ସେଣ୍ଟର୍ ଫର୍ ଚାଇଲଡ୍ ରାଇଟସ୍ (ହକ୍)ର ମିଳିତ ଆନୁକୂଲ୍ୟରେ ବାଳୁତ ବିବାହ ଉପରେ ପ୍ରକାଶିତ ଏକ ପୁସ୍ତିକାରୁ ଜଣାପଡେ ଯେ, ବର୍ତ୍ତମାନ ଭାରତର ଅର୍ଦ୍ଧାଧିକ ମହିଳା ବାଳୁତ ବୟସରଙ୍କ, ଅର୍ଥାତ୍ ୧୮ବର୍ଷ ପୁରିବା ପୂର୍ବରୁ ବିବାହ କରୁଛନ୍ତି, ଅଥଚ ପୁରୁଷମାନଙ୍କ ଭିତରୁ ଶତକଡା ୧୬ ଭାଗ ୧୮ବର୍ଷରେ ଏବଂ ଶତକଡା ୨୮ଭାଗ ୨୦ବର୍ଷ ବୟସରଙ୍କ ବିବାହ କରୁଛନ୍ତି। ସେଥିରେ ପୁଣି କୁହାଯାଇଛି ଯେ ସାରା ପୃଥିବୀରେ ଘରୋଇ ହିଂସା କ୍ଷେତ୍ରରେ ଭାରତ ସବୁଠୁଁ ଆଗରେ ଅଛି, ଏବଂ ଏପ୍ରକାର ଅଘଟଣ ଭିତରୁ ଶତକଡା ୬୭ ଭାଗ ଘଟୁଛି ୧୮ବର୍ଷରୁ କମ୍ ବୟସରେ ବିବାହ କରୁଥିବା ମହିଳାମାନଙ୍କ କ୍ଷେତ୍ରରେ । ୧୯୨୯ ମସିହାରୁ ପ୍ରବର୍ତ୍ତୀତ ଏବଂ ତା'ପରେ ବହୁବାର ସଂଶୋଧିତ ବାଳୁତ ବିବାହ

ନିୟନ୍ତ୍ରଣ ଆଇନ୍ ଏହି ସମସ୍ୟାକୁ ମୁକାବିଲା କରିପାରିନାହିଁ । ଅଥଚ ଜାତୀୟ ବାଳୁତ କର୍ମଯୋଜନା ୨୦୦୫ରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଯେ, ୨୦୧୦ ସୁଦ୍ଧା ବାଳୁତ ବିବାହକୁ ପୁରାପୁରି ନିରାକୃତ କରାଯିବ ।

ଭାରତର ସଂସଦ ଇତିମଧ୍ୟରେ ପୂର୍ବ ପ୍ରଚଳିତ ବାଳୁତ ବିବାହ ନିୟନ୍ତ୍ରଣ ଆଇନ୍ ୧୯୨୯କୁ ପ୍ରତ୍ୟାହାର କରି ବାଳୁତ ବିବାହ ନିଷେଧ ଆଇନ୍ ୨୦୦୬କୁ ୧୦ ଜାନୁଆରି ୨୦୦୭ରୁ ବିଜ୍ଞାପିତ କରିସାରିଛନ୍ତି ତଥା ୧ ନଭେମ୍ବର ୨୦୦୭ରୁ ଏହା ବଳବତ୍ତର ହୋଇସାରିଛି । ମୋଟ ୨୧ଦଫା ବିଶିଷ୍ଟ ଏହି ଆଇନ୍‌ରେ କୁହାଯାଇଛି ଯେ ଏହା ଜାମ୍ମୁ ଓ କାଶ୍ମୀର ତଥା ପଣ୍ଡିଚେରି କେନ୍ଦ୍ରଶାସିତ ଅଞ୍ଚଳର ରେନୋନ୍‌କାଣ୍ଟ ସଂପ୍ରଦାୟ (ଯେଉଁମାନେ ଫରାସୀ ଦେଓ୍ୱାନି ଆଇନ୍ ଅନୁଯାୟୀ ପରିଚାଳିତ)କୁ ଛାଡି ସାରା ଦେଶ ପାଇଁ ପ୍ରଯୁଜ୍ୟ ହେବ । କିନ୍ତୁ ଏହାର ବିଧିବ୍ୟବସ୍ଥାଗୁଡିକ କେଉଁ ତାରିଖରୁ ଲାଗୁ ହେବ, ସେ ସମ୍ବନ୍ଧରେ ଏହା କୁହାଯାଇଛି ଯେ, କେନ୍ଦ୍ର ସରକାର ଏହି ତାରିଖ ବିଜ୍ଞାପିତ କରିବେ ତଥା ବିଭିନ୍ନ ରାଜ୍ୟରେ ଏହାର ବିଭିନ୍ନ ବ୍ୟବସ୍ଥା ପ୍ରଯୁଜ୍ୟ ହେବା ପାଇଁ ବିଭିନ୍ନ ତାରିଖ ନିର୍ଦ୍ଧାରିତ ହୋଇପାରେ ।

ଏହି ଆଇନ୍‌ରେ ବାଳୁତର ସଂଜ୍ଞାୟନ କରାଯାଇ କୁହାଯାଇଛି ଯେ, ୨୧ବର୍ଷ ଟପିନଥିବା ଜଣେ ବାଳକ ଏବଂ ୧୮ବର୍ଷ ଟପିନଥିବା ଜଣେ ବାଳିକା ବାଳୁତ ବୋଲି ବିବେଚିତ ହେବ । ପୁଣି 'ନାବାଳକ'ର ସଂଜ୍ଞା ଦିଆଯାଇ କୁହାଯାଇଛି ଯେ, ସାବାଳକ ଆଇନ୍, ୧୮୭୫ ଅନୁଯାୟୀ ଜଣେ ବ୍ୟକ୍ତି 'ନାବାଳକ' ବୋଲି ବୋଲି ବିବେଚିତ ହେବ, ଅର୍ଥାତ୍ ୧୮ବର୍ଷ ଟପି ନଥିବା ଯେ କୌଣସି ବାଳକ ବା ବାଳିକାକୁ ନାବାଳକ ବୋଲି ମନେ କରାଯିବ ।

ଏହି ନୂତନ ଆଇନ୍ ଅଧୀନରେ ଯେ କୌଣସି ବାଳୁତ ବିବାହ ଉପରେ ଉତ୍ସବ ଆୟୋଜନକୁ ଏକ ଧର୍ତ୍ତବ୍ୟ ଓ ଜାମିନ୍-ବିହୀନ ଅପରାଧ ବୋଲି ଅଭିହିତ କରାଯାଇଛି । ଏଥିପାଇଁ ଦଣ୍ଡ ହେଉଛି ୨ବର୍ଷ ସଶ୍ରମ ଜେଲ୍ ବା ୧ଲକ୍ଷ ଟଙ୍କା ଜୋରିମାନା ବା ଉଭୟ । କିନ୍ତୁ ଜଣେ ମହିଳା ଅପରାଧୀଙ୍କୁ ଜେଲ୍‌ଦଣ୍ଡ ଦିଆଯାଇ ପାରିବ ନାହିଁ । ଜଣେ ବାଳୁତକୁ ତା'ର ପିତାମାତାଙ୍କ ଠାରୁ କୌଣସି ପ୍ରଲୋଭନ, ଚଞ୍ଚକତା, ବଳପ୍ରୟୋଗ ବା ଧମକ ଦ୍ୱାରା ଚାଲାଣ କରାଯାଇ ବିବାହ କରାଯାଇଥାଏ, ତେବେ ସେପ୍ରକାର ବିବାହକୁ ଅଦାଲତ ଅସିଦ୍ଧ ଘୋଷଣା କରିପାରିବେ । ପ୍ରତି ରାଜ୍ୟରେ ବାଳୁତ ବିବାହ ନିଷେଧ ଅଧିକାରୀ ମୁତୟନ ହେବେ, ଯେ କି ବାଳୁତ ବିବାହକୁ ରୋକିବା, ଏହାର ଶୀକାର ହୋଇଥିବା ପକ୍ଷଙ୍କୁ ସୁରକ୍ଷା ଦେବା ତଥା ଅପରାଧୀମାନଙ୍କ ବିରୁଦ୍ଧରେ ଅଭିଯୋଜନ କରିବା ପାଇଁ ଉତ୍ତରଦାୟୀ ରହିବେ । ଏହାଛଡା ସେ ସଂପୃକ୍ତ ବାଳୁତକୁ ମେଡିକାଲ୍ ଓ ଆଇନ୍ ସହାୟତା ସହିତ ବାସସ୍ଥାନ ଓ ଥଇଥାନର ବ୍ୟବସ୍ଥାକୁ ସୁନିଶ୍ଚିତ କରିବେ । ରାଜ୍ୟ ସରକାର ଚାହିଁଲେ ସ୍ଥାନୀୟ ଗ୍ରାମପଞ୍ଚାୟତ ବା ପୌରପାଳିକାର ଜଣେ କାର୍ଯ୍ୟକର୍ତ୍ତା, କୌଣସି ସରକାରୀ ଅଧିକାରୀ, ବା ଏନ୍.ଜି.ଓ. କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ବଳରେ ସଂପୃକ୍ତ ବାଳୁତ ବିବାହ ନିଷେଧ ଅଧିକାରୀଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦେବା ପାଇଁ କହିପାରନ୍ତି । ଏକ ଆସନ୍ନ ବାଳୁତ ବିବାହ ଘଟଣାକୁ ରୋକିବା ପାଇଁ ସଂପୃକ୍ତ ଅଦାଲତ ନିଷେଧାଜ୍ଞା ଜାରି କରିପାରିବେ । ବାଳୁତ ବିବାହ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାର ଦାୟିତ୍ୱ ଜିଲ୍ଲାପାଳ ତଥା ବାଳୁତ ବିବାହ ନିଷେଧ ଅଧିକାରୀଙ୍କ ଉପରେ ନ୍ୟସ୍ତ କରାଯାଇଛି ।

ଘଟିଯାଇଥିବା ଏକ ବାଳୁତ ବିବାହକୁ ଅସିଦ୍ଧ ଘୋଷଣା ପାଇଁ ବିବାହର ଦୁଇପକ୍ଷ ମଧ୍ୟରୁ ଯେ କୌଣସି ପକ୍ଷ ଆବେଦନ କରିପାରନ୍ତି । ଏହି ଆବେଦନ ସଂପୃକ୍ତ ବାଳୁତ ସାବାଳକତ୍ୱ ପ୍ରାପ୍ତି ପୂର୍ବରୁ ଦୁଇବର୍ଷ ଭିତରେ କରାଯାଇପାରିବ । ଆବେଦନ ସମୟରେ ଯଦି ସଂପୃକ୍ତ ବାଳୁତ ନାବାଳକ ହୋଇଥାନ୍ତି, ତେବେ ତାଙ୍କ ତରଫରୁ ତାଙ୍କର କୋଣସି ଅଭିଭାବକ ବା ଜଣେ ସାବାଳକ ପ୍ରିୟବନ୍ଧୁ ଆବେଦନ ଦାଖଲ କରିପାରିବେ । ଗୋଟିଏ ବାଳୁତ ବିବାହ ଏଭଳି ଅସିଦ୍ଧ ଘୋଷିତ ହେଲେ ବି ସଂପୃକ୍ତ କନ୍ୟାର ବାସସ୍ଥାନ ଓ ଭରଣପୋଷଣ ପାଇଁ ଅଧିକାର ରହିବ , ତଥା ଏପ୍ରକାର ବିବାହରୁ ଜନ୍ମିତ ସନ୍ତାନସନ୍ତତି ମାନେ ବୈଧ ବୋଲି ବିବେଚିତ ହେବେ ତଥା ସେମାନଙ୍କର ହେପାଜତ୍ ଓ ଭରଣପୋଷଣ ପାଇଁ ବ୍ୟବସ୍ଥା କରାଯିବ ।

ଯେ କୌଣସି ବ୍ୟକ୍ତି ବାଳୁତ ବିବାହ ଘଟଣା ଉପରେ ନିକଟସ୍ଥ ଥାନାରେ ଏଫ୍.ଆଇ.ଆର୍. ଦରଜ କରିପାରିବେ ଏବଂ ଏହାଛଡା ସ୍ଥଳ ବିଶେଷରେ ଜଣେ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ବା ମେଟ୍ରପଲିଟାନ୍ ମାଜିଷ୍ଟ୍ରେଟ୍ ନିକଟରେ ମଧ୍ୟ ରିପୋର୍ଟ କରିପାରିବେ । ପୋଲିସ୍ ସଂପୃକ୍ତ ଉଲ୍ଲଂଘନକାରୀଙ୍କୁ ଫୌଜଦାରୀ କାର୍ଯ୍ୟବିଧିର ଦଫା-୧୫୧ ଅନୁସାରେ ଗିରଫ କରିପାରିବେ ।

## ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧

ଜଣେ ମହିଳା ବିଭିନ୍ନ ଯଥାର୍ଥ କାରଣରୁ ଗର୍ଭପାତ କରିବା ଆବଶ୍ୟକ ପଡିପାରେ। ଏବେ ବି ଯଦି ଜଣେ ଅବିବାହିତ ଝିଅ ବା ବିଧବା ଗର୍ଭବତୀ ହୋଇପଡନ୍ତି ସେ ଯେମିତି ହେଲେ ଗର୍ଭନଷ୍ଟ କରିବାକୁ ଚାହିଁବେ। ଓଡିଶା ଭଳି ରାଜ୍ୟରେ ଏକ ଆଇନ୍ ଅଛି ଯେ, ଯାହାର ଦୁଇଟିରୁ ଅଧିକ ପିଲା ଥିବେ, ସେ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେନି ଏବଂ ଜଣେ ଜିତିବା ପରେ ଯଦି ତୃତୀୟ ସନ୍ତାନ ପ୍ରସବ କରନ୍ତି, ତେବେ ତାଙ୍କୁ ପଦବୀ ହରାଇବାକୁ ପଡିବ। ତେଣୁ ବହୁ ମହିଳା ଏଥିପାଇଁ ମଧ୍ୟ ଗର୍ଭନଷ୍ଟ କରିବା ପାଇଁ ଆଗ୍ରହୀ ହେବା ସ୍ୱାଭାବିକ। କିନ୍ତୁ ଯଥାର୍ଥ କାରଣ ନଥାଇ ମଧ୍ୟ ବିଭିନ୍ନ ପ୍ରକାର କୁସଂସ୍କାର ଯୋଗୁଁ ଅତୀତରୁ ଏ ଯାବତ୍ ଗର୍ଭପାତ କରାହୋଇ ଆସୁଛି। ଏକଥା ସତ, ଭାରତୀୟ ଦଣ୍ଡବିଧି ସଂହିତା, ୧୮୬୦ର ଅଧ୍ୟାୟ-୧୬(ମାନବ ଶରୀରକୁ କ୍ଷତିଗ୍ରସ୍ତ କରୁଥିବା ଅପରାଧମାନ)ର ଦଫା-୩୧୨ରୁ ୩୧୬ରେ ବେଆଇନ୍ ଢଙ୍ଗରେ କରାଯାଉଥିବା ଉଭୟ ଗର୍ଭପାତ ଏବଂ ଶିଶୁହତ୍ୟାକୁ ନିଷିଦ୍ଧ କରାଯାଇଛି। କିନ୍ତୁ ଏହା ସତ୍ତ୍ୱେ ବେଆଇନ୍ ଗର୍ଭପାତ ଭଳି ସମସ୍ୟାକୁ ରୋକାଯାଇ ପାରିଲା ନାହିଁ , ଏବଂ ଗର୍ଭପାତ ପ୍ରକ୍ରିୟାରେ କେବଳ ଶିଶୁ ନୁହେଁ, ଗର୍ଭବତୀମା'ମାନଙ୍କର ଜୀବନ ଓ ସ୍ୱାସ୍ଥ୍ୟ ବିପନ୍ନ ହେବାକୁ ଲାଗିଲା। ପୁଣି ଅନ୍ୟପଟରେ ନାରୀ ଜାଗରଣ ଆଗେଇବା ସହିତ ଗର୍ଭଧାରଣ ପାଇଁ ଅଧିକାର କେବଳ ମହିଳାର ଅଛି ଏବଂ ସେ ଚାହିଁଲେ ଗୋଟିଏ ଅବାଂଛିତ ଗର୍ଭକୁ ନଷ୍ଟ କରିପାରିବ, ଏପ୍ରକାର ଚେତନା ସାରା ବିଶ୍ୱରେ ପ୍ରସାର ଲାଭ କଲା ଏବଂ ଭାରତୀୟ ନାରୀସମାଜର ଅଗ୍ରଣୀ ଗୋଷ୍ଠୀଙ୍କୁ ଉଦ୍‌ବୁଧ କଲା। ପୁଣି ଡାକ୍ତରୀ ବିଜ୍ଞାନର ପ୍ରଭୁତ ବିକାଶ ଯୋଗୁଁ ମା'ର ଜୀବନକୁ ବିପନ୍ନ ନକରି କିଭଳି ସହଜ ଉପାୟରେ ଗର୍ଭପାତ କରିହେବ, ତାହା ମଧ୍ୟ ଆମଦେଶରେ ସମ୍ଭବ ହୋଇପାରିଲା। ଅତୀତରେ ଯେଭଳି ଗାଁଗହଳିର ଅଶିକ୍ଷିତ ଧାଈମାନଙ୍କ ଦ୍ୱାରା ଗର୍ଭପାତ କରାଯାଉଥିଲା, ତାହା ପରିବର୍ତ୍ତେ ବିଧିବଦ୍ଧଭାବେ ପ୍ରତିଷ୍ଠିତ ଡାକ୍ତରଖାନାଗୁଡିକରେ ସ୍ୱଳ୍ପ ସମୟ, ସ୍ୱଳ୍ପ ବ୍ୟୟ ଏବଂ ସହଜ ଢଙ୍ଗରେ ଗର୍ଭପାତ କରାଇବାର ସମ୍ଭାବନା ଆମଦେଶରେ ଦେଖାଦେଲା। ଏସବୁର ଫଳଶ୍ରୁତି ରୂପେ ଆମ ଦେଶରେ ପ୍ରବର୍ତ୍ତୀତ ହୋଇଛି ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍, ୧୯୭୧ ଏବଂ ନିୟମାବଳୀ, ୨୦୦୩, ଯାହାକୁ ମାନିବା ପାଇଁ ସମସ୍ତ ରାଜ୍ୟ ସରକାର ବାଧ୍ୟ।

### ଗର୍ଭପାତ ଆଇନ୍ ଓ ନିୟମାବଳୀର ପ୍ରମୁଖ ପ୍ରାବ୍‌ଧାନମାନ-

☐ ମାନସିକ ଭାବେ ସୁସ୍ଥ ଥିବା ପ୍ରତ୍ୟେକ ସାବାଳକ ମହିଳାଙ୍କ ପ୍ରତ୍ୟକ୍ଷ ସମ୍ମତି ବିନା ଗର୍ଭପାତ କରାଯାଇ ପାରିବ ନାହିଁ।

☐ ଧର୍ଷଣ କାରଣରୁ ଜଣେ ମହିଳା ଗର୍ଭବତୀ ହୋଇପଡିଥିଲେ, ତାଙ୍କର ମତ ନେଇ ତାଙ୍କର ଗର୍ଭପାତ କରାଯାଇପାରିବ।

☐ ଜନ୍ମ ନିୟନ୍ତ୍ରଣ ଉଦ୍ଦେଶ୍ୟରେ ମଧ୍ୟ ଜଣେ ଗର୍ଭବତୀ ମହିଳା ଚାହିଁଲେ ତାଙ୍କର ଗର୍ଭପାତ କରାଯାଇପାରିବ।

☐ ଅଭିଭାବକଙ୍କର ବିନାନୁମତିରେ ୧୮ ବର୍ଷରୁ କମ୍ ବୟସର ମହିଳାଙ୍କର ଗର୍ଭପାତ ଆଇନ୍‌ସଂଗତ ନୁହେଁ।

☐ ଯଦି କୌଣସି ମାନସିକ ବିକୃତି ଥିବା ମହିଳାଙ୍କର ଗର୍ଭପାତ କରାଯାଏ, ତେବେ ତାଙ୍କର ଅଭିଭାବକଙ୍କର ଲିଖିତ ଅନୁମତି ଆବଶ୍ୟକ।

☐ କେବଳ ସରକାରୀ ଏବଂ ସ୍ୱୀକୃତି ପ୍ରାପ୍ତ ବେସରକାରୀ ଡାକ୍ତରଖାନାରେ ଗର୍ଭପାତ କରାଯାଇ ପାରିବ ।

☐ ଯେଉଁସ୍ଥଳେ ଗର୍ଭଧାରଣର ଅବଧି ୧୨ସପ୍ତାହକୁ ଅତିକ୍ରମ କରିନଥାଏ ସେପରି ସ୍ଥଳେ ଜଣେମାତ୍ର ପଞ୍ଜିକୃତ ଡାକ୍ତରଙ୍କ ମତ ନିଆଯାଇ ଗର୍ଭପାତ କରାଯାଇପାରିବ। ଯେଉଁ ଗର୍ଭଧାରଣର ଅବଧି ୧୨ସପ୍ତାହ ରୁ ୨୦ସପ୍ତାହଭିତରେ ହୋଥାଏ, ସେପରି ସ୍ଥଳେ ଗର୍ଭପାତ ପାଇଁ ଅନ୍ୟୁନ ଦୁଇଜଣ ପଞ୍ଜିକୃତ ଡାକ୍ତରଙ୍କ ସହମତି ଲୋଡା।

☐ ଉପରୋକ୍ତ ଡାକ୍ତରମାନଙ୍କ ମତରେ ଯଦି ଗର୍ଭଧାରଣ ଅବ୍ୟାହତ ରହିଲେ ଅନ୍ତଃସତ୍ତ୍ୱା ମହିଳାଙ୍କର ଜୀବନ ପ୍ରତି ବିପଦ ରହିଛି କିମ୍ବା ତାଙ୍କର ଶାରିରୀକ ବା ମାନସିକ ସ୍ୱାସ୍ଥ୍ୟ ଗଭୀରଭାବେ କ୍ଷତିଗ୍ରସ୍ତ ହୋଇପାରେ; କିମ୍ବା ଯଦି ପିଲାଟି ଜନ୍ମ ନିଏ, ତେବେ ସେ ଏକ ଗୁରୁତର ଭାବେ ବିକଳାଙ୍ଗ ହୋଇ ଜନ୍ମ ନେବ, ତେବେ ଗର୍ଭପାତ ଆଇନ୍‌ସିଦ୍ଧ।

- ☐ କିନ୍ତୁ ଯେଉଁସ୍ଥଳେ ଜଣେ ପଞ୍ଜିକୃତ ଡାକ୍ତର ଅନୁଭବ କରିବେ ଯେ ଜଣେ ଗର୍ଭବତୀ ମହିଳାଙ୍କର ଜୀବନ ବଞ୍ଚାଇବା ପାଇଁ ତତ୍‌କ୍ଷଣାତ୍ ଗର୍ଭପାତ ଜରୁରୀ, ସେ ଗର୍ଭପାତ କରାଇପାରିବେ, ଏବଂ ସେ କ୍ଷେତ୍ରରେ ଗର୍ଭପାତ ପାଇଁ ଉଦ୍ଦିଷ୍ଟ ସ୍ଥାନ ଏବଂ ଗର୍ଭପାତର ସମୟ-ଅବଧିକୁ କେନ୍ଦ୍ର କରି ଆବଶ୍ୟକୀୟ ପେଷାଦାରୀ ଅଭିମତ ସମ୍ବନ୍ଧୀୟ କଟକଣା ଲାଗୁ ହେବନାହିଁ ; ଧାରା- ୫(୧)।
- ☐ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟିର ଅନୁମୋଦନ ବିନା ଅନ୍ୟ କୌଣସି ସ୍ଥାନରେ ସାଧାରଣତଃ ଗର୍ଭପାତ କରାଯିବ ନାହିଁ; ଏହାର ଉଲ୍ଲଂଘନ ପାଇଁ ଅନ୍ୟୂନ ଦୁଇବର୍ଷରୁ ସାତ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଦିଆଯାଇପାରେ।
- ☐ ଯଦି ଯଥାବିଧି ପଞ୍ଜିକୃତ ହୋଇନଥିବା ଜଣେ ଡାକ୍ତର ଗର୍ଭପାତ କରାନ୍ତି, ତେବେ ସେ ମଧ୍ୟ ଅନ୍ୟୂନ ଦୁଇବର୍ଷରୁ ସାତବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଭୋଗିବେ।
- ☐ ଯଦି ଗର୍ଭପାତ କରାଉଥିବା ସଂପୃକ୍ତ ଡାକ୍ତର ନିଜର ମତ ଏବଂ ଗର୍ଭପାତ ସଂବନ୍ଧୀୟ ସୂଚନା ବିନିର୍ଦ୍ଦିଷ୍ଟ ଢଙ୍ଗରେ ନିୟମିତ ପ୍ରେରଣ ନକରନ୍ତି, ତେବେ ସେ ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିନାରେ ଦଣ୍ଡିତ ହେବେ।
- ☐ ଗୋଟିଏ ସ୍ଥାନରେ ଗର୍ଭପାତ କରିବା ପାଇଁ ଉପଯୁକ୍ତ ସୁବିଧାମାନ ଅଛି କି ନାହିଁ, ତାହା ନିରୀକ୍ଷଣ କରିବାର ଦାୟିତ୍ୱ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କର। ଯଦି ତାଙ୍କର ହୃଦ୍‌ବୋଧ ହୁଏ ଯେ, କୌଣସି ଏକ ଅନୁମୋଦିତ ସ୍ଥାନରେ ସେସବୁ ସୁବିଧାସୁଯୋଗ ନାହିଁ ଅଥବା ତାହାର ପରିବେଶ ଅପରିଷ୍କାର ଓ ଅପରିଚ୍ଛନ୍ନ, ତେବେ ସେ ସଂପୃକ୍ତ କମିଟିକୁ ଏବିଷୟରେ ଜଣାଇବେ ଏବଂ ସେହି କମିଟି ଉକ୍ତ ସ୍ଥାନର ଅନୁମୋଦନକୁ ବାତିଲ୍ କରିଦେଇପାରନ୍ତି।

**ଓଡିଶାରେ ଗର୍ଭପାତ ଆଇନ୍‌ର କାର୍ଯ୍ୟକାରିତା-**

ଗର୍ଭପାତ ଆଇନ୍‌ର ଧାରା-୭ ଅନୁଯାୟୀ ଏକ ରାଜ୍ୟ ସରକାର ସଂପୃକ୍ତ ଡାକ୍ତର କେଉଁ ପ୍ରରୂପ (ଫର୍ମ)ରେ ନିଜର ମତ ଏବଂ ଗର୍ଭପାତ ସଂବନ୍ଧୀୟ ସୂଚନାର ଅନୁରକ୍ଷଣ କରିବେ, ତଥା ଯଥାସ୍ଥିତି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ରାଜ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବେ, ସେ ସମ୍ବନ୍ଧରେ ବିନିୟମାବଳୀ(ରେଗୁଲେସନ୍) ଜାରି କରିବେ, ତଥା ଏହାର ଉଲ୍ଲଂଘନ ପାଇଁ ସର୍ବାଧିକ ଏକ ହଜାର ଟଙ୍କା ମଧ୍ୟରେ ଦଣ୍ଡବିଧାନ ମଧ୍ୟ ସ୍ଥିର କରିବେ। କିନ୍ତୁ କ୍ଷୋଭର ବିଷୟ, ଓଡିଶା ସରକାର ଏହି ବିନିୟମାବଳୀ ଘୋଷଣା କରିନାହାନ୍ତି ଏବଂ ଗର୍ଭପାତ ଆଇନ୍‌ର ସୁଚାରୁ କାର୍ଯ୍ୟକାରିତା ପାଇଁ ଆବଶ୍ୟକ ପଦକ୍ଷେପ ନେଇନାହାନ୍ତି, ଯାହା ଫଳରେ ସାଧାରଣ ମହିଳା ଗର୍ଭପାତ ପାଇଁ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହେବା ସହିତ ଅବୈଧ ଗର୍ଭପାତର ଘଟଣାବଳୀ ବଢ଼ିବଢ଼ି ଚାଲିଛି।

## ଲିଂଗ ନିରୂପଣ ନିରୋଧ ଆଇନ୍ ୧୯୯୪

୧୯୭୧ରେ ଡାକ୍ତରୀ ପଦ୍ଧତିରେ ଗର୍ଭପାତ ଆଇନ୍ କାର୍ଯ୍ୟକାରୀ ହେବା ପରଠାରୁ ଲକ୍ଷ୍ୟ କରାଗଲା ଯେ, ଏହି ଆଇନ୍ ଅଧୀନରେ ଗର୍ଭପାତ ପାଇଁ ମହିଳାମାନଙ୍କୁ ଦିଆଯାଇଥିବାର ସୁଯୋଗ ନେଇ ଅନେକ ବିବାହିତ ଦମ୍ପତି ଶିଶୁକନ୍ୟା ଜନ୍ମକୁ ଏଡାଇବା ସକାଶେ ଚିକିତ୍ସା-ବିଜ୍ଞାନ କ୍ଷେତ୍ରରେ ଉଦ୍‌ଭାବିତ ହୋଇଥିବା ଅତ୍ୟାଧୁନିକ କୌଶଳ ସାହାଯ୍ୟରେ ଗର୍ଭାବସ୍ଥାରେ ଥିବା ଶିଶୁର ଲିଙ୍ଗ ନିରୂପଣ ସହିତ କନ୍ୟାଭ୍ରୁଣକୁ ନଷ୍ଟ କରିଚାଲିଲେ। ଏହା ଫଳରେ ଦେଶର ଅନେକ ପ୍ରାନ୍ତରେ ମୋଟ ଜନସଂଖ୍ୟାରୁ ମହିଳାଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଲା।

ଏଠାରେ ଉଲ୍ଲେଖନୀୟ ଯେ, ଅଲ୍‌ଟ୍ରାସାଉଣ୍ଡ ପଦ୍ଧତି ଦ୍ୱାରା ଦ୍ୱାରା ଜଣେ ଗର୍ଭବତୀ ମହିଳାର ଗର୍ଭାଶୟ ଓ ତହିଁରେ ଶିଶୁଭ୍ରୁଣର ଅବସ୍ଥା ପରୀକ୍ଷା କରାଯାଇଥାଏ, ଯାହାକି ଉଭୟ ମହିଳା ଏବଂ ଶିଶୁର ସ୍ୱାସ୍ଥ୍ୟ ଦୃଷ୍ଟିରୁ ଏକ ଅତୀବ ଉପାଦେୟ ବ୍ୟବସ୍ଥା। କିନ୍ତୁ ଏହା ଏକ ବିଡମ୍ବନା ଯେ, ଏହି ପରୀକ୍ଷା ବେଳେ ଗର୍ଭସ୍ଥ ଶିଶୁର ଲିଙ୍ଗ ମଧ୍ୟ ନିରୂପଣ କରାଯାଇପାରେ। ଆମ ଦେଶରେ ଯେହେତୁ କନ୍ୟାଶିଶୁ ପ୍ରତି ଏକ ପାରମ୍ପରିକ ହତାଦର ରହିଆସିଛି, ବହୁ ଦମ୍ପତି ଏହି ପଦ୍ଧତିର ସୁଯୋଗ ନେଇ ଗର୍ଭସ୍ଥ ଶିଶୁର ଲିଂଗ ନିରୂପଣ

କଲେ ଏବଂ କନ୍ୟାଶିଶୁ ଗର୍ଭରେ ଥିବା ଜାଣିପାରି ଗର୍ଭପାତ କରାଇଲେ। ଯେହେତୁ ସ୍ୱୀକୃତିପ୍ରାପ୍ତ ବେସରକାରୀ ଚିକିତ୍ସାକେନ୍ଦ୍ରରେ ଗର୍ଭପାତ ହୋଇପାରିବ ବୋଲି ଆଇନ୍‌ଗତ ବ୍ୟବସ୍ଥା ଅଛି, ତେଣୁ ବହୁ ଡାକ୍ତର ଆଗ୍ରହୀ ଦମ୍ପତିମାନଙ୍କ ଠାରୁ ଅଧିକ ଟଙ୍କା ରୋଜଗାର କରିବା ଆଶାରେ ମନଇଚ୍ଛା କନ୍ୟାଭ୍ରୁଣ ନଷ୍ଟ କରିଚାଲିଲେ। ଏହାର ପରିଣାମ ସ୍ୱରୂପ, ପୁଅ ତୁଳନାରେ ଝିଅ ଜନ୍ମ କମିବାରେ ଲାଗିଲା ଓ ଏହି ଲିଙ୍ଗ ବୈଷମ୍ୟ ଜନସଂଖ୍ୟା ରିପୋର୍ଟରେ ମଧ୍ୟ ପ୍ରତିଫଳିତ ହେଲା। ସୁତରାଂ ଲିଙ୍ଗ ନିରୂପଣ କରିବାକୁ ବେଆଇନ୍ ଘୋଷଣା ପାଇଁ ଦାବୀ କରି ଦେଶର ବହୁ ମହିଳା-ସଂଗଠନ ଆନ୍ଦୋଳନ ଚଳାଇଥିଲେ। ଏହାର ପରିଣତି ସ୍ୱରୂପ, ୧୯୯୪ ମସିହାରେ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪ ବା ସଂକ୍ଷେପରେ ପି.ଏନ୍.ଡି.ଟି. ଆଇନ୍ ଆମ ସଂସଦରେ ଗୃହୀତ ହୋଇଥିଲା।

## ପି.ଏନ୍.ଡି.ଟି. ଆଇନ୍ ଓ ନିୟମାବଳୀ

ଏପର୍ଯ୍ୟନ୍ତ ଲିଙ୍ଗ ନିରୂପଣ ନିଷେଧ ସଂକ୍ରାନ୍ତରେ ନିମ୍ନୋକ୍ତ ଆଇନ୍ ଓ ନିୟମାବଳୀ କେନ୍ଦ୍ରୀୟ ସ୍ତରରେ ପ୍ରଣୟନ କରାଯାଇଛି-

- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ନିୟମାବଳୀ, ୧୯୯୬
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) (ଉପଦେଷ୍ଟା କମିଟିସମୂହ) ନିୟମାବଳୀ, ୧୯୯୬
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୋଧନ ଆଇନ୍ , ୨୦୦୨
- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ସଂଶୀଧନ ନିୟମାବଳୀ, ୨୦୦୩

ପ୍ରଥମେ କନ୍ୟା ଭ୍ରୁଣହତ୍ୟାକୁ ରୋକିବା ଉଦ୍ଦେଶ୍ୟରେ 'ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହ (ଅପବ୍ୟବହାରର ନିୟନ୍ତ୍ରଣ ଓ ପ୍ରତିଷେଧ) ଆଇନ୍, ୧୯୯୪ ପ୍ରଣୀତ ହୋଇଥିଲା ଏବଂ ୧ ଜାନୁଆରି ୧୯୯୬ ଠାରୁ ଏହାର ନିୟମାବଳୀ ସହିତ କାର୍ଯ୍ୟକାରୀ ହେଲା। କିନ୍ତୁ ଏହାର କାର୍ଯ୍ୟକାରିତା ପ୍ରକ୍ରିୟାରେ କେତେକ ଅଭାବ ଓ ଅସୁବିଧା ଦୃଷ୍ଟିଗୋଚର ହେବାରୁ ଏହି ଆଇନ୍‌କୁ ୨୦୦୨ରେ ସଂଶୋଧନ କରାଯାଇଥିଲା। ଏହା ପରେ ପୁଣି ୨୦୦୩ରେ ଏହାର ନିୟମାବଳୀକୁ ସଂଶୋଧନ କରାଗଲା। ବର୍ତ୍ତମାନ ସଂଶୋଧିତ ଆଇନ୍ ଓ ନିୟମାବଳୀର ଶୀର୍ଷକରେ ପ୍ରାକ୍-ଗର୍ଭଧାରଣ ଶବ୍ଦକୁ ଯୋଡି ଦିଆଯାଇଛି, ଯଥା, ବର୍ତ୍ତମାନର ସଂଶୋଧିତ ନିୟମାବଳୀକୁ କୁହାଯାଉଛି, 'ଲିଙ୍ଗ-ଭିତ୍ତିକ ଗର୍ଭପାତ ଉଦ୍ଦେଶ୍ୟରେ ପ୍ରାକ୍-ଗର୍ଭଧାରଣ ଏବଂ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତି (ଲିଙ୍ଗ ନିରୂପଣର ନିଷେଧ) ନିୟମାବଳୀ, ୧୯୯୬'। ଏହି ଆଇନ୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଗର୍ଭଧାରଣ ପୂର୍ବରୁ ବା ପରେ ଲିଙ୍ଗ-ନିରୂପଣ ପଦ୍ଧତିଗୁଡ଼ିକର ବ୍ୟବହାର ତଥା ଲିଙ୍ଗ-ଭିତ୍ତିକ ଗର୍ଭପାତ ପାଇଁ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିଗୁଡ଼ିକୁ ନିଷିଦ୍ଧ କରିବା ତଥା ଏହିସବୁ ପଦ୍ଧତିର ବ୍ୟବହାରକୁ ନିୟନ୍ତ୍ରଣ କରିବା।

## ପି.ଏନ୍ ଡି.ଟି. ଆଇନ୍‌ର ମୁଖ୍ୟ ବୈଶିଷ୍ଟ୍ୟମାନ-

- ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣକୁ ଅବୈଧ ଘୋଷଣା କରିବା;
- ଅଲଟ୍ରା-ସୋନୋଗ୍ରାଫି ଏବଂ ଆମ୍ନିଓସେଣ୍ଟେସିସ୍‌ର ପ୍ରୟୋଗ ଦ୍ୱାରା ଏକ ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣକୁ ଅବୈଧ ଘୋଷଣା କରିବା;
- କେବଳ ଚିକିତ୍ସା ପ୍ରୟୋଜନରୁ କୌଣସି ଅସ୍ୱାଭାବିକ ବୈଶିଷ୍ଟ୍ୟ, ବିଶୃଙ୍ଖଳା ଏବଂ ଜନ୍ମଜାତ ଅସଙ୍ଗତିକୁ ଠାବ କରିବା ପାଇଁ ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିଗୁଡ଼ିକୁ ବ୍ୟବହାର କରାଯାଇପାରେ, କିନ୍ତୁ ଭ୍ରୁଣର ଲିଙ୍ଗ-ନିରୂପଣ ପାଇଁ ନୁହେଁ ; ଏବଂ ଏହି

ପଦ୍ଧତିଗୁଡିକର ବ୍ୟବହାର ପାଇଁ କେବଳ ପ୍ରସୂତି କ୍ଷେତ୍ରରେ ନିୟୋଜିତ ଥିବା ଚିକିତ୍ସା, ଗବେଷଣା ଏବଂ ପରାମର୍ଶ କେନ୍ଦ୍ରମାନଙ୍କୁ ଅନୁମତି ଦିଆଯାଇଥାଏ, ଏବଂ ଏହି କେନ୍ଦ୍ରଗୁଡିକ ଏହି ଆଇନ୍ ଅଧୀନରେ ପଞ୍ଜିକୃତ ହୋଇଥିବା ବିଧେୟ ;

- କୌଣସି ବ୍ୟକ୍ତି, ଏପରିକି ବନ୍ଧ୍ୟାତ୍ୱ ଉପରେ କାମ କରୁଥିବା ଜଣେ କି ଦଳେ ବିଶେଷଜ୍ଞ କୌଣସି ପୁରୁଷ ଅବା ମହିଳା ଅବା ଉଭୟଙ୍କ ଠାରୁ ସଂଗ୍ରହ କରିଥିବା କୌଣସି ପେଶୀ, ଭ୍ରୂଣ, ଗର୍ଭ, ତରଳ ପଦାର୍ଥ, ବା ବୀଜାଣୁକୁ ଲିଙ୍ଗ ନିରୂପଣ ଉଦ୍ଦେଶ୍ୟରେ ବ୍ୟବହାର କରିବେ ନାହିଁ ବା ଏତାଦୃଶ କାର୍ଯ୍ୟରେ ସହଯୋଗ କରିବେ ନାହିଁ ;

- ଅଲ୍ଟ୍ରା-ସାଉଣ୍ଡ ସ୍କାନ୍ କରୁଥିବା ସମସ୍ତ ଚିକିତ୍ସା କେନ୍ଦ୍ର ପଞ୍ଜିକୃତ ହେବେ ଏବଂ ଇଂରାଜୀ ବା ସ୍ଥାନୀୟ ଭାଷାରେ ଏକ ସୁଦୃଶ୍ୟ ସ୍ଥାନରେ ଏକଥା ଲେଖିବେ ଯେ, "ଭ୍ରୂଣର ଲିଙ୍ଗ ନିରୂପଣ ଆଇନ୍ ବଳରେ ନିଷିଦ୍ଧ ହୋଇଛି" ;

- ଜଣେ ଗର୍ଭବତୀ ମହିଳାଙ୍କ ଉପରେ ଅଲ୍ଟ୍ରାସୋନୋଗ୍ରାଫି କରୁଥିବା ପ୍ରତି ବ୍ୟକ୍ତି ତାଙ୍କର ପ୍ରତି ରିପୋର୍ଟରେ ଏକ ଘୋଷଣା ପ୍ରଦାନ କରିବେ ଯେ, ସେ ଭ୍ରୂଣର ଲିଙ୍ଗ ନିରୂପଣ କରିନାହାନ୍ତି କିମ୍ବା ଭ୍ରୂଣର ଲିଙ୍ଗ ବିଷୟରେ ସଂପୃକ୍ତ ଗର୍ଭବତୀ ମହିଳାଙ୍କୁ କିମ୍ବା ତାଙ୍କର ସଂପର୍କୀୟ ମାନଙ୍କୁ ମୌଖିକ ଭାବେ ବା ସାଙ୍କେତିକ ଢଙ୍ଗରେ କିମ୍ବା ଅନ୍ୟ କୌଣସି ପ୍ରକାରେ କିଛି ପ୍ରକାଶ କରିନାହାନ୍ତି;

- ଯଦି ଜଣେ ଡାକ୍ତର ବା ଗୋଟିଏ ଚିକିତ୍ସା କେନ୍ଦ୍ର ଅପ୍ରସବିତ ଶିଶୁର ଲିଙ୍ଗ ନିରୂପଣ ପରୀକ୍ଷା ପାଇଁ କୌଣସି ବିଜ୍ଞାପନ ଦେଇଥାନ୍ତି, ତେବେ ତାଙ୍କ ଉପରେ ଏହି ଆଇନ୍ ଅନୁଯାୟୀ ୫ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଏବଂ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହୋଇପାରେ ; ଏବଂ

- ଏହି ଆଇନ୍ ଅଧୀନସ୍ଥ ଅପରାଧଗୁଡିକ ଧର୍ତ୍ତବ୍ୟ, ଜାମିନ୍-ବିହୀନ ଏବଂ ରଫା-ରହିତ ଅଟେ।

### ପି.ଏନ୍.ଡି.ଟି. ଆଇନ୍‌ର କାର୍ଯ୍ୟକାରିତା ପାଇଁ ଉଦ୍ଦିଷ୍ଟ କର୍ତ୍ତୃପକ୍ଷଗଣ-

ଏହି ଆଇନ୍‌ର କାର୍ଯ୍ୟାନ୍ୱୟନ ଯଥୋଚିତ କର୍ତ୍ତୃପକ୍ଷଙ୍କ ଉପରେ ନ୍ୟସ୍ତ କରାଯାଇଛି। ପ୍ରତି ରାଜ୍ୟ ସରକାର ଆବଶ୍ୟକ ମତେ ଏକ ବା ଏକାଧିକ ଯଥୋଚିତ କର୍ତ୍ତୃପକ୍ଷ ଗଠନ କରିପାରନ୍ତି। ପ୍ରତି କର୍ତ୍ତୃପକ୍ଷଙ୍କୁ ସହାୟତା ଏବଂ ପରାମର୍ଶ ପ୍ରଦାନ କରିବାକୁ ରହିବେ ଉପଦେଷ୍ଟା କମିଟି। ରାଜ୍ୟସ୍ତରୀୟ ଯଥୋଚିତ କର୍ତ୍ତୃପକ୍ଷର ସଦସ୍ୟ ରହିବେ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବା ତଦୁର୍ଦ୍ଧ୍ୱ ପାହ୍ୟାର ଜଣେ ଅଧିକାରୀ (ସେ ମଧ୍ୟ ଏହାର ଅଧ୍ୟକ୍ଷ ରହିବେ), ମହିଳା ସଂଗଠନଗୁଡିକୁ ପ୍ରତିନିଧିତ୍ୱ କରୁଥିବା ଜଣେ ବିଶିଷ୍ଟ ମହିଳା, ଏବଂ ଆଇନ୍ ବିଭାଗର ଜଣେ ଅଧିକାରୀ ( ଯେ କି ଆଇନ୍ ଅଧିକାରୀ ରୂପେ ପରିଚିତ ହେବେ)। ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶନା ମତେ ଜିଲ୍ଲା ସ୍ତରରେ ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ବା ସିଭିଲ୍ ସର୍ଜନ୍‌ଙ୍କୁ ଯଥୋଚିତ କର୍ତ୍ତୃପକ୍ଷଭାବେ ଘୋଷଣା କରାଯାଇଛି। କିନ୍ତୁ ଉପ-ଜିଲ୍ଲା ସ୍ତରର ବ୍ୟବସ୍ଥା ପ୍ରତି ରାଜ୍ୟ ପାଇଁ ଭିନ୍ନ ଭିନ୍ନ ହୋଇପାରେ।

### ଯଥୋଚିତ କର୍ତ୍ତୃପକ୍ଷଙ୍କର ମୁଖ୍ୟ କାର୍ଯ୍ୟାବଳୀ-

- ପଞ୍ଜିକରଣକୁ ମଞ୍ଜୁର, ନିଲମ୍ବନ ଓ ରଦ୍ଦ କରିବା।

- ପ୍ରସୂତି ପରାମର୍ଶ କେନ୍ଦ୍ର, ଚିକିତ୍ସା କେନ୍ଦ୍ର ଏବଂ ଗବେଷଣା କେନ୍ଦ୍ର ଗୁଡିକ ଉପରେ ଅନୁସରଣୀୟ ମାନଦଣ୍ଡସମୂହକୁ ଲାଗୁ କରିବା।

- ଆଇନ୍‌ର ପ୍ରାବଧାନଗୁଡିକର ଉଲ୍ଲଂଘନ ସମ୍ବନ୍ଧରେ ଅଭିଯୋଗଗୁଡିକର ଅନୁସନ୍ଧାନ କରିବା।

- ଅଭିଯୋଗଗୁଡିକୁ ଅଦାଲତରେ ଦାଖଲ କରିବା।

- ଜନସଚେତନତା ସୃଷ୍ଟି କରିବା।

- କୌଣସି ବ୍ୟକ୍ତି ଦ୍ୱାରା କୌଣସି ସ୍ଥାନରେ ଲିଙ୍ଗ ନିରୂପଣ ପଦ୍ଧତି ବ୍ୟବହାର କରାଯାଉଥିଲେ, ତାଙ୍କ ବିରୁଦ୍ଧରେ ନିଜ ତରଁରୁ ବା ଆଉ କାହା ଦ୍ୱାରା ସୂଚୀତ ହୋଇ ଯଥୋଚିତ କାନୁନୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ତଥା ଏହି ବ୍ୟାପାରରେ ନିଜେ ସ୍ୱାଧୀନ ଭାବେ ଅନୁସନ୍ଧାନ ଆରମ୍ଭ କରିବା।
- ଉପଦେଷ୍ଟା କମିଟି ଠାରୁ ପରାମର୍ଶ ଗ୍ରହଣ କରିବା।

କିନ୍ତୁ ଯଦି ଏକ ଅଭିଯୋଗ ମିଳିବାର ୧୫ ଦିନ ଭିତରେ ଯଥୋଚିତ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବ୍ୟର୍ଥ ହୁଅନ୍ତି, ତେବେ ଜଣେ ଜନସ୍ୱାର୍ଥ-ପ୍ରଣୋଦିତ ବ୍ୟକ୍ତି ଏହି ବ୍ୟାପାରକୁ ନେଇ ସିଧାସଳଖ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ। ଏହି ଆଇନ୍ ଅଧୀନସ୍ଥ ଅଭିଯୋଗକୁ ଯଥାସ୍ଥିତି ଜଣେ ପ୍ରଥମ-ଶ୍ରେଣୀ ବିଚାରବିଭାଗୀୟ ମାଜିଷ୍ଟ୍ରେଟ୍ ନତୁବା ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତ ବିଚାର କରିବେ।

## ପି.ଏନ୍.ଡି.ଟି. ଉପଦେଷ୍ଟା କମିଟି

ଯଥାସ୍ଥିତି କେନ୍ଦ୍ର ବା ରାଜ୍ୟ ସରକାର ପ୍ରତି ଯଥୋଚିତ କର୍ତ୍ତୃପକ୍ଷଙ୍କୁ ସହାୟତା ଓ ପରାମର୍ଶ ଦେବା ପାଇଁ ଗୋଟିଏ ଉପଦେଷ୍ଟା କମିଟି ଗଢିବେ ଏବଂ ଏହାର ଜଣେ ସଦସ୍ୟଙ୍କୁ ଅଧ୍ୟକ୍ଷ ରୂପେ ମନୋନୀତ କରିବେ। ଏହି କମିଟିର ସଭ୍ୟ ରହିବେ- ୩ ଜଣ ଚିକିତ୍ସା ବିଶେଷଜ୍ଞ (ସ୍ତ୍ରୀରୋଗ, ପ୍ରସୂତି, ଶିଶୁରୋଗ ଏବଂ ପ୍ରଜନନ ବିଭାଗରୁ), ଜଣେ ଆଇନଜ୍ଞ, ରାଜ୍ୟର ସୂଚନା ପ୍ରସାରଣ ବିଭାଗର ଜଣେ ଅଧିକାରୀ, ତଥା ୩ଜଣ ବିଶିଷ୍ଟ ସମାଜସେବୀ ଯେଉଁମାନଙ୍କ ଭିତରୁ ଅନ୍ତତଃ ଜଣେ ମହିଳା ସଂଗଠନଗୁଡିକର ପ୍ରତିନିଧି ହୋଇଥିବେ। ପଞ୍ଜିକରଣ ପାଇଁ ଏକ ଆବେଦନ କିମ୍ବା ଏକ ପଞ୍ଜିକରଣକୁ ନିଲମ୍ବନ ବା ରଦ୍ଦ କରିବା ପାଇଁ ବିଚାର କରିବା ତଥା ପରାମର୍ଶ ଦେବା ସକାଶେ ଉପଦେଷ୍ଟା କମିଟି ନିଜେ ଚାହିଁବା ମତେ ଯେ କୌଣସି ସମୟରେ ବୈଠକ କରିପାରନ୍ତି ନଚେତ୍ ଯଥୋଚିତ କର୍ତ୍ତୃପକ୍ଷଙ୍କ ଅନୁରୋଧ କ୍ରମେ ବୈଠକରେ ବସିପାରନ୍ତି।

## କେନ୍ଦ୍ରୀୟ ପରିବେକ୍ଷଣ ପରିଷଦ-

ଏହା ଛଡା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କେନ୍ଦ୍ରୀୟ ପରିବେକ୍ଷଣ ପରିଷଦ କାର୍ଯ୍ୟ କରିବ, ଯେଉଁଥିରେ ବିଭିନ୍ନ ସରକାରୀ ପଦାଧିକାରୀଙ୍କ ସମେତ ସ୍ତ୍ରୀରୋଗ ବିଶେଷଜ୍ଞ, ମହିଳା ସଂଗଠନର ପ୍ରତିନିଧି ଏବଂ କିଛି ସାଂସଦ ସଦସ୍ୟ ରହିବେ। ଏହି ପରିଷଦର କାର୍ଯ୍ୟମାନ ହେଲା-

- ପ୍ରାକ୍-ପ୍ରସବ ପରୀକ୍ଷଣ ପଦ୍ଧତିସମୂହର ପ୍ରୟୋଗକୁ କେନ୍ଦ୍ର କରି ନୀତିଗତ ବ୍ୟାପାରରେ ସରକାରଙ୍କୁ ପରାମର୍ଶ ଦେବା ;
- ଆଇନ୍ ଓ ନିୟମାବଳୀର କାର୍ଯ୍ୟାନ୍ୱୟନକୁ ସମୀକ୍ଷା କରିବା ଏବଂ ଆବଶ୍ୟକମତେ ସେଥିରେ ସଂଶୋଧନ ପାଇଁ ସରକାରଙ୍କୁ ସୁପାରିଶ୍ କରିବା;
- ପ୍ରାକ୍-ପ୍ରସବ ଲିଙ୍ଗ ନିରୂପଣ ଏବଂ କନ୍ୟା ଭ୍ରୃଣହତ୍ୟା ସମ୍ବନ୍ଧରେ ଜନଚେତନା ସୃଷ୍ଟି କରିବା;
- ପ୍ରସୂତି ପରାମର୍ଶ କେନ୍ଦ୍ର, ଚିକିତ୍ସା କେନ୍ଦ୍ର ଏବଂ ଗବେଷଣା କେନ୍ଦ୍ରଗୁଡିକରେ କର୍ମରତ ବ୍ୟକ୍ତିମାନଙ୍କ ଆଚାରସଂହିତା ପ୍ରଣୟନ କରିବା; ଏବଂ
- ଅନ୍ୟ ଯାହାକିଛି ବିହିତ ହୋଇପାରେ।

ଏହି ଆଇନ୍ ଅଧୀନରେ କେବଳ କେନ୍ଦ୍ର ସରକାରଙ୍କର ହିଁ ନିୟମାବଳୀ ପ୍ରଣୟନ କରିବାର କ୍ଷମତା ରହିଛି। ଏହାଛଡା କେନ୍ଦ୍ରୀୟ ପରିବେକ୍ଷଣ ପରିଷଦକୁ ବିନିୟମ ପ୍ରଣୟନର କ୍ଷମତା ଦିଆଯାଇଛି।

### ପି.ଏନ୍.ଡି.ଟି. ଆଇନ୍ ସମ୍ବନ୍ଧରେ କେତେକ ଜାଣିବା କଥା:-

- ସରକାରଙ୍କର ବିନାନୁମତିରେ କୌଣସି ସଂସ୍ଥା କିମ୍ବା ବ୍ୟକ୍ତି ଏ ପ୍ରକାର ପରୀକ୍ଷା କରିପାରିବେ ନାହିଁ।
- କେବଳ ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟଗତ ସ୍ଥିତି ସମ୍ପର୍କରେ ଜାଣିବା ହିଁ ଆଇନ୍ ସଙ୍ଗତ ।
- ସରକାରୀ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ କିମ୍ବା ବ୍ୟକ୍ତି ଏହି ପରୀକ୍ଷା କରିବା ପୂର୍ବରୁ ବିଶେଷ ଭାବରେ ୨ଟି ଦିଗ ପ୍ରତି ଧ୍ୟାନ ଦେବା ଉଚିତ। ପରୀକ୍ଷା କରୁଥିବା ମହିଳାଙ୍କର ବୟସ ୩୦ ବର୍ଷରୁ ଅଧିକ ହୋଇଥିବ। (୨) ପୂର୍ବରୁ ୨ଥର କିମ୍ବା ଅଧିକ ଥର ଗର୍ଭପାତ ହୋଇ ନଥିବ।
- ଯଦି ପରୀକ୍ଷା କରୁଥିବା ମହିଳା ବଂଶାନୁକ୍ରମିକଭାବେ ମାନସିକ ସ୍ତରରେ ବିକାରଗ୍ରସ୍ତ ଥିବେ ତେବେ ଅଭିଜ୍ଞ ଡାକ୍ତରଙ୍କର ପରାମର୍ଶ ଚିଠା ଅତ୍ୟନ୍ତ ଆବଶ୍ୟକ।
- ପରୀକ୍ଷା ପାଇଁ ଇଚ୍ଛୁକା ମହିଳାଙ୍କର ଲିଖିତ ସମ୍ମତି ଥିବା ଜରୁରୀ।
- ପରୀକ୍ଷା କରିଥିବା ବ୍ୟକ୍ତି କଥାରେ, ଲିଖିତ ଭାବେ ଅବା ଇଂଗିତ ଦ୍ୱାରା ମହିଳାଙ୍କୁ କିମ୍ବା ତାଙ୍କର ସମ୍ପର୍କୀୟଙ୍କୁ ଭ୍ରୂଣର ଲିଙ୍ଗ ବିଷୟରେ ଜଣାଇବେ ନାହିଁ ଏବଂ ଏହା ଏକ ଦଣ୍ଡନୀୟ ଅପରାଧ ଅଟେ।
- ଏହି ଅପରାଧରେ ଜଡିତ ଡାକ୍ତର ଏବଂ ତାଙ୍କର ସହଯୋଗୀ ଙ୍କୁ ୩ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ତଥା ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ହୋଇପାରିବ। ଯଦି ଏହାର ପୁନରାବୃତ୍ତି ଘଟେ, ତେବେ ୫ ବର୍ଷର ଜେଲଦଣ୍ଡ ଏବଂ ପଚାଶ ହଜାର ଟଙ୍କାର ଜୋରିମନା ଲାଗୁ ହୋଇପାରିବ।
- ଦୋଷୀ ଡାକ୍ତର ତଥା ତାଙ୍କ ସହଯୋଗୀମାନଙ୍କର ସ୍ୱୀକୃତି ଷ୍ଟେଟ୍ ମେଡିକାଲ କାଉନ୍‌ସିଲ୍ ଦ୍ୱାରା ୨ ବର୍ଷ ପାଇଁ ରଦ୍ଦ ହୋଇଯିବ, ଏବଂ ଯଦି ପୁଣି ସେମାନେ ଦ୍ୱିତୀୟଥର ପାଇଁ ଆଇନ୍‌ର ଉଲ୍ଲଂଘନ କରନ୍ତି, ତେବେ ସ୍ଥାୟୀ ଭାବେ ସେମାନଙ୍କର ସ୍ୱୀକୃତି ରଦ୍ଦ କରି ଦିଆଯିବ।
- ରାଜ୍ୟ ସରକାର ଏହି ପରୀକ୍ଷାର ଅପପ୍ରୟୋଗ ରୋକିବା ପାଇଁ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରିବେ।

### ଓଡିଶାରେ ପି.ଏନ୍.ଡି.ଟି. ଆଇନ୍‌ର କାର୍ଯ୍ୟକାରିତା -

କିନ୍ତୁ ବଡ କ୍ଷୋଭର କଥା, ଓଡିଶା ସରକାର ଏପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରିନାହାନ୍ତି କି ଆଇନ୍‌କୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଭଳି ପଦକ୍ଷେପମାନ ନେବା କଥା ନେଇନାହାନ୍ତି। ଏହାର ପରିଣାମ ସ୍ୱରୂପ, ରାଜ୍ୟସାରା କନ୍ୟା ଭ୍ରୁଣହତ୍ୟା ବଢିବଢି ଚାଲିଛି। ନିକଟ ଅତୀତରେ ନୟାଗଡରେ ବହୁ ପରିମାଣର ମୃତଭ୍ରୂଣର ସନ୍ଧାନ ମିଳିବା ପରେ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା ଏବଂ ମହିଳା ସଂଗଠନମାନେ ପି.ଏନ୍.ଡି.ଟି. ଆଇନ୍‌କୁ କଡାକଡି ଭାବେ ଲାଗୁ କରିବା ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଜନମତର ଚାପରେ ରାଜ୍ୟ ସରକାର ଲୋକଦେଖାଣିଆ ଭାବେ କିଛି ନର୍ସିଂ ହୋମ୍ ଏବଂ ଡାକ୍ତରଙ୍କ ଉପରେ ଧରପଗଡ କଲେ, କିନ୍ତୁ ଏବେ ବି ତାଙ୍କର ମୂଳ ଦାୟିତ୍ୱ, ଯଥା ଏକ ରାଜ୍ୟସ୍ତରୀୟ ଉପଦେଷ୍ଟା କମିଟି ଗଠନ କରି ତଳୁ ଉପରଯାଏ ଲିଙ୍ଗ ନିରୂପଣ ପରୀକ୍ଷା କାରବାରକୁ ଲଗାତାର ତଦାରଖ ପାଇଁ ଉପଯୁକ୍ତ ପ୍ରଶାସନିକ ବ୍ୟବସ୍ଥାକୁ ରୂପ ଦେଇପାରି ନାହାନ୍ତି।

## ହିନ୍ଦୁ ପୋଷ୍ୟସନ୍ତାନ ଗ୍ରହଣ ଓ ଭରଣପୋଷଣ ଆଇନ୍ , ୧୯୫୬

ହିନ୍ଦୁମାନଙ୍କ ଭିତରେ ପ୍ରଚଳିତ ଥିବା ପୋଷ୍ୟସନ୍ତାନ ଗ୍ରହଣ ଏବଂ ଭରଣପୋଷଣ ସଂପର୍କୀତ ବିଧିବିଧାନକୁ ସଂଶୋଧନ ତଥା ସମୟୋଚିତ କରିବା ପାଇଁ ଏହି ଆଇନ୍ ଚାଲୁ କରାଯାଇଥିଲା ଓ ବହୁବାର ସଂଶୋଧନ ମଧ୍ୟ ହୋଇସାରିଛି । ଏହା ଏହି ଆଇନ୍ ବୌଦ୍ଧ, ଜୈନ ଓ ଶିଖ୍ ମାନଙ୍କ ପାଇଁ ମଧ୍ୟ ପ୍ରଯୁଜ୍ୟ । ପୋଷ୍ୟସନ୍ତାନ ଗ୍ରହଣ ଉପରେ ଏହା ହିନ୍ଦୁମାନଙ୍କର ଏକମାତ୍ର ଆଇନ୍ । ଏଥିରେ ଉଭୟ ପୋଷ୍ୟସନ୍ତାନ ଗ୍ରହଣ ଓ ଭରଣପୋଷଣ ଉପରେ ନୀତିମାନ ସ୍ଥିରିକୃତ କରାଯାଇଛି । ଏଥିରେ କୁହାଯାଇଛି ଯେ, କେବଳ ୧୫ବର୍ଷରୁ କମ୍ ଜଣେ ବାଳୁତକୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କରାଯାଇପାରିବ, ଯଦିଓ ଏହାର ବ୍ୟତିକ୍ରମ ସେହି ସ୍ଥଳରେ ହୋଇପାରିବ, ଯେଉଁଠି ୧୫ବର୍ଷରୁ ଉର୍ଦ୍ଧ୍ୱ ବାଳୁତଙ୍କୁ ପୋଷ୍ୟସନ୍ତାନ ରୂପେ ଗ୍ରହଣ କରିବାର ପ୍ରଥା ବା ପରମ୍ପରା ସଂପୃକ୍ତ ସଂପ୍ରଦାୟ ଭିତରେ ପ୍ରଚଳିତ ଥିବ । ଏହି ଆଇନ୍ ପୁଅ ହେଉ ବା ଝିଅ ହେଉ, ତଥା ସେ କୌଣସି ଅଜ୍ଞାତ ପିତାମାତାଙ୍କର ସନ୍ତାନ ହୋଇଥାଉ, ବା କୌଣସି ଦୈହିକ ପଙ୍ଗୁତାର ଶିକାର ହୋଇଥାଉ, ତାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରାଯିବାର ବ୍ୟବସ୍ଥାକୁ ମାନ୍ୟତା ଦେଇଛି ।

ହିନ୍ଦୁ ପୋଷ୍ୟ-ସନ୍ତାନ ଗ୍ରହଣ ଏବଂ ଭରଣପୋଷଣ ଆଇନ୍ ୧୯୫୬ ଅନୁଯାୟୀ ସ୍ୱାମୀ ଆଜୀବନ ସ୍ତ୍ରୀଙ୍କର ଭରଣ ପୋଷଣ ଦାୟିତ୍ୱ ବହନ କରିବେ (ଧାରା ୧୮)। ଏହି ଆଇନ୍ର ଧାରା ୨୧ ଅନୁଯାୟୀ ଯଦି ଜଣେ ସ୍ତ୍ରୀଙ୍କ ସ୍ୱାମୀ ମୃତ, ତେବେ ସେ ସ୍ୱାମୀଙ୍କ ସମ୍ପତ୍ତିର ଉତ୍ତରାଧିକାରୀଙ୍କ ଠାରୁ ଭରଣପୋଷଣ ପାଇବେ। ଯଦି ସ୍ୱାମୀଙ୍କର କୌଣସି ସମ୍ପତ୍ତି ନଥାଏ, ତେବେ ମଧ୍ୟ ସେ ଏହି ଦାୟିତ୍ୱରୁ ଖସି ପାରିବେ ନାହିଁ। ବିଧବା ବୋହୂ ମଧ୍ୟ ଶଶୁରଙ୍କ ସମ୍ପତ୍ତିରୁ ଭରଣପୋଷଣ ପାଇପାରିବେ। ଏହି ଆଇନ୍ ଅନୁଯାୟୀ ବୈଧ ବା ଅବୈଧ ନାବାଳକ ସନ୍ତାନସନ୍ତତି ଏବଂ ନିଜକୁ ଚଳାଇବା ନିମନ୍ତେ ଅସମର୍ଥ ବୃଦ୍ଧ ପିତାମାତାଙ୍କର ଭରଣପୋଷଣ ପାଇଁ ସଂପୃକ୍ତ ପୁରୁଷ ବା ମହିଳା ଉତ୍ତରଦାୟୀ ରହିବେ (ଧାରା -୨୦)। ଏଠାରେ ଉଲ୍ଲେଖନୀୟ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୨୫ରେ ମଧ୍ୟ ସ୍ତ୍ରୀ, ପିଲାପିଲି ଏବଂ ପିତାମାତାଙ୍କ ଭରଣପୋଷଣ ପାଇଁ ସୁସ୍ପଷ୍ଟ ପ୍ରାବଧାନ ରହିଛି।

### ସ୍ୱାମୀ ଉପରେ ସ୍ତ୍ରୀର ଭରଣପୋଷଣ ଦାୟିତ୍ୱ

ପ୍ରଚଳିତ ବିଧିବ୍ୟବସ୍ଥା ଅନୁସାରେ ଆମ ସମାଜରେ ସାଧାରଣତଃ ସ୍ତ୍ରୀର ସମସ୍ତ ଭରଣପୋଷଣର ଦାୟିତ୍ୱ ସ୍ୱାମୀ ଉପରେ ନ୍ୟସ୍ତ ହୋଇଥାଏ। ଆଇନ୍ ଦ୍ୱାରା ଏହା ମଧ୍ୟ ସ୍ୱୀକୃତ। ଭାରତୀୟ ଫୌଜଦାରୀ କାର୍ଯ୍ୟବିଧି ସଂହିତା, ୧୯୭୩ର ଧାରା ୧୨୫ ଅନୁଯାୟୀ ଯେଉଁ ସ୍ତ୍ରୀର ଅନ୍ୟ କୌଣସି ଆୟ ନାହିଁ, ତାଙ୍କର ଭରଣପୋଷଣ ଦାୟିତ୍ୱ ତାଙ୍କର ସ୍ୱମୀ ବହନ କରିବେ। ଅନେକ ବ୍ୟକ୍ତିଙ୍କ ମନରେ ସ୍ୱତଃ ପ୍ରଶ୍ନ ଉଠିପାରେ ଯେ, ଭରଣପୋଷଣ ଅଧିକାର କିପରି ଭାରତିୟ ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ସ୍ଥାନ ପାଇଲା ? ଏହାର ଉତ୍ତରରେ ଏହା କୁହାଯାଇପାରେ ଯେ, ଯଦି କୌଣସି କାରଣରୁ ସ୍ତ୍ରୀ, ସନ୍ତାନ ବା ପିତମାତା ଉପଯୁକ୍ତ ଭରଣପୋଷଣ ନପାଇ ଅବହେଳିତ ହୁଅନ୍ତି, ତେବେ ସେମାନେ ହୁଏତ ବାଧ୍ୟହୋଇ କୌଣସି ବେଆଇନ୍ ଓ ଅନୈତିକ କାର୍ଯ୍ୟରେ ଲିପ୍ତ ହୋଇପାରନ୍ତି ଏବଂ ଏହାଦ୍ୱାରା ସମାଜରେ ଆଇନଶୃଙ୍ଖଳା ଭଂଗ ହେବାର ବିପଦ ଲାଗି ରହିବ। ତେଣୁ ଯେପରି ସମାଜରେ କୌଣସି ପରିବାରରେ ସ୍ତ୍ରୀ,ସନ୍ତାନ ଓ ପିତାମାତା ଅବହେଳାର ଶିକାର ନହୁଅନ୍ତି ତାହା ଦେଖିବା ସରକାରଙ୍କର ଦାୟିତ୍ୱ ଅଟେ। କେବଳ ସେହି ଉଦ୍ଦେଶ୍ୟରେ ଏହି ଭରଣପୋଷଣର ଅଧିକାର ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ଅନ୍ତର୍ଭୁକ୍ତ କରାଯାଇଛି। ଯଦି ଜଣେ ବ୍ୟକ୍ତି ଏହି ଦାୟିତ୍ୱ ସଂପାଦନରେ ଅବହେଳା କରନ୍ତି, ତେବେ ତାହା ଏକ ଅପରାଧ ଭାବେ ଗଣ୍ୟ ହେବ ଓ ଅପରାଧୀ ଦଣ୍ଡିତ ହେବ।

### ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା ୧୨୫ -

- ☐ ଯଦି ସ୍ତ୍ରୀ ନିଜ ଆୟ ବଳରେ ଜୀବିକା ନିର୍ବାହ କରିବାକୁ ଅକ୍ଷମ ହୋଇଥାନ୍ତି, ତେବେ ସ୍ତ୍ରୀ ତାଙ୍କ ସ୍ୱାମୀଙ୍କ ଠାରୁ ଭରଣପୋଷଣ ଦାବୀ କରିପାରିବେ।
- ☐ ନାବଳକ ସନ୍ତାନସନ୍ତତି, ଯେଉଁମାନେ ଆଇନ୍ ଦୃଷ୍ଟିରେ ବୈଧ ବା ଅବୈଧ ହୋଇପାରନ୍ତି, ଏବଂ ବିବାହିତ ବା ଅବିବାହିତ ହୋଇପାରନ୍ତି, ସେମାନଙ୍କର ଭରଣପୋଷଣର ଦାୟିତ୍ୱ ପିତା ହିଁ ବହନ କରିବେ।

- ☐ ବିବାହିତ କନ୍ୟାକୁ ଛାଡି ଅନ୍ୟ ସନ୍ତାନସନ୍ତତି, ସେମାନେ ସାବାଳକ  ହୋଇଥିଲେ ହେଁ ଯଦି ଶାରିରୀକ ବା ମାନସିକ ଅକ୍ଷମତା କାରଣରୁ ନିଜର ଜୀବିକା ନିର୍ବାହ କରିବାକୁ ଅକ୍ଷମ, ସେପରି ସ୍ଥଳେ ସେମାନଙ୍କର ଭରଣପୋଷଣ ପିତାଙ୍କର ଦାୟିତ୍ୱ ।
- ☐ ପିତା ବା ମାତା ଯଦି ନିଜ ଆୟ ବଳରେ ନିଜର ଜୀବିକା ନିର୍ବାହ କରିବାକୁ ଅକ୍ଷମ ହୁଅନ୍ତି, ତେବେ ତାଙ୍କର ଭରଣପୋଷଣ ଦାୟିତ୍ୱ ତାଙ୍କ ପୁତ୍ର/କନ୍ୟାମାନେ ଗ୍ରହଣ କରିବେ ।

କିନ୍ତୁ ଜଣେ ସ୍ତ୍ରୀ ଭରଣପୋଷଣ ପାଇଁ ଯୋଗ୍ୟା ବୋଲି ବିବେଚିତ ହେବେନାହିଁ , ଯଦି ସେ ଅବୈଧ ସଂପର୍କ ରଖି ଜୀବନ ନିର୍ବାହ କରୁଥାନ୍ତି, ପର୍ଯ୍ୟାପ୍ତ କାରଣ ନଥାଇ ସ୍ୱାମୀ ଠାରୁ ଅଲଗା ବାସ କରୁଥାନ୍ତି ଅଥବା ପରସ୍ପରର ସହମତି କ୍ରମେ ସ୍ୱାମୀ ଓ ସ୍ତ୍ରୀ  ଅଲଗା ବାସ କରୁଥାନ୍ତି ; ଦ୍ରଷ୍ଟବ୍ୟ: ଫୌଜଦାରି କାର୍ଯ୍ୟବିଧି ସଂହିତା, ଦଫା ୧୨୫(୪ ଓ ୫) ।

## ଭରଣପୋଷଣ କିପରି ମିଳିପାରିବ ?

ନିମ୍ନୋକ୍ତ ଇଲାକା ଉପରେ କ୍ଷେତ୍ରାଧିକାର ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ ।

- ☐ ଯେଉଁ ସ୍ଥାନରେ ସ୍ୱାମୀ ଅବସ୍ଥାନ କରୁଥିବେ ;
- ☐ ଯେଉଁ ସ୍ଥାନରେ ସ୍ୱାମୀ ବା ସ୍ତ୍ରୀ ବସବାସ କରୁଥିବେ ; ଅଥବା
- ☐ ଯେଉଁ ସ୍ଥାନରେ ଶେଷଥର ପାଇଁ ସ୍ୱାମୀ ଯଥାସ୍ଥିତି ସ୍ତ୍ରୀଙ୍କ ସହିତ ବା ଅବୈଧ ସନ୍ତାନଙ୍କ ମା' ସହିତ ଏକତ୍ର ବାସ କରିଥିବେ । (ଦ୍ରଷ୍ଟବ୍ୟ: ଫୌଜଦାରି କାର୍ଯ୍ୟବିଧି ସଂହିତା, ୧୯୭୩ର ଦଫା ୧୨୬)

ଏଠାରେ ଉଲ୍ଲେଖନୀୟ ଯେ, ପୂର୍ବରୁ ଉପରୋକ୍ତ ସଂହିତାର ଦଫା ୧୨୫(୧) ଅନୁସାରେ ସର୍ବାଧିକ ମାସିକ ୫୦୦ ଟଙ୍କା ପର୍ଯ୍ୟନ୍ତ ଭରଣପୋଷଣ ଭତ୍ତା ଦେବାର ବ୍ୟବସ୍ଥା ଥିଲା । ପରନ୍ତୁ ସ୍ୱାମୀଙ୍କର ଯଦି ଦୃଷ୍ଟାନ୍ତ ସ୍ୱରୂପ ୨୫ହଜାର ଟଙ୍କାର ମାସିକ ଆୟ ହୋଇଥାଏ, ତେବେ ବି ସେ ୫୦୦ ଟଙ୍କାରୁ ଅଧିକ ଭତ୍ତା ସ୍ତ୍ରୀଙ୍କୁ ଦେବା ପାଇଁ ଆଦେଶ ଦେବାର କ୍ଷମତା ଅଦାଲତର ନଥିଲା । ବହୁ ମହିଳା ସଂଗଠନ ଏବଂ ବୁଦ୍ଧିଜୀବିମାନେ ଏହି ସୀମିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ପାଇଁ କ୍ରମାଗତ ସ୍ୱର ଉତ୍ତୋଳନ କରି ଆସୁଥିଲେ । ଅବଶେଷରେ ୨୦୦୧ ମିହାରେ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଦଫା ୧୨୫ର ଏକ ସଂଶୋଧନ ଗୃହୀତ ହୋଇଥିଲା, ଯାହାଫଳରେ କି ମାତ୍ର ୫୦୦ଟଙ୍କାର ସୀମିତ ଭତ୍ତା ପରିମାଣକୁ ଉଚ୍ଛେଦ କରାଯାଇ କୁହାଗଲା ଯେ ମାଜଷ୍ଟ୍ରେଟ୍ ସମୁଦାୟ ପରିସ୍ଥିତିକୁ ବିଚାରକୁ ନେଇ ଭରଣପୋଷଣ ଭତ୍ତାର ପରିମାଣ ସ୍ଥିର କରିବେ ।

ଏଠାରେ ପୁଣି ଉଲ୍ଲେଖଯୋଗ୍ୟ ଯେ, ୨୦୦୧ରେ ସଂହିତାର ଉପରୋକ୍ତ ସଂଶୋଧନ ପରେ ବିଭିନ୍ନ ରାଜ୍ୟ ସରକାର ଆଇନ୍ ବଳରେ ଦଫା-୧୨୫ ଅଧୀନସ୍ଥ  ଭତ୍ତାର ପରିମାଣକୁ ଭିନ୍ନ ଭିନ୍ନ ମାତ୍ରାରେ ବୃଦ୍ଧି କରିଛନ୍ତି । ଉଦାହରଣ ସ୍ୱରୂପ, ମହାରାଷ୍ଟ୍ର ୧,୫୦୦/-, ରାଜସ୍ଥାନ ୨,୫୦୦/-, ଉତ୍ତର ପ୍ରଦେଶ ୫,୦୦୦/- ଓ ପଶ୍ଚିମ ବଙ୍ଗଳା ୧,୫୦୦/- କୁ ବୃଦ୍ଧି କରିଛନ୍ତି । କିନ୍ତୁ ଦିଲ୍ଲୀ, ପଞ୍ଜାବ ଓ ହରିଆନା ଭଳି ରାଜ୍ୟ କୌଣସି ସର୍ବାଧିକ ଭତ୍ତାପରିମାଣ ସ୍ଥିର କରିନାହାନ୍ତି, ଯାହା ଫଳରେ ସେସବୁ ରାଜ୍ୟରେ ଯେ କୌଣସି ପରିମାଣର ମାସିକ ଭରଣପୋଷଣ ଭତ୍ତା ଦେବା ପାଇଁ ଆଦେଶ ଦେବାର କ୍ଷମତା ଅଦାଲତର ରହିଛି । ସୁତରାଂ ଯଥାର୍ଥ କାରଣରୁ ଅବହେଳାର ଶିକାର ହୋଇଥିଲେ ମହିଳା, ପିଲାପିଲି ଏବଂ ବୟସ୍କ ପିତାମାତାଙ୍କ ଭରଣପୋଷଣ ପାଇଁ ଦଫା-୧୨୫ର ଆଶ୍ରୟ ନେବା ଶ୍ରେୟସ୍କର ।

ଅଦାଲତରେ ଆବେଦନ କରିବା ସମୟରେ ଆବେଦକ କେଉଁ  ପ୍ରକାରର ଅବହେଳାର ଶିକାର ହୋଇଛନ୍ତି ଏବଂ କିପରି ତାଙ୍କ ଅଧିକାରରୁ ବଞ୍ଚିତ ହୋଇଛନ୍ତି ସେସବୁର ବିସ୍ତୃତ ବିବରଣୀ ଆବେଦନପତ୍ରରେ ଉଲ୍ଲେଖ କରିବା ଆବଶ୍ୟକ ।  ମକଦ୍ଦମା ଚାଲିବା ସମୟରେ ତାଙ୍କୁ ସେହି ବ୍ୟକ୍ତବ୍ୟକୁ ପ୍ରମାଣ କରିବାକୁ ପଡ଼ିବ । ଯଦି ସାକ୍ଷ୍ୟ-ପ୍ରମାଣ ଦ୍ୱାରା ଆବେଦକଙ୍କ ଅଭିଯୋଗ ସତ୍ୟ ବୋଲି ପ୍ରମାଣିତ ହୁଏ, ତେବେ ଏକ ନିର୍ଦ୍ଦିଷ୍ଟ ପରିମାଣର ମାସିକ ଆର୍ଥିକ ଭତ୍ତା  ଆବେଦକଙ୍କୁ  ଦେବାପାଇଁ ଅଦାଲତ ଅଭିଯୁକ୍ତଙ୍କୁ

ନିର୍ଦ୍ଦେଶ ଦେଇପାରନ୍ତି। ଏହାଛଡା ଦଫା-୧୨୬(୩) ଅନୁଯାୟୀ ମକଦ୍ଦମାର ଖର୍ଚ୍ଚ ବାବଦ ଅର୍ଥଭରଣା ପାଇଁ ଅଦାଲତ ଅଭିଯୁକ୍ତଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇପାରନ୍ତି।

ଯଦି ଅଭିଯୁକ୍ତ ବ୍ୟକ୍ତି ଅଦାଲତଙ୍କ ଆଦେଶ ଅବମାନନା କରନ୍ତି, ତେବେ ତାଙ୍କ ନାମରେ ଗିରଫ ପରୱାନା ଜାରି କରାଯାଏ। ଯଦି ସେ ତଥାପି ଅବମାନନା କରନ୍ତି ତେବେ ୧ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡରେ ଦଣ୍ଡିତ ହୁଅନ୍ତି।

**ଭରଣପୋଷଣ ହାସଲ କରିବାରେ ଦଫା ୧୨୫ର ଅନନ୍ୟ ଭୂମିକା :**

ଭରଣପୋଷଣ ସମ୍ବନ୍ଧରେ ଅନେକ ବିଧିବ୍ୟବସ୍ଥା ରହିଛି। କିନ୍ତୁ ଫୌଜଦାରି କାର୍ଯ୍ୟବିଧି ସଂହିତାର ଦଫା-୧୨୫ ଜଣେ ଅବହେଳିତ ବ୍ୟକ୍ତିଙ୍କୁ ତୁରନ୍ତ ନ୍ୟାୟ-ପ୍ରଦାନ ନିମନ୍ତେ ଅତ୍ୟନ୍ତ ଉପଯୋଗୀ। ଯଦି ପ୍ରାଥମିକ ଅନୁସନ୍ଧାନରୁ ପ୍ରମାଣିତ ହୁଏ ଯେ, ଆବେଦକ ବା ଆବେଦିକାନିଜର ଜୀବନ ନିର୍ବାହ ପାଇଁ ସମର୍ଥ ନୁହନ୍ତି, ତେବେ ଅଦାଲତ ଅଭିଯୁକ୍ତଙ୍କୁ ଏକ ମଧ୍ୟବର୍ତ୍ତୀ କାଳୀନ ଭତ୍ତା ଦେବା ପାଇଁ ନିର୍ଦ୍ଦେଶ ଦିଅନ୍ତି। ପରେ ଅଦାଲତ ସମସ୍ତ ସାକ୍ଷ୍ୟପ୍ରମାଣକୁ ଭିତ୍ତକରି ଚୁଡ଼ାନ୍ତ ରାୟ ଦିଅନ୍ତି। ଭରଣପୋଷଣ ସମ୍ବନ୍ଧରେ ଅନ୍ୟ ବିଧିବ୍ୟବସ୍ଥା ଅପେକ୍ଷା ଏହି ଦଫା-୧୨୫ ତୁରନ୍ତ ନ୍ୟାୟପ୍ରଦାନ କରିଥାଏ। ଏହି କେଶ୍ ପାଇଁ ଅଧିକ ସାକ୍ଷ୍ୟପ୍ରମାଣର ଆବଶ୍ୟକତା ନଥାଏ ଏବଂ ଅଦାଲତର ଫିସ୍ ମଧ୍ୟ ବ୍ୟୟବହୁଳ ହୋଇନଥାଏ। ତେଣୁ ଓକିଲ ଓ ଅବହେଳିତ ବ୍ୟକ୍ତିମାନେ ସାଧାରଣତଃ ଏହି ଦଫା-୧୨୫ ଅନୁଯାୟୀ ମକଦ୍ଦମା ଦାୟର୍ କରିବାକୁ ପସନ୍ଦ କରିଥାଆନ୍ତି।

**ଫୌଜଦାରୀ କର୍ଯ୍ୟବିଧି ସଂହିତାର ଦଫା ୧୨୮-**

ଦଫା ୧୨୮ ଅନୁଯାୟୀ ଅଦାଲତ ଦ୍ୱାରା ପ୍ରଦତ୍ତ ଭରଣପୋଷର ଆଦେଶର ଅବିକଳ ନକଲ ଆବେଦକ ବା ତାଙ୍କ ଅଭିଭାବକଙ୍କୁ ମାଗଣା ମିଳିପାରିବ। ଏହାଛଡା ଯଦି ଅଭିଯୁକ୍ତ ବ୍ୟକ୍ତି ଅଦାଲତର ଆଦେଶକୁ ଅବମାନନା କରନ୍ତି, ତେବେ ସଂପୃକ୍ତ ମାଜିଷ୍ଟ୍ରେଟ୍ ଉପରୋକ୍ତ ଆଦେଶକୁ କାର୍ଯ୍ୟରୂପ ଦେବାପାଇଁ ଆବଶ୍ୟକୀୟ ଆଇନ୍‌ଗତ ପଦକ୍ଷେପ ନେଇପାରିବେ।

## ହିନ୍ଦୁ ନାବଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬

**ସନ୍ତାନମାନଙ୍କର ସ୍ୱାଭାବିକ ତତ୍ତ୍ୱାବଧାରକ କିଏ ?**

ହିନ୍ଦୁ ନାବଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬ର ଧାରା ୬ ଅନୁଯାୟୀ ସନ୍ତାନମାନଙ୍କର ସମ୍ପତ୍ତିର ସ୍ୱାଭାବିକ ତତ୍ତ୍ୱାବଧାରକ ଭାବେ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ବୁଝାଏ।

| | |
|---|---|
| ପୁତ୍ର ଏବଂ ଅବିବାହିତ କନ୍ୟା | ପ୍ରଥମେ ପିତା |
| | ତାପରେ ମାତା |
| ବୈବାହିକ ସଂପର୍କ ବିନା ଜାତ କନ୍ୟା ଓ ପୁତ୍ର | ପ୍ରଥମେ ମାତା |
| | ତା ପରେ ପିତା |
| ବିବାହିତ କନ୍ୟା | ସ୍ୱାମୀ |

**ନିମ୍ନୋକ୍ତ କ୍ଷେତ୍ରରେ ସ୍ୱାଭବିକ ତତ୍ତ୍ୱାବଧାରକ ତାଙ୍କର ଅଧିକାର ହରାଇ ଥାଆନ୍ତି।**

- ଯଦି ସେ ତାଙ୍କର ଧର୍ମ ପରିବର୍ତ୍ତନ କରନ୍ତି।
- ଯଦି ସେ ଗୃହତ୍ୟାଗୀ ଓ ସନ୍ୟାସୀ ହୋଇଯାନ୍ତି।

ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬ର ଧାରା ୧୩ ଅନୁସାରେ ସନ୍ତାନମାନଙ୍କର ମଙ୍ଗଳ ବିଧାନକୁ ଆଖି ଆଗରେ ରଖି ନିଷ୍ପତ୍ତି ନିଆଯାଇଥାଏ।

୧. କୌଣସି ବ୍ୟକ୍ତିଙ୍କୁ ତତ୍ତ୍ୱାବଧାରକ ଭାବେ ନିର୍ଣ୍ଣୟ କରିବା ପୂର୍ବରୁ ସନ୍ତାନର ମଙ୍ଗଳ ଦୃଷ୍ଟିରୁ ସେ କାହା ପାଖରେ ରହିବା ଉଚିତ୍ ହେବ, ତାହା ଅଦାଲତଙ୍କ ହୃଦ୍‌ବୋଧ ହେଲେ ସନ୍ତାନର ଲାଳନପାଳନ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରାଯାଇଥାଏ । ସନ୍ତାନର ମଙ୍ଗଳ କହିଲେ ତା'ର ଲାଳନପାଳନ, ଭରଣପୋଷଣ ଏବଂ ଶିକ୍ଷା ଉପରେ ଅଦାଲତ ଗୁରୁତ୍ୱ ଦେଇଥାଆନ୍ତି । ହିନ୍ଦୁ ବିବାହ ଆଇନ୍ ୧୯୫୫ର ୨୬ ଧାରା ଅନୁଯାୟୀ ମାତା କିମ୍ବା ପିତାଙ୍କୁ ସନ୍ତାନର ଲାଳନପାଳନର ଦାୟିତ୍ୱ ଦିଆଯାଇଥାଏ ।

୨. ହିନ୍ଦୁ ବିବାହ ଆଇନ୍ ଅନୁଯାୟୀ ଯଦି କୌଣସି କ୍ଷେତ୍ରରେ ଉକ୍ତ ଅଭିଭାବକ ନାବାଳକ ପୁତ୍ର/ କନ୍ୟାଙ୍କର ମଙ୍ଗଳ ବିଧାନରେ ପ୍ରତିକୂଳତା ସୃଷ୍ଟି କରନ୍ତି, ତେବେ ସେ ତାଙ୍କର ଅଧିକାର ହରାଇ ଥାଆନ୍ତି ।

୩. ସାବତ ବାପା / ମା କୌଣସି ସ୍ଥଳରେ ସ୍ୱାଭାବିକ ଅଭିଭାବକ ହୋଇପାରିବେ ନାହିଁ ।

୪. ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ଅନୁସାରେ ୫ ବର୍ଷ ବୟସରୁ କମ୍ ସନ୍ତାନମାନେ ମାତାଙ୍କ ତତ୍ତ୍ୱାବଧାନରେ ରହିବେ । ୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ସନ୍ତାନମାନେ ପିତାଙ୍କ ତତ୍ତ୍ୱାବଧାନରେ ରହିବାର ଅଧିକ ସମ୍ଭାବନା ଥାଏ ।

ଏକାକୀ ରହୁଥିବା ମହିଳାମାନେ ସାଧାରଣତଃ ସନ୍ତାନମାନଙ୍କର ବିଦ୍ୟାଳୟରେ ପ୍ରବେଶ ତଥା ସରକାରୀ /ବେସରକାରୀ ସଂସ୍ଥାରେ ନିଯୁକ୍ତି ଇତ୍ୟାଦି କ୍ଷେତ୍ରରେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି । ଏହି ସଂସ୍ଥାମାନେ ଆବଶ୍ୟକୀୟ କାଗଜପତ୍ରରେ ପିତାଙ୍କର ଦସ୍ତଖତ ଉପରେ ଗୁରୁତ୍ୱାରୋପ କରିଥାନ୍ତି । କିନ୍ତୁ ଉଭୟ ମାତା ଓ ପିତା ଆଇନତଃ ସନ୍ତାନମାନଙ୍କ ସ୍ୱାଭାବିକ ଅଭିଭାବକ ଅଟନ୍ତି । ଲେଖିକା ଗୀତା ହରିହରନ୍‌ଙ୍କ ମାମଲାରେ ଭାରତର ସୁପ୍ରିମ୍ କୋର୍ଟ ଏଭଳି କ୍ଷେତ୍ରରେ ଆଇନ୍‌ର ବିଧିବ୍ୟବସ୍ଥା ସମ୍ବନ୍ଧରେ ଆଲୋକପାତ କରିଥିଲେ ।

ଗୀତା ହରିହରନ୍ ଜଣେ ପ୍ରସିଦ୍ଧ ଲେଖିକା ଥିଲେ ଏବଂ ତାଙ୍କର ସ୍ୱାମୀ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ଚିକିତ୍ସା ବିଜ୍ଞାନୀ ରୂପେ କାର୍ଯ୍ୟକରନ୍ତି । ସେମାନେ ଉଭୟ ତାଙ୍କର ପୁତ୍ର ରିଷଭଙ୍କ ନାମରେ ରିଜର୍ଭ ବ୍ୟାଙ୍କରୁ ୨୦,୦୦୦/- ଟଙ୍କାର ରିଲିଫ୍ ବଣ୍ଡ ଉଠାଇବା ପାଇଁ ଚାହୁଁଥିଲେ ଏବଂ ଏ କ୍ଷେତ୍ରରେ ଗୀତା ହରିହରନ୍‌ଙ୍କୁ ପୁତ୍ରର ଅଭିଭାବକ ହିସାବରେ ଦର୍ଶାଇ ଆବଶ୍ୟକୀୟ କାଗଜପତ୍ରରେ ତାଙ୍କର ଦସ୍ତଖତ ଦିଆ ଯାଇଥିଲା । କିନ୍ତୁ ବ୍ୟାଙ୍କ୍ ଗୀତାଙ୍କୁ ପୁତ୍ରର ଅଭିଭାବକ ଭାବରେ ସ୍ୱୀକାର ନକରି ପିତାଙ୍କ ଦସ୍ତଖତ ଉପରେ ଗୁରୁତ୍ୱ ଦେଇଥିଲେ, ଅଥବା ଯଦି ମା ଅଭିଭାବକ ଭାବରେ ପ୍ରମାଣପତ୍ର ଦର୍ଶାଇ ପାରିବେ, ତେବେ ତାହା ବ୍ୟାଙ୍କ୍ ଗ୍ରହଣ କରିବ ବୋଲି କହିଥିଲେ । ଏହି ପରିସ୍ଥିତିରେ ବାଧ୍ୟ ହୋଇ ଗୀତା ହରିହରନ୍ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ । ସେ ଯୁକ୍ତି ଦର୍ଶାଇ ଥିଲେ ଯେ, ହିନ୍ଦୁ ନାବାଳକତ୍ୱ ଓ ଅଭିଭାବକତ୍ୱ ଆଇନ୍ ୧୯୫୬ର ଧାରା ୫(ଏ) ଏବଂ ଅଭିବାବକ ଓ ପ୍ରତିପାଲ୍ୟ ଆଇନ୍ ୧୮୯୦ର ଧାରା ୧୫କୁ ସମ୍ମିଳିତ ଅଧ୍ୟୟନ କଲେ, ତାହା ସମ୍ବିଧାନର ଧାରା ୧୪ରେ ଥିବା ସମାନତାର ଅଧିକାର ଏବଂ ଧାରା ୧୫ରେ ଲିଙ୍ଗଗତ ବୈଷମ୍ୟକୁ ନିଷେଧ କରୁଥିବା ପ୍ରାବ୍‌ଧାନକୁ ଉଲ୍ଲଂଘନ କରୁଅଛି । ତେଣୁ ଉପରୋକ୍ତ ଧାରାଗୁଡ଼ିକୁ ହିନ୍ଦୁ ଆଇନ୍‌ରୁ ବାଦ ଦିଆଯାଉ । ଏ କ୍ଷେତ୍ରରେ ସୁପ୍ରିମ କୋର୍ଟଙ୍କ ମନ୍ତବ୍ୟ ଥିଲା, ରିଜର୍ଭ ବ୍ୟାଙ୍କ ଏହି ଆଇନ୍‌ର ଭୁଲ୍ ତର୍ଜମା କରୁଛନ୍ତି ଓ ମାତା ମଧ୍ୟ ଆଇନତଃ ସନ୍ତାନର ସ୍ୱାଭାବିକ ଅଭିଭାବକ ଅଟନ୍ତି (ଦ୍ରଷ୍ଟବ୍ୟ: ଗୀତା ହରିହରନ୍ ବନାମ ରିଜର୍ଭ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ୧୯୯୯ ଏସ୍.ସି. ୨୬୩) ।

**ଅଦାଲତ ନିମ୍ନୋକ୍ତ କ୍ଷେତ୍ରରେ ମାତାଙ୍କୁ ଅଭିଭାବକ ଭାବରେ ଗ୍ରହଣ କରିଥାଏ:**

- ☐ ଯଦି ପିତାଙ୍କ କଥାରେ କିମ୍ବା ଲିଖିତ ଭାବେ ନାବଳକ ସନ୍ତାନର ଉତ୍ତରଦାୟିତ୍ୱ ମାତାଙ୍କ ଉପରେ ନ୍ୟସ୍ତ ହୋଇଥାଏ ।
- ☐ ଯଦି ନାବାଳକ କନ୍ୟା/ପୁତ୍ରଙ୍କର ଲାଳନପାଳନ ପାଇଁ ମାତାଙ୍କର ଆବଶ୍ୟକତା ଥାଏ ।
- ☐ ଯଦି ମାନସିକ କିମ୍ବା ଶାରୀରିକ ଭାବେ ପିତା ସନ୍ତାନମାନଙ୍କର ଅଭିଭାବକ ଭାବରେ ଦାୟିତ୍ୱ ତୁଲାଇବାରେ ଅସମର୍ଥ ହୋଇଥାଆନ୍ତି ।

କିନ୍ତୁ ସୁପ୍ରିମ କୋର୍ଟ ହିନ୍ଦୁ ନାବାଳକତ୍ୱ ଏବଂ ଅଭିଭାବକତ୍ୱ ଆଇନ୍‌ର ବିଧିବ୍ୟବସ୍ଥା ସମ୍ବିଧାନର ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରୁଥିବାର ଯୁକ୍ତିକୁ ଗ୍ରହଣ ନ କରି ଦର୍ଶାଇଥିଲେ ଯେ ଏହି ଉପରୋକ୍ତ ଧାରାଗୁଡ଼ିକରେ ପ୍ରଥମେ ପିତା ଓ ତାପରେ ମାତାଙ୍କୁ ପୁତ୍ର ଓ ଅବବାହିତା କନ୍ୟାଙ୍କର ସ୍ୱାଭାବିକ ଅଭିଭାବକ ଭାବେ ଗ୍ରହଣ କରିବାର ବ୍ୟବସ୍ଥାକୁ ରିଜର୍ଭ ବ୍ୟଙ୍କ ଯଥୋଚିତ ଢଙ୍ଗରେ ତର୍ଜମା କରିନାହାନ୍ତି, ତେଣୁ ଏହି ଧାରାଦ୍ୱୟକୁ ବାଦ ଦିଆଯିବ ନାହିଁ।

## ଅନୈତିକ ଚାଲାଣ ନିଷେଧ ଆଇନ୍, ୧୯୫୬

ସଂବିଧାନର ଭାଗ-୩ରେ ବର୍ଣ୍ଣିତ ବିଭିନ୍ନ ମୌଳିକ ଅଧିକାର ଭିତରୁ ମନୁଷ୍ୟର କ୍ରୟ ଓ ବିକ୍ରୟକୁ ନିଷେଧ କରିଥିବା ଧାରା-୨୩ ଅନ୍ୟତମ। ମନୁଷ୍ୟକୁ ଏକ ପଣ୍ୟ ରୂପେ କାରବାରକୁ ରୋକିବା ପାଇଁ ଭାରତୀୟ ରାଷ୍ଟ୍ର ଅଙ୍ଗୀକାରବଦ୍ଧ । ଏହାଛଡ଼ା ମନୁଷ୍ୟର କ୍ରୟବିକ୍ରୟ ବିରୁଦ୍ଧରେ ୧୯୫୦ରେ ଜାତିସଂଘ ଦ୍ୱାରା ଗୃହୀତ ହୋଇଥିବା ଘୋଷଣାନାମାରେ ଭାରତ ଏକ ସଭ୍ୟ-ରାଷ୍ଟ୍ର ରୂପେ ସ୍ୱାକ୍ଷର କରିଥିଲା। ଏହାର ଫଳଶୃତି ରୂପେ ପ୍ରଥମେ ୧୯୫୬ରେ ସଂସଦରେ ଏକ ଆଇନ୍ ଗୃହୀତ ହୋଇଥିଲା, ଯାହାକୁ ସେତେବେଳେ କୁହା ଯାଉଥିଲା, ସର୍ବଭାରତୀୟ ଅନୈତିକ କାରବାର ଦମନ ଆଇନ୍, ୧୯୫୬, ବା ସଂକ୍ଷେପରେ 'ସୀତା'। କିନ୍ତୁ ପରେ ୧୯୮୬ରେ ସେହି ଆଇନ୍‌ର ସଂଶୋଧନ କରାଯାଇ ତାକୁ ଅନୈତିକ ଚାଲାଣ (ନିଷେଧ) ଆଇନ୍, ୧୯୮୬ ବା ସଂକ୍ଷେପରେ 'ପିତା' କୁହାଗଲା।

ଭାରତ ସରକାରଙ୍କ ଦୃଷ୍ଟିଭଙ୍ଗୀ ହେଲା, ଯେହେତୁ ଯୌନ ବ୍ୟବସାୟ ବା ବେଶ୍ୟାବୃତ୍ତିକୁ ଆଇନ୍ ଦ୍ୱାରା ସଙ୍ଗେସଙ୍ଗେ ବନ୍ଦ କରିହେବନି, ତେଣୁ ଏହି ଅନୈତିକ ବ୍ୟବସାୟର ବଭିନ୍ନ ଦିଗକୁ ଆସ୍ତେ ଆସ୍ତେ ଆଇନ୍ ଦ୍ୱାରା ନିୟନ୍ତ୍ରଣ କରି ଚୂଡ଼ାନ୍ତ ଲକ୍ଷ୍ୟ ଦିଗରେ ଅଗ୍ରଗତି କରିବାକୁ ପଡ଼ିବ । ଏହି ଆଇନ୍ ଅନେକ ବ୍ୟାପାରରେ ଅସ୍ୱଷ୍ଟ। ଗୋଟିଏ ସର୍ବସାଧାରଣ ସ୍ଥାନର ୨୦୦ଗଜ ଭିତରେ ବେଶ୍ୟାବୃତ୍ତି ହୋଇପାରିବ ନାହିଁ ଏବଂ ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ବିଜ୍ଞାପିତ ଅଞ୍ଚଳ ବା ବେଶ୍ୟାବୃତ୍ତି-ମୁକ୍ତ ଅଞ୍ଚଳ ବୋଲି ଘୋଷଣା କରିବେ । ଏପ୍ରକାର ପ୍ରାବ୍‌ଧାନର ସ୍ଥୁଳ ନିର୍ଯ୍ୟାସ ହେଲା, ବେଶ୍ୟାବୃତ୍ତି ଏକ ଅପରାଧ ନୁହେଁ, କିନ୍ତୁ ସର୍ବସାଧାରଣ ସ୍ଥାନରେ ବା ବିଜ୍ଞାପିତ ଇଲାକା ଭିତରେ ଯୌନବ୍ୟବସାୟ କରିବା ଅପରାଧ। ଏହି ଆଇନ୍‌ର ପୁନରାୟ ସଂଶୋଧନ ପାଇଁ ଜାତୀୟ ମହିଳା କମିଶନ୍ ଏକ ବିଧେୟକ ପ୍ରସ୍ତୁତ କରିଛନ୍ତି।

**ଦଣ୍ଡବ୍ୟବସ୍ଥା-**

- ଯଦି କେହି ବ୍ୟକ୍ତି ବେଶ୍ୟାଳୟ ପାଇଁ ଘର ଯୋଗାଇ ଦିଅନ୍ତି କିମ୍ବା ନିଜେ ବେଶ୍ୟାଳୟ ପରିଚାଳନା କରୁଥାଆନ୍ତି, ତେବେ ପ୍ରଥମ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ସେ ୧ ବର୍ଷରୁ ୩ ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଏବଂ ତତ୍‌ସହିତ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ ହେବେ। ଯଦି ଦ୍ୱିତୀୟ ଥର ବା ତାଠାରୁ ଅଧିକ ଥର ସେ ସେହି ଅପରାଧରେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ୨ ବର୍ଷରୁ ୫ବର୍ଷ ପର୍ଯ୍ୟନ୍ତ ସଶ୍ରମ ଜେଲ୍ ଏବଂ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ ହେବେ।

- ଜଣଙ୍କର ବେଶ୍ୟାବୃତ୍ତିରୁ ଉପାର୍ଜନ ହେଉଥିବା ଆୟ ଉପରେ ଯଦି ଆଉ ଜଣେ ସାବାଳକ ବ୍ୟକ୍ତି ନିର୍ଭର କରି ଚଳୁଥିବ, ତେବେ ସେ ଦୁଇବର୍ଷ ଜେଲ୍ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ। ଯଦି ବେଶ୍ୟାବୃତ୍ତି କରୁଥିବା ବ୍ୟକ୍ତି ନାବାଳକ ହୋଇଥିବ, ତେବେ ତା' ଆୟ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତିକୁ ସାତବର୍ଷରୁ ଦଶବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରାଯିବ।

- ଯଦି ଜଣେ ସାବାଳକ ବ୍ୟକ୍ତି ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରେ, ସେହି ଉଦ୍ଦେଶ୍ୟରେ ତାଙ୍କୁ ନେବା ଆଣିବା କରେ, ବା ଅନ୍ୟ ବ୍ୟକ୍ତିମାନଙ୍କୁ ବେଶ୍ୟାଳୟକୁ ଯିବା ପାଇଁ 'ସଲାଏ, ତେବେ ତାଙ୍କୁ ୩ବର୍ଷରୁ ସାତବର୍ଷ ଜେଲ୍ ସହିତ ଦୁଇ ହଜାର ଟଙ୍କାର ଜୋରିମାନାରେ ଦଣ୍ଡିତ କରାଯିବ ; ଯଦି ସଂପୃକ୍ତ ବ୍ୟକ୍ତିର ଇଚ୍ଛା ବିରୁଦ୍ଧରେ ତାଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ

କରାଯାଇଥାଏ, ତେବେ ସାତବର୍ଷରୁ ଚଉଦ ବର୍ଷ ଯାଏଁ ସଶ୍ରମ ଜେଲ୍‌ଦଣ୍ଡ ଦିଆଯିବ ; ଏବଂ ବେଶ୍ୟାବୃତ୍ତିରେ ନିୟୋଜିତ ବ୍ୟକ୍ତି ଯଦି ନାବାଳକ ହୋଇଥାନ୍ତି ତେବେ ସାତବର୍ଷରୁ ଆଜୀବନ କାରାଦଣ୍ଡ ଦିଆଯାଇପାରେ ।

- କୌଣସି ମହିଳାଙ୍କୁ ବାଧ୍ୟ କରି ବେଶ୍ୟାଳୟରେ ରଖିବା ଓ ତାଙ୍କର ସ୍ୱାମୀ ନହୋଇ ମଧ୍ୟ ତାଙ୍କ ସହ ଯୌନ ସଂଭୋଗ କରିବା ଅପରାଧୀ ପାଇଁ ସାତବର୍ଷରୁ ଆଜୀବନ ଜେଲ୍ ଏବଂ ତତ୍‌ସହିତ  ଜୋରିମାନାର ଦଣ୍ଡବିଧାନ କରାଯାଇ ପାରିବ ।

- କୌଣସି ସର୍ବସାଧାରଣ ବା ବିଜ୍ଞାପିତ ସ୍ଥାନର ଦୁଇଶହ ମିଟର୍ ଭିତରେ ଯଦି କେହି ବ୍ୟକ୍ତି ବେଶ୍ୟାବୃତ୍ତି କରେ ବା କରାଏ ସେ ତିନିମାସ ଯାଏଁ ଜେଲ୍‌ଦଣ୍ଡରେ ଦଣ୍ଡିତ ହେବେ ।

- ଯଦି ଗୋଟିଏ ସର୍ବସାଧାରଣ ସ୍ଥାନ ବା ଅନ୍ୟ ଏକ ପରିସରର ଜଗୁଆଳି , ମାଲିକ ବା ମାଲିକଙ୍କ ଏଜେଣ୍ଟ ଥାଇ ସେହି ସ୍ଥାନରେ ବେଶ୍ୟାବୃତ୍ତି ଚାଲିବା ପାଇଁ ଅନୁମତି ଦିଅନ୍ତି ବା ସେ ସ୍ଥାନକୁ ଭଡାରେ ଲଗାନ୍ତି, ତାହା ଦଣ୍ଡନୀୟ । ପ୍ରଥମ ଥର ଦୋଷୀ ସାବ୍ୟସ୍ତ ହେଲେ ତିନିମାସ ଯାଏ ଜେଲ୍ ଏବଂ ଦୁଇଶହ ଟଙ୍କାର ଜୋରିମାନା ଦଣ୍ଡ ବା ଉଭୟ ଦଣ୍ଡ; ଦ୍ୱିତୀୟ ଥର ଦୋଷୀ ସାବ୍ୟସ୍ତ ହେଲେ ଛ' ମାସ ଯାଏଁ ଜେଲ୍ ଏବଂ ଦୁଇଶହ ଟଙ୍କାର ଜୋରିମାନା ଦଣ୍ଡ ଲାଗୁ ହେବ । ଯଦି ସେହି ସ୍ଥାନ ଏକ ହୋଟେଲ୍ ହୋଇଥିବ, ତାହାର ଲାଇସେନ୍‌ସ ୩ମାସରୁ ବର୍ଷକ ଯାଏଁ ନିଲମ୍ବନ କରାଯିବ ଏବଂ ଯଦି ସେଠାରେ ନାବାଳକ ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତିରେ ନିୟୋଜିତ କରାଯାଉଥାଏ, ତେବେ ହୋଟେଲ୍‌ର ଲାଇସେନ୍‌ସ ସବୁଦିନ ପାଇଁ ରଦ୍ଦ କରି ଦିଆଯିବ ।

- ଯଦି କୌଣସି ସର୍ବସାଧାରଣ ସ୍ଥାନରେ ବା ସର୍ବସାଧାରଣ ସ୍ଥାନରୁ ଦୃଶ୍ୟମାନ ହେଉଥିବା ଏକ ଘରୁ କେହି ବ୍ୟକ୍ତି କିଛି ଇଙ୍ଗିତ ଦ୍ୱାରା ବା ଅଙ୍ଗଭଙ୍ଗୀ ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କୁ 'ସଲାନ୍ତି ବା ପ୍ରଲୁବ୍ଧ କରନ୍ତି, ଏବଂ ଏପ୍ରକାର ବ୍ୟବହାର ଦ୍ୱାରା ସେହି ସ୍ଥାନର ମର୍ଯ୍ୟାଦା ହାନି ହୁଏ, ତେବେ ସେ ପ୍ରଥମ ଥର ଦୋଷୀ ସାବ୍ୟସ୍ତ ହେଲେ ଛ' ମାସଜେଲ୍ ବା ପାଞ୍ଚଶହ ଟଙ୍କା ଜୋରିମାନା ବା ଉଭୟ ଦଣ୍ଡରେ ଏବଂ ଦ୍ୱିତୀୟ ବା ତଦୁର୍ଦ୍ଧ୍ୱ ଥର ପାଇଁ ଦୋଷୀ ସାବ୍ୟସ୍ତ ହେଲେ ଏକ ବର୍ଷ ଜେଲ୍ ସହିତ ପାଞ୍ଚଶହ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ । ଯଦି ଜଣେ ପୁରୁଷ ଏହି ଅପରାଧ କରନ୍ତି, ତେବେ ତାଙ୍କୁ ସାତ ଦିନରୁ ତିନିମାସ ଯାଏ ଜେଲ୍‌ଦଣ୍ଡ ମିଳିବ ।

- ଯଦି ଜଣେ ବ୍ୟକ୍ତି ନିଜ ହେପାଜତ୍ ବା କର୍ତ୍ତୃତ୍ୱ ଅଧୀନରେ ଥିବା ଆଉ ଜଣେ ବ୍ୟକ୍ତିଙ୍କୁ ଫୁସୁଲାଫୁସୁଲି କରି ବେଶ୍ୟାବୃତ୍ତି ପାଇଁ ନିୟୋଜନ କରନ୍ତି, ତେବେ ସେ ଦୋଷୀ ସାବ୍ୟସ୍ତ ହେବା ପରେ ସାତବର୍ଷରୁ ଆଜୀବନ କାରାଦଣ୍ଡ ନଚେତ୍ ଦଶବର୍ଷ ଜେଲ୍ ସହିତ ଜୋରିମାନାରେ ଦଣ୍ଡିତ ହେବେ ।

- ଯଦି ଅଦାଲତ ଚାହିଁବେ ଜଣେ ମହିଳା ଅପରାଧୀଙ୍କୁ ଜେଲ୍‌ଦଣ୍ଡ ନଦେଇ କୌଣସି ଏକ ସଂସ୍କାର ଗୃହକୁ ୨ବର୍ଷରୁ ୫ବର୍ଷ ପାଇଁ ଆବଦ୍ଧ ହୋଇ ରହିବା ସକାଶେ ପଠାଇ ପାରିବେ ।

**ଅନୈତିକ ଚାଲାଣ ନିଷେଧ ଆଇନ୍ ସମ୍ବନ୍ଧରେ ଆଉ କେତେକ ଜ୍ଞାତବ୍ୟ ସୂଚନା -**

- ଯଦି ନାବାଳିକାମାନେ ବେଶ୍ୟାଳୟରେ ରହିଥାଆନ୍ତି, ସେମାନଙ୍କୁ ବେଶ୍ୟାବୃତ୍ତି ପାଇଁ ସେଠାକୁ ଅଣାଯାଇଛି ବୋଲି ଧରି ନିଆଯିବ । ଏ କ୍ଷେତ୍ରରେ ଅଭିଯୁକ୍ତଙ୍କୁ ତାଙ୍କର ନିର୍ଦ୍ଦୋଷତା ସାବ୍ୟସ୍ତ କରିବାର ପ୍ରମାଣ ଭାର ତାଙ୍କ ଉପରେ ନ୍ୟସ୍ତ ରହିବ ।

- ଯଦି ଡାକ୍ତରୀ ପରୀକ୍ଷାରୁ ଜଣାପଡେ ଯେ, ବେଶ୍ୟାଳୟରେ ଥିବା କୌଣସି ନାବାଳିକା ଯୌନଗତ ନିର୍ଯ୍ୟାତନାର ଶିକାର ହୋଇଛନ୍ତି, ତେବେ ସେମାନଙ୍କୁ ବେଶ୍ୟାବୃତ୍ତି ନିମନ୍ତେ ବାଧ କରାଯାଇଛି ବୋଲି ଧରିନିଆଯିବ ।

- ରାଜ୍ୟସରକାର ଏହି ଆଇନ୍‌ର ପ୍ରୟୋଗ ନିମନ୍ତେ ସ୍ୱତନ୍ତ୍ର ପୋଲିସ୍ ଅଫିସର୍‌ମାନଙ୍କୁ ନିଯୁକ୍ତ କରିପାରନ୍ତି (ଯେ କି ପୋଲିସ୍ ଇନସ୍‌ପେକ୍ଟର ପାହ୍ୟାର ହୋଇଥିବେ) ଏବଂ ସେମାନଙ୍କୁ ସହଯୋଗ କରିବା ପାଇଁ ଅନ୍ତତଃ ୫ଜଣ ବେସରକାରୀ ସମାଜସେବୀ ବ୍ୟକ୍ତିଙ୍କୁ ନେଇ ଏକ ପରାମର୍ଶଦାତା କମିଟି ଗଠନ କରିପାରନ୍ତି ।

- କେନ୍ଦ୍ର ସରକାର ଅନୈତିକ ଚାଲାଣ ରୋକିବା ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ନିଯୁକ୍ତି ଦେବେ, ଯେଉଁମାନଙ୍କର ପୋଲିସ୍ ଅଧିକାରୀର କ୍ଷମତା ରହିବ ।

- ସଂପୃକ୍ତ ଅଧିକାରୀମାନେ ଯେ କୌଣସି ସନ୍ଦେହପୂର୍ଣ୍ଣ ସ୍ଥାନକୁ ବିନା ପରୱାନାରେ ପ୍ରବେଶ କରିପାରିବେ। ଏପରି କ୍ଷେତ୍ରରେ ଏହି ଅଧିକାରୀମାନେ ଅନ୍ତତଃ ଦୁଇ ଜଣ ବିଶିଷ୍ଟ ପଡୋଶୀଙ୍କୁ ସାକ୍ଷୀ ରୂପେ ନେଇ ପାରିବେ ଏବଂ ସେମାନଙ୍କ ଭିତରେ ଅନ୍ତତଃ ଜଣେ ମହିଳା ହୋଇଥିବେ, କିନ୍ତୁ ମହିଳା ଜଣକ ଠିକ୍ ସେହି ସ୍ଥାନୀୟ ଅଞ୍ଚଳର ହୋଇ ନପାରନ୍ତି । ଯଦି କେହି ବ୍ୟକ୍ତି ସାକ୍ଷୀ ଭାବେ ଉପସ୍ଥିତ ରହିବା ପାଇଁ ଅନିଚ୍ଛୁକ ହୁଅନ୍ତି, ତେବେ ତାଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ସଂହିତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

- ପୋଲିସ୍ ତରଫରୁ ଖାନ୍‌ତଲାସ ହେବା ସମୟରେ ଅନ୍ତତଃ ଦୁଇଜଣ ମହିଳା ପୋଲିସ୍ ଅଧିକାରୀ ଉପସ୍ଥିତ ରହିବେ ଏବଂ ମହିଳା ଅଭିଯୁକ୍ତାଙ୍କୁ ସେମାନଙ୍କ ଉପସ୍ଥିତିରେ ହିଁ ଜେରା କରାଯିବ।

- କୌଣସି ସ୍ଥାନର ତଲାସି ବେଳେ ସେ ସ୍ଥାନରେ ଥିବା ସମସ୍ତ ବ୍ୟକ୍ତିମାନଙ୍କୁ ସେଠାରୁ ପୋଲିସ୍ ଧରି ଆଣିପାରିବେ ଏବଂ ମାଜିଷ୍ଟ୍ରେଟ୍‌ଙ୍କ ସାମନାରେ ଯଥାଶୀଘ୍ର ଦାଖଲ କରିବେ। ସେହିବ୍ୟକ୍ତିମାନଙ୍କର ଡାକ୍ତରୀ ମାଇନା କରାଯାଇ ସେମାନଙ୍କର ବୟସ ନିର୍ଦ୍ଧାରଣ ସହିତ ଯୌନକାର୍ଯ୍ୟରେ ସେମାନେ ଲିପ୍ତ ଥିଲେ କି ନାହିଁ ଏବଂ ସେମାନେ କୌଣସି ସଂକ୍ରାମକ ଯୌନରୋଗରେ ଆକ୍ରାନ୍ତ କି ନା, ତାହା ନିର୍ଦ୍ଧାରଣ କରାଯିବ।

- ଯଦି କୌଣସି ସ୍ଥାନରେ କୌଣସି ବ୍ୟକ୍ତିଙ୍କୁ ବେଶ୍ୟାବୃତ୍ତି କରିବା ପାଇଁ ଅଟକ ରଖାଯାଇଛି ବୋଲି ମାଜିଷ୍ଟ୍ରେଟ୍‌ଙ୍କ ଗୋଚରକୁ ଆସିଲା, ତେବେ ସେ ତୁରନ୍ତ ସବ୍-ଇନ୍‌ସ୍‌ପେକ୍ଟର ପାହ୍ୟାର ଜଣେ ପୋଲିସ୍ ଅଧିକାରୀଙ୍କୁ ସେଠାକୁ ପଠାଇ ସେହି ବ୍ୟକ୍ତିଙ୍କୁ ଉଦ୍ଧାର କରିବେ ଏବଂ ସେ ବ୍ୟକ୍ତିଙ୍କୁ ତୁରନ୍ତ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହାଜର କରିବାକୁ ପଡ଼ିବ।

- ମାଜିଷ୍ଟ୍ରେଟ୍ ସମସ୍ତ ଦିଗକୁ ବିଚାର କରି ଉଦ୍ଧାର କରାଯାଇଥିବା ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ଆଶ୍ରୟ ଗୃହକୁ ପଠାଇ ପାରନ୍ତି ନଚେତ୍ ତାଙ୍କର ପିତା, ମାତା କିମ୍ବା ଅଭିଭାବକଙ୍କ ନିକଟକୁ ପଠାଇପାରନ୍ତି।

- ଯଦି କୌଣସି ସ୍ଥାନରେ ବେଶ୍ୟାବୃତ୍ତି ଚାଲୁଅଛି ବୋଲି ମାଜିଷ୍ଟ୍ରେଟ୍ ସୂଚନା ପାଆନ୍ତି, ତେବେ ତାହା ବନ୍ଦ କରିବା ପାଇଁ ତୁରନ୍ତ ନିର୍ଦ୍ଦେଶ ଦେଇ ପାରନ୍ତି। ଏହି ଆଦେଶ ବିରୁଦ୍ଧରେ କୌଣସି କୋର୍ଟରେ ଅପିଲ୍ କରିହେବ ନାହିଁ। ଯଦି ଏହି ଆଦେଶକୁ ଘର-ମାଲିକ ଅବମାନନା କରନ୍ତି, ତାଙ୍କୁ ପାଞ୍ଚଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯାଇ ପାରିବ।

- ଏହି ଆଇନ୍ ଅଧୀନସ୍ଥ କେଶ୍ ଗୁଡିକର 'ଇସଲା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଆବଶ୍ୟକ ସଂଖ୍ୟକ ସ୍ୱତନ୍ତ୍ର ଅଦାଲତ ପ୍ରତିଷ୍ଠା କରିପାରନ୍ତି।

- ଯଦି ରାଜ୍ୟ ସରକାର ଉଚିତ୍ ମନେକରନ୍ତି ତେବେ ସେ ସଂପୃକ୍ତ ଅଦାଲତମାନଙ୍କୁ ଏହି ଆଇନ୍ ଅଧୀନସ୍ଥ କେଶ୍ ଗୁଡିକର ସରାସରି ଫଇସଲା ପାଇଁ କ୍ଷମତା ଦେଇପାରନ୍ତି।

- ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିବାର କ୍ଷମତା କେବଳ ରାଜ୍ୟ ସରକାରଙ୍କର ହିଁ ରହିଛି।

ଏହି ଆଇନ୍ ୧୯୫୬ରୁ ଆମଦେଶରେ ଚାଲୁ ରହିଥିଲେ ହେଁ ମହିଳାମାନଙ୍କ ଉପରେ ଯୌନ ଶୋଷଣ ବଢ଼ିବଢ଼ି ଚାଲିଛି ଏବଂ ନୂଆ ନୂଆ ରୂପରେ ନିଜର କାୟା ବିସ୍ତାର କରିଚାଲିଛି। ଅତୀତରେ ନିର୍ଦ୍ଦିଷ୍ଟ ଅଞ୍ଚଳ, ଯାହାକୁ ଲାଲବତୀ ଅଞ୍ଚଳ ବୋଲି କୁହାଯାଏ, ତାହା ମଧ୍ୟରେ ଯୌନକର୍ମୀମାନଙ୍କର କାରବାର ମୂଳତଃ ସୀମିତ ଥିଲା। କିନ୍ତୁ ବର୍ତ୍ତମାନ ରାସ୍ତାଘାଟ, ହୋଟେଲ୍ ଏବଂ ମେଳାମହୋତ୍ସବ ଇତ୍ୟାଦି ସର୍ବସାଧାରଣ କ୍ଷେତ୍ରରେ 'କଲ୍‌ଗାର୍ଲ'ର ଉପସ୍ଥିତି ବଢ଼ିଚାଲିଛି। ରାଜନେତା, ଅଫିସର୍ ଏବଂ ଦେଶୀବିଦେଶୀ କମ୍ପାନୀ କର୍ମକର୍ତ୍ତାମାନେ ମଧ୍ୟ ମହିଳାମାନଙ୍କର ଦୟନୀୟ ସ୍ଥିତିର ସୁଯୋଗ ନେଇ ସେମାନଙ୍କୁ ଯୌନ ଶୋଷଣ କରିଚାଲିଛନ୍ତି। ସବୁଠାରୁ ଦୁଃଖଦାୟକ ଘଟଣା ହେଉଛି, ବର୍ତ୍ତମାନ ନିପଟ ମଫସଲରୁ ଗରୀବ ଝିଅମାନେ ଦୂରଦୂରାନ୍ତ ସ୍ଥାନକୁ 'ବିବାହ', 'ନିଯୁକ୍ତି', 'ସ୍ୱଚ୍ଛନ୍ଦ ଜୀବନ' ଇତ୍ୟାଦି ପ୍ରଲୋଭନରେ ବାପାମାଆଙ୍କ ଇଚ୍ଛା ବା ଇଙ୍ଗିତ ମତେ ଚାଲାଣ ହୋଇଯାଉଛନ୍ତି, କିନ୍ତୁ କିଛି ବର୍ଷ ପରେ ସେମାନଙ୍କ ଭିତରୁ ଅନେକଙ୍କର କୌଣସି ପତ୍ତା ମିଳୁନାହିଁ ଓ ଯେଉଁ ଅଳ୍ପ କେଇଜଣ ଫେରୁଛନ୍ତି

ସେମାନଙ୍କ ଅବସ୍ଥା କହିଲେ ନସରେ। କାହାକୁ ଏଚ୍.ଆଇ.ଭି. ସଂକ୍ରମଣ କରିଛି ତ କେହି ବାରମ୍ବାର ଗର୍ଭପାତ କରିବା ଫଳରେ ବହୁ ଦୁରାରୋଗ୍ୟ ବ୍ୟାଧିର ଶିକାର ହୋଇପଡିଛି, ପୁଣି କେହି ଅବିବାହିତ ମାତା ହୋଇ ଅସହ୍ୟ ମାନସିକ ଯନ୍ତ୍ରଣା ଭିତରେ ଅର୍ଦ୍ଧ-ପାଗଳୀ ହୋଇପଡିଛି। ସେମାନଙ୍କୁ କେବଳ ନିଜ ଗାଁ ଭିତରେ ନୁହେଁ, ବାପାମାଆ ଓ ଭାଇଭଉଣୀ ଆତ୍ମୀୟ ସ୍ୱଜନଙ୍କୁ ନେଇ ଗଠିତ ପରିବାର ଭିତରେ ମଧ୍ୟ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ମିଳୁନାହିଁ। ଓଡିଶାରେ ଏପର୍ଯ୍ୟନ୍ତ ଉପରୋକ୍ତ ଆଇନ୍ ଅଧୀନରେ ନିୟମାବଳୀ ପ୍ରସ୍ତୁତ ହୋଇପାରିନି, ଏହାର ପ୍ରକୃଷ୍ଟ କାର୍ଯ୍ୟକାରିତା ହେବା ଏକ ଭିନ୍ନ ପ୍ରଶ୍ନ।

## ପଙ୍ଗୁତା-ଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ବିଧିବିଧାନ

ପଙ୍ଗୁତା ଗ୍ରସ୍ତ ବ୍ୟକ୍ତିମାନଙ୍କ ସଂକ୍ରାନ୍ତରେ ବର୍ତ୍ତମାନ ଜାତୀୟ ସ୍ତରରେ ତିନୋଟି ଆଇନ୍ କାଏମ୍ ଅଛି, ଯଥା-

- **ସ୍ଥବିରତା, ମାନସିକ ପକ୍ଷାଘାତ, ମାନସିକ ଅନଗ୍ରସରତା ତଥା ବହୁବିଧ ପଙ୍ଗୁତାରେ ଆକ୍ରାନ୍ତ ବ୍ୟକ୍ତିମାନଙ୍କ କଲ୍ୟାଣ ନିମିତ୍ତ ଜାତୀୟ ଟ୍ରଷ୍ଟ ଆଇନ୍ ୧୯୯୯**- ଏହି ଆଇନ୍‌ରେ ଉକ୍ତ ଚାରି ଧରଣର ପଙ୍ଗୁତା-ଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ବିଧିସ୍ୱୀକୃତ ଅଭିଭାବକତ୍ୱର ବ୍ୟବସ୍ଥା କରିବା ସକାଶେ ପ୍ରାବ୍‌ଧାନମାନ ସ୍ଥାନିତ ହୋଇଛି ।

- **ଭାରତର ପୁନଃସଂସ୍ଥାନ ପରିଷଦ ଆଇନ୍ ୧୯୯୨**, ଯାହାକି ପୁନଃସଂସ୍ଥାନ କାର୍ଯ୍ୟକ୍ରମ ପାଇଁ ଆବଶ୍ୟକୀୟ କର୍ମଶକ୍ତି ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ । ଅକ୍ଷମତା ସଂପର୍କୀତ ବିଷୟଗୁଡିକ ଉପରେ ତାଲିମ୍ ଓ ତାଦରଖ ପାଇଁ ୧୯୮୬ରେ ପ୍ରତିଷ୍ଠିତ ହୋଇଥିବା ଭାରତର ପୁନଃସଂସ୍ଥାନ ପରିଷଦ ଏହି ଆଇନ୍ ଅଧୀନରେ ପରିଚାଳିତ ହେଉଛି ।

- **ପଙ୍ଗୁତା ଗ୍ରସ୍ତ ବ୍ୟକ୍ତିସମୂହ (ସମାନ ସୁଯୋଗ, ଅଧିକାର ସୁରକ୍ଷା ଏବଂ ସଂପୂର୍ଣ୍ଣ ଭାଗିଦାରିତା) ଆଇନ୍, ୧୯୯୫**- ଏହି ଆଇନ୍ ୧୯୯୬ରେ ବଳବତ୍ତର ହେଲା । ଏହାର ଲକ୍ଷ୍ୟ ହେଲା, ପଙ୍ଗୁତା-ଗ୍ରସ୍ତ ବ୍ୟକ୍ତିମାନଙ୍କୁ ଏପରି ସଶକ୍ତୀକରଣ କରିବା, ଯାହା ଫଳରେ ସେମାନେ ନିଜ ପାଇଁ ଏକ ଅନୁକୂଳ ବାତାବରଣ ସୃଷ୍ଟି ପାଇଁ ଦାବୀ କରି ପାରିବାର ଅଧିକାର ପାଇପାରିବେ । ଅନୁକୂଳ ବାତାବରଣ କହିଲେ ଏଭଳି ଏକ ବାତାବରଣ ଯେଉଁଠି ସେମାନଙ୍କର ଅଧିକାରସମୂହ ସୁରକ୍ଷିତ ହୋଇପାରୁଥିବ, ତଥା ଉନ୍ନୟନ ପ୍ରକ୍ରିୟାରେ ସେମାନଙ୍କୁ ସମାନ ସୁବିଧାସୁଯୋଗ ମିଳିବା ସହିତ ସଂପୂର୍ଣ୍ଣ ଭାଗିଦାରିତା ମଧ୍ୟ ସମ୍ଭବ ହୋଇପାରୁଥିବ । ଏହି ଆଇନ୍‌ରେ ଗ୍ରାମାଞ୍ଚଳର ପଙ୍ଗୁ ବ୍ୟକ୍ତିମାନଙ୍କର ଥଇଥାନ ଉପରେ ପ୍ରାଧାନ୍ୟ ଦିଆଯାଇଛି ।

ଉପରୋକ୍ତ ଆଇନ୍‌ଗୁଡିକ ଛଡା ପଙ୍ଗୁତା-ଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ବିଭିନ୍ନ ସଂସ୍ଥା ଓ ସଂଗଠନ ମଧ୍ୟ ପ୍ରତିଷ୍ଠିତ ହୋଇଛି । ସାତଟି ଜାତୀୟ ପ୍ରତିଷ୍ଠାନ ବର୍ତ୍ତମାନ କାର୍ଯ୍ୟରତ ଅଛନ୍ତି, ଯଥା ଶାରିରୀକ ବିକଳାଙ୍ଗଙ୍କ ପାଇଁ ଦିଲ୍ଲୀରେ, ଦୃଷ୍ଟି-ଅକ୍ଷମ ମାନଙ୍କ ପାଇଁ ଡେରାଡୁନ୍‌ରେ, ଅସ୍ଥି-ବିକଳାଙ୍ଗ ମାନଙ୍କ ପାଇଁ କୋଲକାତାରେ, ମାନସିକ ବିକଳାଙ୍ଗଙ୍କ ପାଇଁ ସିକନ୍ଦରାବାଦରେ, ଶ୍ରବଣ-ବିକଳାଙ୍ଗଙ୍କ ପାଇଁ ମୁମ୍ବାଇରେ, ଥଇଥାନ ତାଲିମ୍ ଓ ଗବେଷଣା ପାଇଁ କଟକରେ ତଥା ବହୁବିଧ ପଙ୍ଗୁତାଗ୍ରସ୍ତ ମାନଙ୍କ ପାଇଁ ଚେନ୍ନାଇରେ । ପୁଣି ପାଞ୍ଚଟି ସମ୍ମିଳିତ ଥଇଥାନ କେନ୍ଦ୍ର, ଚାରୋଟି ଆଞ୍ଚଳିକ ଥଇଥାନ କେନ୍ଦ୍ର ତଥା ୧୨୦ଟି ଜିଲ୍ଲା ଅକ୍ଷମତା ଥଇଥାନ କେନ୍ଦ୍ର ଦେଶରେ କାର୍ଯ୍ୟ କରୁଛି । ଏଗୁଡିକ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ହେଉଥିବା ବେଳେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ମଧ୍ୟ କେତେକ ସଂସ୍ଥା କାର୍ଯ୍ୟରତ ଅଛନ୍ତି, ଯଥା ବାଙ୍ଗାଲୋର୍‌ରେ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁବିଜ୍ଞାନ ପ୍ରତିଷ୍ଠାନ, ମୁମ୍ବାଇରେ ସର୍ବଭାରତୀୟ ଶାରିରୀକ ଔଷଧ ଏବଂ ଥଇଥାନ, ମହୀଶୂରରେ ସର୍ବଭାରତୀୟ ବାକ୍ ଓ ଶ୍ରବଣ ପ୍ରତିଷ୍ଠାନ, ଏବଂ ରାଞ୍ଚିରେ କେନ୍ଦ୍ରୀୟ ମନୋଚିକିତ୍ସା ପ୍ରତିଷ୍ଠାନ ଇତ୍ୟାଦି । ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ପଙ୍ଗୁତା-ଗ୍ରସ୍ତ ବ୍ୟକ୍ତିମାନଙ୍କ ଆତ୍ମନିଯୁକ୍ତି ପାଇଁ ରାଜ୍ୟ ସରକାରଙ୍କ ସଂସ୍ଥାଗୁଡିକ ଜରିଆରେ ରିହାତି ହାରରେ ଋଣ ଯୋଗାଇ ଦେବା ପାଇଁ ଜାତୀୟ ବିକଳାଙ୍ଗ ଅର୍ଥଲଗାଣ ବିକାଶ କର୍ପୋରେସନ୍

(ଏନ୍.ଏଚ୍.ଏଫ୍.ଡି.ସି.) ୧୯୯୭ରେ ଗଢା ହୋଇଛି । ଅକ୍ଷମ ବ୍ୟକ୍ତିମାନଙ୍କୁ ସହାୟତାକାରୀ ସରଞ୍ଜାମ କିଣିବା ଓ ଉପଯୋଗ ପାଇଁ ସାହାଯ୍ୟ ସ୍କିମ୍ ମଧ୍ୟ କାର୍ଯ୍ୟ କରୁଛି ତଥା ୧୯୭୬ରେ ପ୍ରତିଷ୍ଠା ଲାଭ କରିଥିବା କୃତ୍ରିମ ଅଙ୍ଗ ପ୍ରସ୍ତୁତି କର୍ପୋରେସନ୍ (ଆଲିମ୍‌କୋ), କାନପୁରକୁ ମଧ୍ୟ କେନ୍ଦ୍ରୀୟ ଅନୁଦାନ ଦିଆଯାଉଛି । ବିଭିନ୍ନ ସ୍କିମ୍‌ଗୁଡିକର ସମ୍ମିଶ୍ରଣରେ ପଙ୍ଗୁତା-ଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ସ୍ୱେଚ୍ଛାସେବୀ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ସମନ୍ୱିତ ସ୍କିମ୍ କାର୍ଯ୍ୟକାରୀ ହେଉଛି । ଏହି ସ୍କିମ୍ ଅଧୀନରେ କେତେକ ନୂଆ କାର୍ଯ୍ୟକ୍ଷେତ୍ର ଅନ୍ତର୍ଭୁକ୍ତ ହୋଇଛି, ଯଥା ଆଇନ୍ ସହାୟତା ଓ ପରାମର୍ଶ, କ୍ରୀଡା ଓ ମନୋରଞ୍ଜନ, ପରିଭ୍ରମଣ, ସୃଜନଶୀଳ ଓ ପରିବେଷଣ କଳା,୍ନ ଉନ୍ନୟନ ସଂକ୍ରାନ୍ତ ବିଭିନ୍ନ ବିଷୟରେ ଗବେଷଣାକୁ ପ୍ରୋତ୍ସାହନ ଓ ସୁସମୃଦ୍ଧ ସମ୍ବଳ କେନ୍ଦ୍ରଗୁଡିକୁ ପ୍ରତିଷ୍ଠା ଇତ୍ୟାଦି ।

ଓଡିଶା ସରକାର ପଙ୍ଗୁତା ଗ୍ରସ୍ତ ବ୍ୟକ୍ତିସମୂହ (ସମାନ ସୁଯୋଗ, ଅଧିକାର ସୁରକ୍ଷା ଏବଂ ସଂପୂର୍ଣ୍ଣ ଭାଗିଦାରିତା) ଆଇନ୍, ୧୯୯୫ ଅଧୀନରେ ନିଜର ନିୟମାବଳୀ ୨୮ ଅଗଷ୍ଟ ୨୦୦୩ରେ ଜାରି କରିଛନ୍ତି । ଏକ ରାଜ୍ୟ ସମନ୍ୱୟ କମିଟି ମଧ୍ୟ ଗଠିତ ହୋଇଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ସମାଜ ମଙ୍ଗଳ ନିର୍ଦ୍ଦେଶକଙ୍କୁ ଏହି ଆଇନ୍ ଅଧୀନରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ ବୋଲି ଘୋଷଣା କରାଯାଇଛି, ଯେ କି ଅକ୍ଷମତା କ୍ଷେତ୍ରରେ କାର୍ଯ୍ୟରତ ସମାଜସେବୀ ସଂଗଠନମାନଙ୍କୁ ପଂଜିକରଣ ପାଇଁ ଚୟନ କରିବାର କ୍ଷମତା ପାଇଁଛନ୍ତି । ଉକ୍ତ ବିଭାଗର କମିଶନର୍-ସଚିବଙ୍କୁ ଏହି ଆଇନ୍ ଅଧୀନରେ କମିଶନର୍ ଭାବେ ଘୋଷଣା କରାଯାଇଛି, ଯେ କି ଏହି ଆଇନ୍ ଅଧୀନରେ ସମସ୍ତ କାର୍ଯ୍ୟକ୍ରମକୁ ତଦାରଖ କରିବେ । ଅକ୍ଷମ ମାନଙ୍କୁ ପରିଚୟ ପତ୍ର ପ୍ରଦାନ ଦାୟିତ୍ୱ ପ୍ରତି ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନ୍ୟସ୍ତ କରାଯାଇଛି, ଯେ କି ମେଡିକାଲ୍ ବୋର୍ଡ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ରକୁ ଭିତ୍ତି କରି ପରିଚୟ ପତ୍ର ପ୍ରଦାନ କରିବେ । ୩ ଡିସେମ୍ବର ୨୦୦୪ ବିଶ୍ୱ ଅକ୍ଷମତା ଦିବସରେ ପଙ୍ଗୁତା-ଗ୍ରସ୍ତ ଲୋକମାନଙ୍କ ପାଇଁ ମିଶନ୍ କ୍ଷମତା ନାମକ ଏକ ଅଭିଯାନର ଶୁଭାରମ୍ଭ କରିଛନ୍ତି । ପଙ୍ଗୁତା-ଗ୍ରସ୍ତ ଲୋକମାନଙ୍କର ଆର୍ଥିକ ସ୍ୱାଧୀନତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ସେମାନଙ୍କ ଭିତରେ ସ୍ୱୟଂସହାୟକ ଗୋଷ୍ଠୀ (ଏସ୍.ଏଚ୍.ଜି.) ଗଠନ କରାଇବା ଏହି ମିଶନ୍‌ର ମୂଳ ଲକ୍ଷ୍ୟ । ରାଜ୍ୟରେ ଗଠିତ ହୋଇଥିବା ଏହି ପ୍ରକାର ଏସ୍.ଏଚ୍.ଜି. ମାନଙ୍କର ଏକ ତାଲିକା ପ୍ରସ୍ତୁତି ପାଇଁ 'ଆଇନା' ନାମକ ସ୍ୱେଚ୍ଛାସେବୀ ସଂସ୍ଥାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି ।

ପଙ୍ଗୁତା-ଗ୍ରସ୍ତ ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ କମିଶନ୍ ଗଠିତ ହୋଇଛି ଏବଂ ଏହାର କାର୍ଯ୍ୟାଳୟ କ୍ୟାପିଟାଲ୍ ହସ୍‌ପିଟାଲ୍, ୟୁନିଟ୍-୬, ଭୁବନେଶ୍ୱରରେ କାର୍ଯ୍ୟ କରୁଛି । ସରକାରୀ ସୂତ୍ର ଅନୁଯାୟୀ ଅକ୍ଷମ ପିଲାମାନଙ୍କ ପାଇଁ ୭୨ଟି ସ୍ୱତନ୍ତ୍ର ସ୍କୁଲ୍, ୪ଟି ବୈଷୟିକ ତାଲିମ୍ କେନ୍ଦ୍ର, ଚକ୍ଷୁହୀନ, ବଧିର ଓ ମାନସିକ ଅନଗ୍ରସର ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ସ୍କୁଲ୍‌ଗୁଡିକ ପାଇଁ ୩ଟି ଶିକ୍ଷକ ତାଲିମ୍ କେନ୍ଦ୍ର, ଚକ୍ଷୁହୀନମାନଙ୍କ ପାଇଁ ବ୍ରେଲ୍ ପୁସ୍ତକ ପ୍ରକାଶନ ସକାଶେ ଏକ ବ୍ରେଲ୍ ପ୍ରେସ୍ ଏବଂ ବ୍ରେଲ୍ ଭାଷାନ୍ତର ପ୍ରକଳ୍ପ ପ୍ରତିଷ୍ଠା କରାଯାଇଛି । ସାଧାରଣ ସ୍କୁଲ୍ ଓ କଲେଜ ମାନଙ୍କରେ ପଢୁଥିବା ସମସ୍ତ ଅକ୍ଷମ ପିଲାମାନଙ୍କୁ ବୃତ୍ତି ଯୋଗାଇ ଦିଆଯାଉଛି । ବିଭିନ୍ନ ପାଠ୍ୟକ୍ରମ ତଥା ଶ୍ରେଣୀରେ ନାମ ଲେଖାଇବା ପାଇଁ ଶତକଡା ୭.୩ ସ୍ଥାନସଂଖ୍ୟା ଅକ୍ଷମ ପିଲାମାନଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ସରକାରୀ ପଦବୀରେ ମୋଟ ଖାଲିସ୍ଥାନର ଶତକଡା ୮.୩ ଭାଗ ଅକ୍ଷମ ବ୍ୟକ୍ତିମାନଙ୍କ ନିଯୁକ୍ତି ପାଇଁ ସଂରକ୍ଷିତ ରଖାଯାଇଛି । ଚକ୍ଷୁହୀନ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ସ୍କୁଲ୍‌ଗୁଡିକରେ ଶିକ୍ଷକ ପଦବୀ ସଂଖ୍ୟାର ଶତକଡା ୯.୫ ଖାଲିସ୍ଥାନ ଅକ୍ଷମ ମାନଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଗୁଡିକରେ ମୋଟ ଅର୍ଥମଞ୍ଜୁରିର ଶତକଡା ୧୦.୩ ଭାଗ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସଂରକ୍ଷିତ ରଖାଯାଇଛି । ସର୍ବସାଧାରଣ ବଣ୍ଟନ ବ୍ୟବସ୍ଥାରେ ୭୯ଟି ସୁଲଭ ଦୋକାନକୁ ଅକ୍ଷମ ମାନଙ୍କୁ ମଞ୍ଜୁରି କରାଯାଇଛି । ଏନ୍.ଏଚ୍.ଏଫ୍.ଡି.ସି. ଋଣ କାର୍ଯ୍ୟକ୍ରମ ଅଧୀନରେ ୧୬୭୯ଜଣ କ୍ଷମ ବ୍ୟକ୍ତିଙ୍କୁ ଦୀର୍ଘମିଆଦି ଋଣ ଯୋଗାଇ ଦିଆଯାଇଛି । ଚକ୍ଷୁହୀନ ଓ ଅସ୍ଥି-ବିକଳାଙ୍ଗ ଅକ୍ଷମ କର୍ମଚାରୀ ମାନଙ୍କୁ ଯାତାୟତ ଖର୍ଚ୍ଚ ବାବଦ ମାସକୁ ୧୫୦ଟଙ୍କା ଯୋଗାଇ ଦିଆଯାଉଛି । ୫୦୭ଟି ପ୍ରାଥମିକ ବିଦ୍ୟାଳୟକୁ ଅକ୍ଷମ ପିଲାମାନଙ୍କ ପାଇଁ ବିଭିନ୍ନ କ୍ରୀଡା ସରଞ୍ଜାମ ଯୋଗାଇ ଦିଆଯାଇଛି । ଭୁବନେଶ୍ୱର ଓ କଟକ ବସ୍ ଷ୍ଟାଣ୍ଡରେ ଅକ୍ଷମ ବ୍ୟକ୍ତିମାନଙ୍କ ସହାୟତା ପାଇଁ ବୁଥ୍ ଖୋଲାଯାଇଛି ।

## ଶିଶୁଦୁଗ୍ଧର ବିକଳ୍ପ, ବୋତଲ ଖାଦ୍ୟ ଓ ଶିଶୁଖାଦ୍ୟ (ଉତ୍ପାଦନ, ଯୋଗାଣ ଓ ବଣ୍ଟନର ନିୟନ୍ତ୍ରଣ) ଆଇନ୍ ୧୯୯୨

ବୈଜ୍ଞାନିକ ଗବେଷଣାରୁ ଜଣାପଡିଛି ଯେ, ଶିଶୁକୁ ଜନ୍ମର ପ୍ରଥମ ଛ ମାସ ମାତୃସ୍ତନ ପାନ କରାଇଲେ ତା'ର ସର୍ବାଙ୍ଗ ପୁଷ୍ଟିସାଧନ ହେବା ସହିତ ପଞ୍ଚେନ୍ଦ୍ରିୟର ବିକାଶ ଘଟିଥାଏ ତଥା ତାକୁ ଆବେଗିକ ସୁରକ୍ଷା ଓ ସ୍ନେହ ପ୍ରଦାନ କରିଥାଏ ଏବଂ ବିଶେଷ କରି ଏହା ସାରାଜୀବନ ପାଇଁ ଶିଶୁର ସାମାଜିକ-ମନସ୍ତାତ୍ତ୍ୱିକ ଭିତ୍ତି ସ୍ଥାପନ କରିବାରେ ସହାୟକ ହୋଇଥାଏ । ଛ ମାସ ପରେ ମାତୃସ୍ତନ ସହିତ ଉପଯୁକ୍ତ ପରିପୂରକ ଖାଦ୍ୟ ଦିଆଯାଇପାରେ । ଶିଶୁକୁ ସ୍ତନପାନ କରାଇବାର ଏହି ସୁସ୍ଥ ପାରମ୍ପରିକ ପ୍ରଥା ବ୍ୟାପକ ଭାବେ ବାଧାଗ୍ରସ୍ତ ହେଲା ଯେତେବେଳେ କି ବିଭିନ୍ନ ବହୁଦେଶୀୟ କମ୍ପାନୀମାନେ ଶିଶୁ ଦୁଗ୍ଧ ଓ ଖାଦ୍ୟ ପ୍ରସ୍ତୁତ କରି ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟାପକ ବିକ୍ରୀ କରିବା ଆରମ୍ଭ କଲେ । ଗତ ଶତାବ୍ଦୀର ସତୁରି ଦଶନ୍ଧିରେ ପ୍ରଥମେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ସ୍ତନପାନର ପରମ୍ପରା ହ୍ରାସ ପାଉଥିବାର ଲକ୍ଷ୍ୟ କରିପାରିଥିଲା ଏବଂ ଏହାକୁ ରୋକିବା ପାଇଁ ୧୯୮୧ରେ ସ୍ତନପାନର ସୁରକ୍ଷା ଓ ପ୍ରୋତ୍ସାହନ ପାଇଁ ଏକ ଆନ୍ତର୍ଜାତିକ ସଂହିତା ଘୋଷଣା କରିଥିଲା । ଏହାପରେ ଭାରତ ୧୯୮୩ରେ ତହିଁର ଅନୁରୂପ ଏକ ଜାତୀୟ ସଂହିତା ପ୍ରଚଳନ କରିଥିଲା । ସେହି କ୍ରମରେ ପ୍ରଣୀତ ହୋଇଥିଲା ଶିଶୁ ଦୁଗ୍ଧର ବିକଳ୍ପ, ବୋତଲ ଖାଦ୍ୟ ଏବଂ ଶିଶୁ ଖାଦ୍ୟ (ଉତ୍ପାଦନ, ଯୋଗାଣ ଓ ବଣ୍ଟନର ନିୟନ୍ତ୍ରଣ) ଆଇନ୍ ୧୯୯୨, ଯାହାକୁ କେନ୍ଦ୍ର ମହିଳା ଓ ବାଳୁତ ବିକାଶ ବିଭାଗ ୧୯୯୩ରୁ କାର୍ଯ୍ୟକାରୀ କରିଆସୁଛି ।

୨୬ଧାରା ବିଶିଷ୍ଟ ଏହି ଆଇନ୍‌ର ପ୍ରାକ୍‌କଥନରେ କୁହାଯାଇଛି ଯେ, ସ୍ତନ୍ୟପାନକୁ ପ୍ରୋତ୍ସାହନ, ତଥା ଶିଶୁଖାଦ୍ୟର ଯଥୋଚିତ ଉପଯୋଗକୁ ସୁନିଶ୍ଚିତ କରିବା ତଥା ଆନୁଷଙ୍ଗିକ ବିଷୟଗୁଡିକ ପାଇଁ ପ୍ରାବ୍‌ଧାନ କରିବା ସକାଶେ ଏହି ଆଇନ୍ ପ୍ରଣୀତ କରାଗଲା । ଏହାର ଧାରା-୩ (ଏ) ଅନୁଯାୟୀ କୌଣସି ବ୍ୟକ୍ତି  ଶିଶୁଦୁଗ୍ଧର ବିକଳ୍ପ ବା ବୋତଲ ଖାଦ୍ୟର ବଣ୍ଟନ, ବିକ୍ରୀ ବା ଯୋଗାଣ ସପକ୍ଷରେ ବିଜ୍ଞାପନ ପ୍ରକାଶ କରିବେ ନାହିଁ ; ଧାରା-୩(ବି) ଅନୁଯାୟୀ କୋଣସି ବ୍ୟକ୍ତି ମାତୃସ୍ତନ ଠାରୁ ବିକଳ୍ପ ଶିଶୁଖାଦ୍ୟ କୌଣସି ଦୃଷ୍ଟିରୁ ଭଲ ବୋଲି ଧାରଣା ପ୍ରକାଶ କରିପାରିବେ ନାହିଁ । ଧାରା-୩(ସି) ଅନୁଯାୟୀ ଏହି ଆଇନ୍ ନିର୍ଦ୍ଦେଶିତ ପଦ୍ଧତି ବ୍ୟତିରେକ କୌଣସି ବ୍ୟକ୍ତି ଶିଶୁଦୁଗ୍ଧର ବିକଳ୍ପ ଖାଦ୍ୟ କିମ୍ବା ବୋତଲ ଖାଦ୍ୟର ବ୍ୟବହାର ବା ବିକ୍ରୀକୁ ପ୍ରୋତ୍ସାହନ ଦେଉଥିବା କାର୍ଯ୍ୟକ୍ରମରେ ଭାଗ ନେଇପାରିବେ ନାହିଁ । ଧାରା-୪ରେ କୁହାଯାଇଛି ଯେ, କୌଣସି ବ୍ୟକ୍ତି ଶିଶୁଦୁଗ୍ଧର ବିକଳ୍ପ ବା ବୋତଲ ଖାଦ୍ୟର ନମୁନାକୁ ଅଥବା ବାସନକୁସନ ବା ଅନ୍ୟ କୌଣସି ସାମଗ୍ରୀକୁ ଯୋଗଇ ଦେବେନାହିଁ କି ବଣ୍ଟନ କରିବେ ନାହିଁ କି ଉପହାର ଆକାରରେ ଦେବେ ନାହିଁ । ଧାରା-୬ରେ କୁହାଯାଇଛି ଯେ, ପ୍ରତି ଶିଶୁଖାଦ୍ୟ ଡବାରେ ଅନ୍ୟ ଆବଶ୍ୟକୀୟ ସୂଚନା ସହିତ 'ଏକ ଗୁରୁତ୍ୱପୂର୍ଣ୍ଣ ନୋଟିସ୍' ଶୀର୍ଷକ ଅଧୀନରେ ସୁଦୃଶ୍ୟ ଅକ୍ଷରରେ ଲେଖାଯିବ, 'ମାତୃସ୍ତନ ତୁମର ପିଲା ପାଇଁ ସର୍ବୋତ୍ତମ ଅଟେ' । ଧାରା-୮ ଅଧୀନରେ ଅନ୍ୟାନ୍ୟ ବିଷୟ ସହିତ ଏକଥା ସୂଚୀତ ହୋଇଛି ଯେ, କେବଳ ଗୋଟିଏ ଅନାଥାଶ୍ରମ ଶିଶୁଦୁଗ୍ଧର ବିକଳ୍ପ ଖାଦ୍ୟ ବା ବୋତଲ ଖାଦ୍ୟ କିଣିପାରିବ ଏବଂ ତାହା ତାକୁ ରିହାତି ମୂଲ୍ୟରେ ମିଳିବ । ପୁଣି ଧାରା-୧୧ରେ କୁହାଯାଇଛି ଯେ, କେବଳ ଖାଦ୍ୟ ଅପମିଶ୍ରଣ ପ୍ରତିଷେଧ ଆଇନ୍ ୧୯୫୪ ଅଧୀନରେ ଧାର୍ଯ୍ୟ ହୋଇଥିବା ମାନଦଣ୍ଡକୁ ପାଳନ କରୁଥିବା ଶିଶୁଖାଦ୍ୟ ତଥା ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ଆଇନ୍ ୧୯୮୬ ଅନୁଯାୟୀ ଅନୁମୋଦିତ ମାର୍କ ବା ଚିହ୍ନ ବହନ କରୁଥିବା ଡବା ବିକ୍ରୀଯୋଗ୍ୟ ବୋଲି ବିବେଚିତ ହେବ । ଧାରା-୧୨ ଅନୁଯାୟୀ ଖାଦ୍ୟ ଅପମିଶ୍ରଣ ପ୍ରତିଷେଧ ଆଇନ୍ ୧୯୫୪ ଅଧୀନରେ ନିଯୁକ୍ତ ହୋଇଥିବା ଖାଦ୍ୟ ଇନସ୍ପେକ୍ଟର୍ ଶିଶୁଖାଦ୍ୟ ପ୍ରସ୍ତୁତି କରୁଥିବା ଯେ କୌଣସି ଗୋଦାମ ବା କାରଖାନା ଉପରେ ଚଢାଉ କରିପାରିବେ ଏବଂ ଧାରା-୧୩ ଅନୁଯାୟୀ ସେ ସଂପୃକ୍ତ ସାମଗ୍ରୀଗୁଡିକୁ ଜବତ କରିପାରିବେ ଏବଂ ଧାରା-୧୪ ଅନୁଯାୟୀ ସେଗୁଡିକୁ ବାଜ୍ୟାପ୍ତ କରାଯାଇପାରିବ । ଧାରା-୧୫ ଅନୁଯାୟୀ ସଂପୃକ୍ତ ଅଦାଲତ ଆଇନ୍ ଉଲ୍ଲଂଘନକାରୀଙ୍କୁ ଜବତ ସାମଗ୍ରୀର ମୁଲ୍ୟ ସହିତ ସମତୁଲ୍ୟ ଅର୍ଥରାଶି ଜମା କରିବା ପାଇଁ ତଥା ଏପ୍ରକାର ଜମା ବଦଳରେ ଉକ୍ତ ସାମଗ୍ରୀଗୁଡିକୁ ତାଙ୍କୁ ଫେରାଇ ଦେବା ପାଇଁ ଆଦେଶ ଦେଇପାରନ୍ତି । ଧାରା-୧୬ ଅନୁଯାୟୀ ଉକ୍ତ ଅର୍ଥଜମା ସତ୍ତ୍ୱେ ଅଦାଲତ ସଂପୃକ୍ତ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଅନ୍ୟ ଦଣ୍ଡ ଘୋଷଣା କରିପାରନ୍ତି । ଧାରା-୨୦ ଅନୁଯାୟୀ ଜଣେ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ସର୍ବାଧିକ ୩ବର୍ଷ ଜେଲ୍ ବା ପାଞ୍ଚ ହଜାର ଟଙ୍କା ବା ଉଭୟ ଦଣ୍ଡ ଲାଗୁ ହୋଇପାରିବ, କିନ୍ତୁ ଆଉ କେତେକ ମାମୁଲି ଉଲ୍ଲଂଘନ ପାଇଁ କୋହଳ ଦଣ୍ଡବ୍ୟବସ୍ଥା, ଯଥା

୩ମାସରୁ ୨ବର୍ଷ ଜେଲ୍ ଏବଂ ସର୍ବାଧିକ ୧ହଜାର ଟଙ୍କାର ଜୋରିମାନା ଲାଗୁ ହୋଇପାରେ । ଧାରା-୨୬ ଅନୁଯାୟୀ କେବଳ କେନ୍ଦ୍ର ସରକାର ହିଁ ଏହି ଆଇନ୍ ଅଧୀନରେ ନିୟମାବଳୀ ପ୍ରଣୟନ କରିପାରିବେ ।

୧୯୯୩ ମସିହାରେ କେନ୍ଦ୍ର ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ଜାତୀୟ ପୁଷ୍ଟି ନୀତି ଘୋଷିତ ହେଲା, ଯେଉଁଥିରେ କି ଶିଶୁ ପାଇଁ ମାତୃସ୍ତନ ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟର ଉପଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ମେ ୨୦୦୨ରେ ଅନୁଷ୍ଠିତ ୫୫ତମ ବିଶ୍ୱ ସ୍ୱାସ୍ଥ୍ୟ ସଭାରେ ଶିଶୁ ଓ ସ୍ୱଳ୍ପବୟସ ପିଲାମାନଙ୍କ ଖାଦ୍ୟ ଉପରେ ଏକ ବିଶ୍ୱସ୍ତରୀୟ କାର୍ଯ୍ୟପନ୍ଥା ଗୃହୀତ ହେଲା ଏବଂ ଏହାପରେ ଶିଶୁଦୁଗ୍ଧର ବିକଳ୍ପ, ବୋତଲ ଖାଦ୍ୟ ଏବଂ ଶିଶୁ ଖାଦ୍ୟସାମଗ୍ରୀ (ଉତ୍ପାଦନ, ଯୋଗାଣ ଓ ବଣ୍ଟନର ନିୟନ୍ତ୍ରଣ) ସଂଶୋଧନ ଆଇନ୍ ୨୦୦୩ ସଂସଦରେ ଗୃହୀତ ହୋଇଥିଲା । ଏହାପରେ ୨୦୦୪ରେ ଶିଶୁ ଓ ସ୍ୱଳ୍ପବୟସ ବାଳୁତଙ୍କ ଖାଦ୍ୟ ଉପରେ ଜାତୀୟ ନୀତି ଘୋଷିତ ହୋଇଛି ।

## ଶିକ୍ଷା ଅଧିକାର ଆଇନ୍ ୨୦୦୯ ଓ ନିୟମାବଳୀ ୨୦୧୦

### ପୃଷ୍ଠଭୂମି

ସମ୍ବିଧାନର ଧାରା ୩୯ (ରାଷ୍ଟ୍ର ଦ୍ୱାରା ଅନୁସରଣୀୟ କେତେକ ନୀତିଗତ ଆଦର୍ଶ)- (ଇ) ଶ୍ରମିକ, ପୁରୁଷ ଓ ମହିଳାମାନଙ୍କର ସ୍ୱାସ୍ଥ୍ୟ ଓ ଶକ୍ତି ତଥା ବାଳୁତମାନଙ୍କର ଅପରିପକ୍ୱ ବୟସକୁ ଅପବିନିଯୋଗ କରାଯିବ ନାହିଁ ଏବଂ କୌଣସି ନାଗରିକ ଆର୍ଥିକ ଅଭାବର ତାଡନାରେ ଏଭଳି କୌଣସି ବୃତ୍ତିରେ ନିୟୋଜିତ ହେବନାହିଁ, ଯାହାକି ତାଙ୍କର ବୟସ ବା ବଳ ଦୃଷ୍ଟିରୁ ଅନୁପଯୁକ୍ତ ।

୪୨ତମ ସଂବିଧାନ ସଂଶୋଧନ ଆଇନ୍ ୧୯୭୬ ବଳରେ ଧାରା ୩୯ରେ ନିମ୍ନମତେ ଆଉ ଏକ ବ୍ୟବସ୍ଥା ଯୋଡାଗଲା-

(ଏଫ୍) ବାଳୁତମାନଙ୍କୁ ସ୍ୱାସ୍ଥ୍ୟପୂର୍ଣ୍ଣ ଢଙ୍ଗରେ ତଥା ସ୍ୱାଧୀନତା ଓ ମର୍ଯ୍ୟାଦାର ବାତାବରଣ ଭିତରେ ବିକାଶ ଲାଭ କରିବା ପାଇଁ ସୁଯୋଗ ଓ ସୁବିଧାମାନ ଯୋଗାଇ ଦିଆଯିବ, ଏବଂ ଶୈଶବ ଓ ଯୁବାବସ୍ଥାକୁ ଶୋଷଣ କବଳରୁ ତଥା ନୈତିକ ବା ଶାରିରୀକ ବଞ୍ଚନା କବଳରୁ ସୁରକ୍ଷା ଦିଆଯିବ ।

୪୨ତମ ସଂବିଧାନ ସଂଶୋଧନ ଆଇନ୍ ୧୯୭୬ ବଳରେ ଶିକ୍ଷା ସମ୍ବିଧାନର ୭ମ ସାରଣୀରେ ଥିବା ଯୁଗ୍ମ ତାଲିକାର ଅନ୍ତର୍ଭୁକ୍ତ ହୋଇଛି, ଅର୍ଥାତ୍ ଶିକ୍ଷା ସମ୍ବନ୍ଧରେ ଉଭୟ କେନ୍ଦ୍ର ଓ ରାଜ୍ୟ ଆଇନ୍ କରିପାରିବେ ।

ସମ୍ବିଧାନର ଧାରା-୪୧ (କାମ, ଶିକ୍ଷା ଓ କେତେକ କ୍ଷେତ୍ରରେ ସରକାରୀ ସହାୟତା ପାଇବାର ଅଧିକାର)- ରାଷ୍ଟ୍ର ନିଜର ଆର୍ଥିକ କ୍ଷମତା ଓ ବିକାଶର ସୀମା ଭିତରେ କାମ ଓ ଶିକ୍ଷାର ଅଧିକାର ସହିତ ବେକାରୀ, ବାର୍ଦ୍ଧକ୍ୟ, ବେମାରି, ପଙ୍ଗୁତା ତଥା ଅନ୍ୟ କେତେକ ଅବାଂଛିତ ଦୁରବସ୍ଥା ପରିପ୍ରେକ୍ଷୀରେ ସରକାରୀ ସହାୟତା ପାଇବାର ଅଧିକାରକୁ ଉପଲବ୍ଧ କରାଇବା ପାଇଁ ପ୍ରୟାସ କରିବ ।

ସମ୍ବିଧାନର ଧାରା-୪୫ ବାଳୁତମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ବ୍ୟବସ୍ଥା: ସମ୍ବିଧାନ ପ୍ରବର୍ତ୍ତନ ହେବାର ୧୦ବର୍ଷ ଭିତରେ ପ୍ରତି ବାଳୁତକୁ ୧୪ ବର୍ଷ ଅତିକ୍ରମ ହେବା ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ପାଇଁ ରାଷ୍ଟ୍ର ଉଦ୍ୟମ କରିବ ।

୧୯୯୩ରେ ଉନ୍ନିକ୍ରିଷ୍ଣନ କେଶ୍‌ରେ ସୁପ୍ରିମ କୋର୍ଟ ସମ୍ବିଧାନର ଧାରା-୪୫ରେ ଥିବା ପ୍ରତିଶୃତିକୁ ବାସ୍ତବ ରୂପ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଯେ, ୧୪ବର୍ଷ ଅତିକ୍ରମ କରିବା ପର୍ଯ୍ୟନ୍ତ ସମସ୍ତ ବାଳୁତଙ୍କୁ ରାଷ୍ଟ୍ର ଦ୍ୱାରା ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନକୁ ଏକ ମୌଳିକ ଅଧିକାରରେ ପରିଣତ କରାଯାଉ ।

୮୬ତମ ସମ୍ବିଧାନ ସଂଶୋଧନ ଆଇନ୍ ୨୦୦୨ ବଳରେ ଉପରୋକ୍ତ ଧାରା-୪୫ର ସଂଶୋଧନ କରାଯାଇ ନିମ୍ନମତେ ବ୍ୟବସ୍ଥା ରଖାଗଲା-

"ଛ ବର୍ଷରୁ କମ୍ ବାଳୁତମାନଙ୍କୁ ସଅଳ ଶିଶୁ ଯତ୍ନ ଏବଂ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା - ପ୍ରତି ବାଳୁତକୁ ୬ ବର୍ଷ ଅତିକ୍ରମ ହେବା ପର୍ଯ୍ୟନ୍ତ ରାଷ୍ଟ୍ର ସେମାନଙ୍କୁ ସଅଳ ଶିଶୁ ଯତ୍ନ ଏବଂ ଶିକ୍ଷା ପ୍ରଦାନ ପାଇଁ ଉଦ୍ୟମ କରିବ ।

ପୁଣି ୮୬ତମ ସମ୍ବିଧାନ ସଂଶୋଧନ ଆଇନ୍ ୨୦୦୨ ବଳରେ ଧାରା-୨୧ (ବ୍ୟକ୍ତିଗତ ଜୀବନ ଓ ସ୍ୱାତନ୍ତ୍ର୍ୟର ଅଧିକାରକୁ ସୁରକ୍ଷା)ରେ ଏକ ନୂତନ ବ୍ୟବସ୍ଥା ଯୋଡାଗଲା, ୨୧-ଏ: ରାଷ୍ଟ୍ର ୬ରୁ ୧୪ବର୍ଷ ଭିତରେ ସମସ୍ତ ବାଳୁତଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ସେହି ପଦ୍ଧତିରେ ଯୋଗାଇଦେବେ, ଯାହାକି ରାଷ୍ଟ୍ର ଆଇନ୍ ବଳରେ ନିର୍ଦ୍ଧାରଣ କରିପାରନ୍ତି ।
ଏହାଛଡା ୮୬ତମ ସମ୍ବିଧାନ ସଂଶୋଧନ ଆଇନ୍ ୨୦୦୨ ବଳରେ ଧାରା-୫୧ଏ (ମୌଳିକ କର୍ତ୍ତବ୍ୟାବଳୀ) ରେ ଏକ ନୂଆ ବ୍ୟବସ୍ଥା ଯୋଡାଗଲା, "(କେ)- ପିତାମାତା ବା ଅଭିଭାବକ ଯଥାସ୍ଥିତି ତାଙ୍କର ଶିଶୁ ବା ତାଙ୍କ ଦ୍ୱାରା ପାଳିତ ସନ୍ତାନଙ୍କୁ ୬ରୁ ୧୪ବର୍ଷ ଭିତରେ ଶିକ୍ଷାର ସୁଯୋଗ ପ୍ରଦାନ କରିବେ ।"

ଏଠାରେ ଲକ୍ଷ୍ୟଣୀୟ ଯେ, ୮୬ତମ ସଂଶୋଧନ ଫଳରେ (୧) ଧାରା ୪୫ରେ ଥିବା ଦଶବର୍ଷର ସମୟବଦ୍ଧତାକୁ ଉଠାଇ ଦିଆଗଲା, (୨) ଧାରା ୪୫ରେ ଥିବା ୧୪ବର୍ଷ ପର୍ଯ୍ୟନ୍ତ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ବଦଳରେ ସଅଳ ଶିଶୁ ଯତ୍ନ ଓ ଶିକ୍ଷାକୁ ସ୍ଥାନିତ କରାଗଲା, (୩) ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାକୁ ଧାରା ୨୧-ଏ ଅଧୀନକୁ ନିଆଯାଇ ଏକ ମୌଳିକ ଅଧିକାରରେ ପରିଣତ କରାଗଲା, (୪) କିନ୍ତୁ ୦ ରୁ ୧୪ ବର୍ଷ ବଦଳରେ ୬ରୁ ୧୪ ବର୍ଷର ବାଳୁତମାନଙ୍କ ପାଇଁ ଶିକ୍ଷାର ଅଧିକାର ଉଦ୍ଦିଷ୍ଟ ହେଲା, ଅର୍ଥାତ୍, ୦-୬ବର୍ଷର ବାଳୁତମାନଙ୍କର ଶିକ୍ଷା ପାଇବା ପାଇଁ କୌଣସି ମୌଳିକ ଅଧିକାର ରହିଲା ନାହିଁ, (୫) ପୁଣି କୁହାଗଲା ଯେ, ସେହି ଧରଣର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରାଯିବ, ଯାହାକି ରାଷ୍ଟ୍ର ଆଇନ୍ ବଳରେ ନିର୍ଦ୍ଧାରଣ କରିପାରନ୍ତି ।

ବିଶିଷ୍ଟ ଶିକ୍ଷାବିତ୍ ଅନୀଲ୍ ସଦ୍‌ଗୋପାଲ୍‌ଙ୍କ ମତରେ ଉନ୍ନିକ୍ରିଷ୍ଣନ କେଶ୍‌ରେ ସୁପ୍ରିମ୍ କୋର୍ଟ ୦ରୁ ୧୪ବର୍ଷ ସମସ୍ତ ଶିଶୁଙ୍କ ଶିକ୍ଷା ଅଧିକାର ଉପରେ ଜୋର୍ ଦେଇଥିବା ସ୍ଥଳେ ସଂବିଧାନର ୮୬ତମ ସଂଶୋଧନ ବଳରେ ୬ରୁ କମ୍ ବୟସର ୧୭କୋଟି ଶିଶୁଙ୍କର ଅଧିକାର ଅପହୃତ ହୋଇପଡିଲା ।

**ସର୍ବଶିକ୍ଷା ଅଭିଯାନ-**

ଭାରତ ସରକାରଙ୍କ ଏକ ପ୍ରମୁଖ ସମାଗ୍ରୀକ ଓ ସମନ୍ୱିତ କାର୍ଯ୍ୟକ୍ରମ, ଯାହାର ଉଦ୍ଦେଶ୍ୟ ଥିଲା, ମିଶନ୍ ଢାଞ୍ଚାରେ ସାରା ଦେଶରେ ସାର୍ବଜନୀନ ମୌଳିକ ଶିକ୍ଷାର ଉପଲବ୍ଧିକୁ ସାକାର ରୂପ ଦେବା । କେନ୍ଦ୍ର ସରକାର ଓ ରାଜ୍ୟ ସରକାରମାନଙ୍କ ମିଳିତ ସହଯୋଗରେ ୨୦୧୦ ସୁଦ୍ଧା ୬ରୁ ୧୪ ବର୍ଷର ସମସ୍ତ ବାଳୁତଙ୍କ ନିକଟରେ ଉପାଦେୟ ଓ ପ୍ରାସଙ୍ଗିକ ଶିକ୍ଷା ପହୁଞ୍ଚାଇବା । ଏହାର ୪ଟି ମୌଳିକ ଲକ୍ଷ୍ୟ –

- ସମସ୍ତ ବାଳୁତଙ୍କୁ ସ୍କୁଲ୍, ଶିକ୍ଷା ଗ୍ୟାରେଣ୍ଟି କେନ୍ଦ୍ର, ବିକଳ୍ପ ସ୍କୁଲ୍ ତଥା 'ସ୍କୁଲ୍‌କୁ ପ୍ରତ୍ୟାବର୍ତ୍ତନ' ଶିବିରରେ ୨୦୦୫ ସୁଦ୍ଧା ଭର୍ତ୍ତି ;
- ୨୦୧୦ସୁଦ୍ଧା ସମସ୍ତ ବାଳୁତଙ୍କୁ ସ୍କୁଲ୍‌ରେ ଉଚ୍ଚ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ଧାରଣ କରି ରଖିବା ;
- ସ୍କୁଲ୍‌ରେ ବାଳୁତମାନଙ୍କ ନାମଲେଖା, ନିୟମିତ ଯୋଗଦାନ ଓ ଶିକ୍ଷାଗ୍ରହଣ କ୍ଷେତ୍ରରେ ଲିଙ୍ଗୀୟ ଓ ସାମାଜିକ ବୈଷମ୍ୟର ଦୂରୀକରଣ ;
- ପ୍ରାଥମିକ ଓ ଉଚ୍ଚ-ପ୍ରାଥମିକ ପର୍ଯ୍ୟାୟରେ ବାଳୁତମାନଙ୍କୁ ମିଳୁଥିବା ଶିକ୍ଷାର ଗୁଣାତ୍ମକ ମାନଦଣ୍ଡ ବୃଦ୍ଧି ।

ସର୍ବଶିକ୍ଷା ଅଭିଯାନ ଏକ ଜାତୀୟ କାର୍ଯ୍ୟକ୍ରମ, ଯାହାର ପାଣ୍ଠି ଆସିଥାଏ ଦେଶର ସରକାରମାନଙ୍କ ଠାରୁ ତଥା ଏହିସବୁ ଆନ୍ତର୍ଜାତିକ ସଂସ୍ଥାମାନଙ୍କ ଠାରୁ, ଯଥା ବିଶ୍ୱବ୍ୟାଙ୍କ ଅଧୀନସ୍ଥ ଆଇ.ଡି.ଏ., ୟୁ.କେ. ଅଧୀନସ୍ଥ ଡି.ଏଫ୍.ଆଇ.ଡି. ତଥା ୟୁରୋପୀୟାନ୍ କମିଶନ୍ । ଚୁକ୍ତିନାମା ଅନୁଯାୟୀ ଭାରତ ସରକାର ଓ ଉପରୋକ୍ତ ବୈଦେଶିକ ସଂସ୍ଥାମାନେ ମିଳିତ ସମୀକ୍ଷଣ ମିଶନ୍ ଗଠନ କରିଛନ୍ତି ଓ ବର୍ଷକୁ ଦୁଇଥର କାର୍ଯ୍ୟକ୍ରମର ଅଗ୍ରଗତିକୁ ସମୀକ୍ଷଣ କରିଥାନ୍ତି । ବର୍ତ୍ତମାନ ଦେଶର ୧୧ଲକ୍ଷ ବସତିରେ ମୋଟ ୧୯କୋଟି ୨୦ଲକ୍ଷ ପିଲାଙ୍କୁ ସର୍ବଶିକ୍ଷା ଅଭିଯାନରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ସରକାରୀ ଭାବେ ଦାବୀ କରାଯାଇଛି ।

## ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ହାସଲ ପାଇଁ ବାଳୁତ ଅଧିକାର ଆଇନ୍ ୨୦୦୯

ସଂସଦରେ ଗୃହୀତ ହେବା ପରେ ୨୬ ଅଗଷ୍ଟ ୨୦୦୯ରେ ଉକ୍ତ ଆଇନ୍ ରାଷ୍ଟ୍ରପତିଙ୍କ ସହମତି ଲାଭ କରିଥିଲା ଓ ସେହି ତାରିଖରେ ଗେଜେଟ୍‌ରେ ବିଜ୍ଞପ୍ତି ହୋଇଥିଲା । ଆଇନ୍‌ର ଧାରା ୧(୩)ରେ କୁହାଯାଇଛି ଯେ, ଏହା ସେହି ତାରିଖରୁ ବଳବତ୍ତର ହେବ, ଯାହାକି କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ନିର୍ଦ୍ଧାରଣ କରିବେ । କେନ୍ଦ୍ର ସରକାର ୧୬ ଫେବୃଆରି ୨୦୧୦ରେ କେନ୍ଦ୍ର ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଗେଜେଟ୍‌ରେ ବିଜ୍ଞପ୍ତି କଲେ ଯେ, ଉଭୟ ୮୬ତମ ସଂବିଧାନ ସଂଶୋଧନ ଆଇନ୍ ୨୦୦୨ ଓ ଶିକ୍ଷା ଅଧିକାର ଆଇନ୍ ୨୦୦୯ ପହିଲା ଏପ୍ରିଲ୍ ୨୦୧୦ରୁ ବଳବତ୍ତର ହେବ ।

ଧାରା ୨ : ସଂଜ୍ଞାମାନ

(ବି) – କ୍ୟାପିଟେସନ୍ ଫି ର ଅର୍ଥ ଅବିଜ୍ଞାପିତ ହୋଇଥିବା ଫି ଯାହାକି ପିଲାମାନଙ୍କ ଠାରୁ ଆଦାୟ କରାଯାଇଥାଏ

(ସି)- ବାଳୁତ ଅର୍ଥ ୬ରୁ ୧୪ବର୍ଷର ଜଣେ ପିଲା

(ଡି)- ଅସୁବିଧା-କ୍ଲିଷ୍ଟ ଶ୍ରେଣୀର ପିଲା ଅର୍ଥ ଏସ୍.ସି., ଏସ୍.ଟି., ସାମାଜିକ ଓ ଆର୍ଥିକ ଭାବେ ଅନଗ୍ରସର ଗୋଷ୍ଠୀ ଅଥବା ସାମାଜିକ, ସାଂସ୍କୃତିକ, ଆର୍ଥିକ, ଭୌଗଳିକ, ଭାଷାଗତ, ଲିଙ୍ଗୀୟ ବା ଅନ୍ୟ କୌଣସି କାରଣରୁ ଅସୁବିଧାର ସମ୍ମୁଖୀନ ହେଉଥିବା ଗୋଷ୍ଠୀର ପିଲାମାନେ

(ଇ)- ଦୁର୍ବଳ ଗୋଷ୍ଠୀର ପିଲା ଅର୍ଥ ସଂପୃକ୍ତ ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ମତେ ସର୍ବନିମ୍ନ ସୀମା ତଳେ ଆୟ କରୁଥିବା ଲୋକମାନଙ୍କ ପିଲା

(ଏଚ୍)-ସ୍ଥାନୀୟ କର୍ତ୍ତୃପକ୍ଷ ଅର୍ଥ ନଗରପାଳିକା ଅଥବା ଜିଲ୍ଲା ପରିଷଦ ବା ପଞ୍ଚାୟତ

(କେ)- ପିତାମାତା ଅର୍ଥ ଜନ୍ମଦାତା, ଅଥବା ବି-ପିତା ବା ବି-ମାତା, ଅଥବା ପୋଷକ ପିତା/ମାତା ଅଥବା ପିଲାର ମାତା

(ଏନ୍)- ସ୍କୁଲ୍‌ର ସଂଜ୍ଞାୟନ କରାଯାଇ ୪ ପ୍ରକାର ସ୍କୁଲ୍ ବିଷୟରେ କହାଯାଇଛି –

- ସମୁଚିତ ସରକାର (କେନ୍ଦ୍ର ବା ରାଜ୍ୟ) ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପ୍ରତିଷ୍ଠିତ, ସତ୍ତ୍ୱାଧୀନ ବା ନିୟନ୍ତ୍ରୀତ ସ୍କୁଲ୍ ;
- ସମୁଚିତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ ନିଜର ବ୍ୟୟର ସଂପୂର୍ଣ୍ଣ ବା ଆଂଶିକ ଭରଣା ପାଇଁ ସହାୟତା ବା ଅନୁଦାନ ପାଉଥିବା ଏକ ସାହାଯ୍ୟପ୍ରାପ୍ତ ସ୍କୁଲ୍ (ଏଡେଡ୍ ସ୍କୁଲ୍);
- ସ୍ୱତନ୍ତ୍ର ଶ୍ରେଣୀର ସ୍କୁଲ୍ ( ଯଥା କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ୍ ); ଏବଂ
- ସମୁଚିତ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ସହାୟତା ବା ଅନୁଦାନ ପାଉନଥିବା ସ୍କୁଲ୍ (ଅନ୍-ଏଡେଡ୍ ସ୍କୁଲ୍) ।

(ପି)- ସ୍ୱତନ୍ତ୍ର ଶ୍ରେଣୀର ସ୍କୁଲ୍ ଅର୍ଥ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ, ସୈନିକ ସ୍କୁଲ୍ ବା ସେହିଭଳି ଅନ୍ୟ କୌଣସି ସ୍ୱତନ୍ତ୍ର ଧରଣର ସ୍କୁଲ୍ , ଯାହାକି ସମୁଚିତ ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବ ।

## ଅଧ୍ୟାୟ ୨ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର

ଧାରା ୩ - ଜଣେ ୬ରୁ ୧୪ବର୍ଷର ପିଲା କେବଳ ବସତି ବିଦ୍ୟାଳୟରେ ଶିକ୍ଷା ହାସଲ କରିବାର ଅଧିକାର ପାଇଛି ଏବଂ ତାକୁ ଏଥିପାଇଁ କୌଣସି ଫିସ୍ ଦେବାକୁ ପଡିବ ନାହିଁ । ପଙ୍ଗୁତାର ଶୀକାର ହୋଇଥିବା ଜଣେ ପିଲାକୁ ସମୁଚିତ ଶିକ୍ଷା ମାଗଣା ପ୍ରଦାନ କରାଯିବ ।

ଧାରା ୪ ଯେଉଁସ୍ଥଳେ ଜଣେ ୬ରୁ ଅଧିକ ବର୍ଷର ପିଲା ନାମ ଲେଖାଇ ପାରିନାହିଁ ବା ନାମ ଲେଖାଇଥିଲେ ବି ମୌଳିକ ଶିକ୍ଷା ସମାପ୍ତ କରିପାରିନାହିଁ ସେପରି ସ୍ଥଳେ ତା'ର ବୟସକୁ ସୁହାଇଲା ଭଳି ଏକ ଶ୍ରେଣୀରେ ତାକୁ ଭର୍ତ୍ତି କରାଯିବ । ପୁଣି ଏପରି ସ୍ଥଳେ ତାକୁ ସ୍ୱତନ୍ତ୍ର ତାଲିମ୍ ପ୍ରଦାନ କରାଯବ ଏବଂ ମୌଳିକ ଶିକ୍ଷା ସମାପ୍ତି ପର୍ଯ୍ୟନ୍ତ ତାକୁ ମାଗଣା ଶିକ୍ଷା ଦିଆଯିବ ।

ଧାରା ୫- ଯେଉଁ ସ୍କୁଲ୍‌ରେ ମୌଳିକ ଶିକ୍ଷା ସମାପ୍ତି ପାଇଁ ସୁଯୋଗର ଅଭାବ ଅଛି ସେପରି ସ୍ଥଳେ ସଂପୃକ୍ତ ପିଲାକୁ ଆଉ ଏକ ସ୍କୁଲ୍‌କୁ ସ୍ଥାନାନ୍ତର କରିହେବ, କିନ୍ତୁ ଅଣସାହାଯ୍ୟପ୍ରାପ୍ତ ଓ ସ୍ୱତନ୍ତ୍ର ଶ୍ରେଣୀର ସ୍କୁଲ୍‌କୁ ପଠାଯାଇ ପାରିବ ନାହିଁ । ଏହି ସର୍ତ୍ତ ଅଧୀନରେ ରହି ଜଣେ ପିଲାକୁ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ମଧ୍ୟ ସ୍ଥାନାନ୍ତର କରିହେବ । ପ୍ରଧାନଶିକ୍ଷକ ସ୍ଥାନାନ୍ତର ସାର୍ଟିଫିକେଟ୍ ଦେବେ । କିନ୍ତୁ ଏପ୍ରକାର ସାର୍ଟିଫିକେଟ୍ ଦାଖଲ କରାନଯିବା କାରଣରୁ ଜଣେ ପିଲାକୁ ନୂତନ ସ୍କୁଲରେ ଭର୍ତ୍ତି ହେବାର ସୁଯୋଗରୁ ବଞ୍ଚିତ କରାଯିବ ନାହିଁ । ସ୍ଥାନାନ୍ତର ସାର୍ଟିଫିକେଟ୍ ଇସୁ କରିବାରେ ବିଳମ୍ବ କରିଥିବା କାରଣରୁ ସଂପୃକ୍ତ ପ୍ରଧାନ ଶିକ୍ଷକ ଚାକିରୀ ନିୟମାବଳୀ ଅନୁଯାୟୀ ଦଣ୍ଡନୀୟ ହେବେ ।

## ଅଧ୍ୟାୟ ୩: ସମୁଚିତ ସରକାର, ସ୍ଥାନୀୟ କର୍ତ୍ତୃପକ୍ଷ ଓ ପିତାମାତାଙ୍କ ଦାୟିତ୍ୱାବଳୀ

ଧାରା ୬ ଅନୁଯାୟୀ ଆଇନ୍ ବଳବତ୍ତର ହେବାର ୩ବର୍ଷ ଭିତରେ ସମୁଚିତ ସରକାର (କେନ୍ଦ୍ର ବା ରାଜ୍ୟ) ଓ ସ୍ଥାନୀୟ କର୍ତ୍ତୃପକ୍ଷ ପ୍ରତି ବସତି ପାଇଁ ସ୍କୁଲ୍ ସ୍ଥାପନା କରିବେ ।

ଧାରା ୭- ଆର୍ଥିକ ଓ ଅନ୍ୟ ସମ୍ବଳ – ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭାଗିଦାରିତା ରହିଛି । ଆଇନ୍‌ର କାର୍ଯ୍ୟକାରିତା ପାଇଁ ଆବଶ୍ୟକୀୟ ପୁଞ୍ଜି ଓ ନିୟମିତ (ରିକରିଂ) ବ୍ୟୟର ଅଟକଳ କେନ୍ଦ୍ର ସରକାର ପ୍ରସ୍ତୁତ କରିବେ । ଆବଶ୍ୟକୀୟ ନିୟମିତ ବ୍ୟୟର ସେହି ଭାଗ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଦେବେ, ଯାହାକି କେନ୍ଦ୍ର ସରକାର ରାଜ୍ୟ ମାନଙ୍କ ସହ ପରାମର୍ଶ କରି ସ୍ଥିର କରିବେ । କେନ୍ଦ୍ର ସରକାର ରାଷ୍ଟ୍ରପତିଙ୍କୁ କହି ଅର୍ଥ କମିଶନ୍ ମାଧ୍ୟମରେ କୌଣସି ଏକ ଅଭାବୀ ରାଜ୍ୟକୁ କିଛି ଅତିରିକ୍ତ ଅର୍ଥ ମଞ୍ଜୁର କରାଯାଇପାରେ । କିନ୍ତୁ ଯାହା ହେଉନା କାହିଁକି, ଆଇନ୍‌ର କାର୍ଯ୍ୟକାରିତା ପାଇଁ କେନ୍ଦ୍ରୀୟ ଅନୁଦାନ ବାଦ୍ ଆବଶ୍ୟକୀୟ ଅର୍ଥ ଯୋଗାଡ କରିବା ହେଉଛି ରାଜ୍ୟର । କେନ୍ଦ୍ର ସରକାରଙ୍କ ସୁନିର୍ଦ୍ଦିଷ୍ଟ ଦାୟିତ୍ୱ ହେଲା-

- ଜାତୀୟ ପାଠ୍ୟକ୍ରମର ଢାଞ୍ଚା ପ୍ରସ୍ତୁତି;
- ଶିକ୍ଷକ ତାଲିମ୍‌ର ମାନଦଣ୍ଡ ପ୍ରସ୍ତୁତି ଓ ତାକୁ କାର୍ଯ୍ୟରୂପ ଦେବା;
- ରାଜ୍ୟମାନଙ୍କୁ ଅଭିନବ କୌଶଳର ପରୀକ୍ଷାନିରୀକ୍ଷା, ଗବେଷଣା, ଯୋଜନା ଓ ଦକ୍ଷତାବୃଦ୍ଧିରେ ସହାୟତା

ଧାରା- ୮ ସମୁଚିତ ସରକାରଙ୍କ କର୍ତ୍ତବ୍ୟ-

- ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଇଦେବା, କିନ୍ତୁ ଯେଉଁସ୍ଥଳେ ଗୋଟିଏ ପିଲାର ଅଭିଭାବକ ତାକୁ ସରକାରୀ ସ୍କୁଲ୍ ବ୍ୟତୀତ ଅନ୍ୟ କୌଣସି ସ୍କୁଲ୍‌ରେ ଭର୍ତ୍ତି କରିଥିବେ, ସେପରି ସ୍ଥଳେ ସେହି ସ୍କୁଲ୍‌ରେ ଉକ୍ତ ପିଲା ପିଛା ହେଉଥିବା ଶିକ୍ଷାବ୍ୟୟର ଭରଣା ଦାବୀ କରାଯାଇ ପାରିବ ନାହିଁ ।
- ବସତି ବିଦ୍ୟାଳୟର ବ୍ୟବସ୍ଥା
- ଦୁର୍ବଳ ଓ ଅସୁବିଧା-କ୍ଲିଷ୍ଟ ପିଲାମାନେ ଯେପରି କୌଣସି କାରଣରୁ ବାଛବିଚାରର ସମ୍ମୁଖୀନ ହେବେନାହିଁ
- ସ୍କୁଲ୍ ଗୃହ, ଶିକ୍ଷକ ଓ ପଠନ ସାମଗ୍ରୀ ଯୋଗାଇ ଦେବା
- ଅତିକ୍ରାନ୍ତ ବୟସର ଛାତ୍ରମାନଙ୍କୁ ସ୍ୱତନ୍ତ୍ର ତାଲିମ୍
- ନମାଲେଖା, ସ୍କୁଲ୍‌ରେ ଯୋଗଦାନ, ଶିକ୍ଷାର ସଂପୂର୍ଣ୍ଣ ପ୍ରକ୍ରିୟାର ତଦାରଖ
- ଅନୁସୂଚୀରେ ବିହିତ ହୋଇଥିବା ମତେ ଉନ୍ନତ ମାନଦଣ୍ଡର ଶିକ୍ଷା
- ପାଠ୍ୟକ୍ରମର ସମୟୋଚିତ ପ୍ରସ୍ତୁତି ଓ ଘୋଷଣା
- ଶିକ୍ଷକମାନଙ୍କୁ ତାଲିମ୍

ଧାରା ୯- ପ୍ରତି ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କର୍ତ୍ତବ୍ୟ –

ଉପରୋକ୍ତ ଦାୟିତ୍ୱମାନ ସହିତ ନିମ୍ନୋକ୍ତ ଅତିରିକ୍ତ ଦାୟିତ୍ୱ ରହିବ-

- ନିଜ ଇଲାକା ଭିତରେ ଥିବା ପ୍ରତି ପିଲାର ରେକର୍ଡ ରଖିବା
- ଦାଦନ ଶ୍ରମିକମାନଙ୍କ ପିଲାମାନଙ୍କ ନାମଲେଖା ବ୍ୟବସ୍ଥା

- ନିଜ ଇଲାକା ଭିତରେ ଥିବା ପ୍ରତି ସ୍କୁଲ୍‌କୁ ତଦାରଖ
- ଶିକ୍ଷା ପଞ୍ଜିକା ଧାର୍ଯ୍ୟ କରିବା

ଧାରା ୧୦ - ନିଜ ପିଲାଙ୍କୁ ସ୍କୁଲ୍‌ରେ ନାମ ଲେଖାଇବା ପ୍ରତି ଅଭିଭାବକଙ୍କର ଦାୟିତ୍ୱ

ଧାରା ୧୧- ୩ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ସ୍କୁଲ୍‌ରେ ଭର୍ତ୍ତି ହେବା ପାଇଁ ପ୍ରସ୍ତୁତ କରିବା ସକାଶେ ସମୁଚିତ ସରକାର ପ୍ରାକ୍-ସ୍କୁଲ୍‌ର ବ୍ୟବସ୍ଥା କରିପାରନ୍ତି ।

## ଅଧ୍ୟାୟ-୪ ସ୍କୁଲ୍ ଓ ଶିକ୍ଷକମାନଙ୍କର ଦାୟିତ୍ୱ

ଧାରା ୧୨(୧)ର ଅଣ-ଉପଧାରା (ଏ), (ବି) ଓ (ସି) ରେ ଯଥାକ୍ରମେ ସରକାରୀ, ସାହାଯ୍ୟ-ପ୍ରାପ୍ତ, ଅଣ-ସାହାଯ୍ୟପ୍ରାପ୍ତ ଓ ସ୍ୱତନ୍ତ୍ର ଶ୍ରେଣୀର ବିଦ୍ୟାଳୟରେ ବାଳୁତମାନଙ୍କର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ବିଷୟରେ କୁହାଯାଇଛି । ଅଣଉପଧାରା (ଏ) ଅନୁଯାୟୀ ସରକାରୀ ସ୍କୁଲ୍‌ରେ ନାମ ଲେଖାଉଥିବା ପ୍ରତି ଛାତ୍ରକୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ମିଳିବ । ଅଣଉପଧାରା (ବି) ଅନୁଯାୟୀ, ସାହାଯ୍ୟ-ପ୍ରାପ୍ତ ସ୍କୁଲ୍‌ମାନେ ସରକାରୀ ଅନୁଦାନ ଯେତେ ପାଉଥିଲେ ହେଁ, ସେମାନେ ଯେତିକି ପରିମାଣରର ପୁନର୍ପୌନିକ ଖର୍ଚ୍ଚ ପାଇଁ ଅନୁଦାନ ପାଉଥିବେ, ସେହି ଅନୁପାତରେ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପାଇଁ ଛାତ୍ର ଭର୍ତ୍ତି କରିବେ, କିନ୍ତୁ ସେହି ଭର୍ତ୍ତି ସଂଖ୍ୟା ସ୍କୁଲ୍‌ର ମୋଟ୍ ଛାତ୍ରସଂଖ୍ୟାର ଶତକଡା ୨୫ରୁ ଅଧିକ ହେବ ନାହିଁ । ଅଣଉପଧାରା (ସି) ଅନୁଯାୟୀ ଅଣ-ସାହାଯ୍ୟପ୍ରାପ୍ତ ଓ ସ୍ୱତନ୍ତ୍ର ଶ୍ରେଣୀର ସ୍କୁଲ୍ କେବଳ ପ୍ରଥମ ଶ୍ରେଣୀରେ ଶତକଡା ୨୫ ଭାଗ ସ୍ଥାନ ସ୍ଥାନୀୟ ଇଲାକାର ଦୁର୍ବଳ ଓ ଅସୁବିଧା-କ୍ଲିଷ୍ଟ ପିଲାମାନଙ୍କ ପାଇଁ ମୁକ୍ତ ରଖିବେ ଏବଂ ମୌଳିକ ଶିକ୍ଷାର ସମାପ୍ତି ପର୍ଯ୍ୟନ୍ତ ଶିକ୍ଷାଦାନ କରିଚାଲିବେ ।

ଧାରା ୧୨(୨) ଅନୁଯାୟୀ ସ୍ୱତନ୍ତ୍ର ଶ୍ରେଣୀର ସ୍କୁଲ୍‌ମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଯୋଗାଉଥିବା ବାବଦକୁ ସରକାର ସେତିକି ଅର୍ଥ ଭରଣା କରିବେ, ଯାହାକି  ସରକାରୀ ହିସାବରେ ଛାତ୍ରପିଛା ଖର୍ଚ୍ଚ ବା ସଂପୃକ୍ତ ଛାତ୍ରଠାରୁ ଆଦାୟ ହୋଇଥିବା ଖର୍ଚ୍ଚ ଭିତରୁ ଯେଉଁଟା କମ୍ ହୋଇଥିବ । କିନ୍ତୁ ଯାହା ହେଲେ ବି, ଏହି ଛାତ୍ର ପିଛା ଖର୍ଚ୍ଚ ସରକାରୀ ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପ୍ରତିଷ୍ଠିତ ସ୍କୁଲ୍‌ରେ ଛାତ୍ରପିଛା ଖର୍ଚ୍ଚ ଠାରୁ ଅଧିକ ହେବ ନାହିଁ । ପରନ୍ତୁ, ଯେଉଁ ସ୍କୁଲ୍‌କୁ ମାଗଣା ବା ରିହାତି ମୂଲ୍ୟରେ ଜମି, ଗୃହ, ଉପକରଣ ବା ଅନ୍ୟ ସୁବିଧାସୁଯୋଗ ଇତ୍ୟାଦି ଯୋଗାଇ ଦିଆଯାଇଛି, ସେଭଳି ସ୍କୁଲ୍‌କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ବାବଦକୁ କୌଣସି ଅର୍ଥଭରଣା କରାଯିବ ନାହିଁ ।

ଧାରା ୧୨(୩) ଅନୁଯାୟୀ ପ୍ରତି ସ୍କୁଲ୍ ସମୁଚିତ ସରକାର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ବିହିତ ହେବା ମତେ ଆବଶ୍ୟକୀୟ ସୂଚନା ଯୋଗାଇ ଦେବେ ।

ଧାରା ୧୩- କୌଣସି ସ୍କୁଲ୍ ନାମଲେଖା ବେଳେ ମୁଣ୍ଡପିଛା (କ୍ୟାପିଟେସନ୍) ଫି ଆଦାୟ କରିବେ ନାହିଁ ବା ଛାତ୍ର ବା ତାଙ୍କର ଅଭିଭାବକଙ୍କୁ କୌଣସି ପ୍ରକାର ବଛାବଛି ମୂଳକ ପରୀକ୍ଷା (ସ୍କ୍ରିନିଂ) କରାଇବେ ନାହିଁ । ଏହାର ଉଲ୍ଲଂଘନ କାରଣରୁ ଦଣ୍ଡସ୍ୱରୂପ, ସଂପୃକ୍ତ ସ୍କୁଲ୍‌ରୁ ଆଦାୟ କରାହୋଇଥିବା ମୁଣ୍ଡପିଛା ଫିସ୍‌ର ଦଶଗୁଣା ଅର୍ଥ ଆଦାୟ କରାଯିବ । ସ୍କ୍ରିନିଂ ଯଦି କରାଇଥିବେ ତେବେ ପ୍ରଥମ ଉଲ୍ଲଂଘନ ପାଇଁ ୨୫ହଜାର ଓ ପ୍ରତି ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୫୦ହଜାର ଟଙ୍କା ସେମାନଙ୍କ ଠାରୁ ଆଦାୟ କରାଯିବ ।

ଧାରା-୧୪- ଜନ୍ମ ପଂଜିକରଣ ଅନୁଯାୟୀ ଜନ୍ମ ତାରିଖ ନିର୍ଦ୍ଧାରଣ ହେବ ଅଥବା ଅନ୍ୟ କୌଣସି ବିହିତ ମାନଦଣ୍ଡ ବଳରେ । କିନ୍ତୁ ବୟସର ପ୍ରମାଣ ଅଭାବର ଆଳ ଦେଖାଇ କୌଣସି ଶିଶୁକୁ ନାମଲେଖାରୁ ବଞ୍ଚିତ କରାଯାଇ ପାରିବ ନାହିଁ ।

ଧାରା ୧୫- ଶିକ୍ଷାବର୍ଷ ଆରମ୍ଭରେ ବା ତହିଁର ପରବର୍ତ୍ତୀ ପର୍ଯ୍ୟାୟରେ ନାମଲେଖା ହୋଇପାରିବ ।

ଧାରା-୧୬ କୌଣସି ଛାତ୍ରକୁ ମୌଳିକ ଶିକ୍ଷା ସମାପ୍ତ ହେବା ପୂର୍ବରୁ ମଝିରେ କୌଣସି ପର୍ଯ୍ୟାୟରେ ଅଟକ ରଖାଯାଇ ପାରିବ ନାହିଁ ବା ତାକୁ ସ୍କୁଲ୍‌ରୁ ବହିଷ୍କାର କରାଯାଇ ପାରିବ ନାହିଁ ।

ଧାରା ୧୭- କୌଣସି ଛାତ୍ରକୁ ଶାରିରୀକ ଦଣ୍ଡ ବା ମାନସିକ ନିର୍ଯ୍ୟାତନା ଦିଆଯାଇ ପାରିବନାହିଁ । ଏହାର ଉଲ୍ଲଂଘନ ପାଇଁ ସଂପୃକ୍ତ କର୍ମଚାରୀଙ୍କୁ ଚାକିରୀ ନିୟମାବଳୀ ଅନୁଯାୟୀ ଦଣ୍ଡବିଧାନ କରାଯିବ ।

ଧାରା ୧୮- ଏହି ଆଇନ୍ ବଳବତ୍ତର ହେବା ପରେ ସରକାରୀ ସ୍କୁଲ୍ ଛଡା ଅନ୍ୟ କୌଣସି ସ୍କୁଲ୍ ପ୍ରତିଷ୍ଠା ହୋଇପାରିବ ନାହିଁ; ଯଦି ହୁଏ, ତେବେ ତାଙ୍କୁ ବିହିତ କର୍ତ୍ତୃପକ୍ଷଙ୍କ ଠାରୁ ସ୍ୱୀକୃତି ହାସଲ କରିବାକୁ ପଡିବ । ସ୍ୱୀକୃତି ମିଳିବ, ଯଦି ସଂପୃକ୍ତ ସ୍କୁଲ୍ ଧାରା ୧୯ରେ ସର୍ତ୍ତାବଳୀ ପୂରଣ କରନ୍ତି । ଯଦି ଗୋଟିଏ ସ୍କୁଲ୍ ସ୍ୱୀକୃତି ନନେଇ ପରିଚାଳିତ ହେଉଥାଏ, ତେବେ ସଂପୃକ୍ତ କର୍ତ୍ତୃପକ୍ଷ ଉକ୍ତ ସ୍ୱୀକୃତି ପ୍ରତ୍ୟାହାର କରିନେବେ । ଗୋଟିଏ ସ୍କୁଲ୍ ଯଦି ବିନା ସ୍ୱୀକୃତିରେ ବା ସ୍ୱୀକୃତି ପ୍ରତ୍ୟାହାର ପରେ ଚାଲୁରୁହେ, ତେବେ ପ୍ରଥମେ ଏକଲକ୍ଷ ଟଙ୍କା ଜୋରିମାନା, ଏବଂ ତା'ପରେ ପ୍ରତିଦିନ ପାଇଁ ୧୦ହଜାର ଟଙ୍କା ଜୋରିମାନା ଲାଗୁ ହେବ ।

ଧାରା ୧୯- ଅନୁସୂଚୀର ମାନଦଣ୍ଡସମୂହକୁ ପୂରଣ ନକରି କୌଣସି ସ୍କୁଲ୍ ପ୍ରତିଷ୍ଠା ହୋଇପାରିବ ନାହିଁ । ମାନଦଣ୍ଡ ପୂରଣ କରୁନଥିବା ଗୋଟିଏ ସ୍କୁଲ୍ ଆଇନ୍ ବଳବତ୍ତର ହେବାର ୩ବର୍ଷ ଭିତରେ ଏହାକୁ ପୂରଣ କରିବେ । ମାନଦଣ୍ଡ ପୂରଣ କରୁନଥିବା କାରଣରୁ ଯଦି ସ୍ୱୀକୃତି ପ୍ରତ୍ୟାହାର ହୋଇଥାଏ, ତେବେ ତାହାସତ୍ତ୍ୱେ ସେହି ସ୍କୁଲ୍ ଚାଲୁ ରହିଲେ ପ୍ରଥମେ ଏକଲକ୍ଷ ଟଙ୍କା ଜୋରିମାନା, ଏବଂ ତା'ପରେ ପ୍ରତିଦିନ ପାଇଁ ୧୦ହଜାର ଟଙ୍କା ଜୋରିମାନା ଲାଗୁ ହେବ ।

ଧାରା-୨୦ କେନ୍ଦ୍ର ସରକାର ବିଜ୍ଞପ୍ତି ବଳରେ ମାନଦଣ୍ଡସମୂହର ସଂଶୋଧନ କରିପାରନ୍ତି ।

ଧାରା-୨୧ ଶିକ୍ଷା ଅଧିକାର ଆଇନ୍ ଅଧୀନରେ କେବଳ ସ୍ୱତନ୍ତ୍ର ଶ୍ରେଣୀର ସ୍କୁଲ୍‌ଗୁଡିକୁ ବାଦ୍ ଦେଲେ ଅନ୍ୟ ତିନି କିସମର ସ୍କୁଲ୍ ଗୁଡିକ କ୍ଷେତ୍ରରେ ଗୋଟିଏ ଲେଖାଁ ସ୍କୁଲ୍ ମ୍ୟାନେଜିଂ କମିଟି ଗଠିତ ହେବ । ଏହି କମିଟିର ଶତକଡା ୭୫ଭାଗ ହେବେ ଛାତ୍ରଛାତ୍ରୀମାନଙ୍କର ପିତାମାତା, ଅର୍ଦ୍ଧେକ ସଭ୍ୟ ମହିଳା ରହିବେ, ଏସ୍.ସି. ଓ ଏସ୍.ଟି. ଗୋଷ୍ଠୀରୁ ଆନୁପତିକ ଛାତ୍ରସଂଖ୍ୟା ଭିତ୍ତିରେ ସଭ୍ୟ ରହିବେ, ଏବଂ ଏହାଛଡା ଶିକ୍ଷକ ଓ ପଞ୍ଚାୟତ ପ୍ରତିନିଧିମାନଙ୍କ ଭିତରୁ ମଧ୍ୟ ସଭ୍ୟ ରହିବେ । ସ୍କୁଲ୍‌ର କାର୍ଯ୍ୟତଦାରଖ, ସ୍କୁଲ୍ ବିକାଶ ଯୋଜନା, ଓ ପ୍ରାପ୍ତ ଅନୁଦାନ ରାଶିର ବିନିଯୋଗ ତଦାରଖ କମିଟିର ମୁଖ୍ୟ କାର୍ଯ୍ୟାବଳୀ ।

ଧାରା ୨୨- ପରିଚାଳନା କମିଟି ସ୍କୁଲ୍ ବିକାଶ ଯୋଜନା ପ୍ରଣୟନ କରିବେ, କିନ୍ତୁ ସେହି ରୀତିରେ ଯାହାକି ବିହିତ ହେବ । ଏବଂ ଏହି ଯୋଜନା ହିଁ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଦାନ ନିର୍ଦ୍ଧାରଣର ଭିତ୍ତି ହେବ ।

ଧାରା ୨୩- ଶିକ୍ଷକମାନଙ୍କର ନିଯୁକ୍ତି ଓ ଚାକିରୀ ସର୍ତ୍ତାବଳୀ- କେନ୍ଦ୍ର ସରକାରଙ୍କ କର୍ତ୍ତୃତ୍ୱପ୍ରାପ୍ତ କୌଣସି ଶିକ୍ଷଣ ସଂସ୍ଥା ଦ୍ୱାରା ଅନୁମୋଦିତ ହୋଇଥିବା ତଥା ସରକାରଙ୍କ ଦ୍ୱାରା ବିଜ୍ଞାପିତ ହୋଇଥିବା ଯୋଗ୍ୟତାବଳୀ ଥିଲେ ଜଣେ ଶିକ୍ଷକ ଭାବେ ନିଯୁକ୍ତ ହୋଇପାରିବେ । କିନ୍ତୁ ଯଦି ଉପଯୁକ୍ତ ସଂଖ୍ୟକ ତାଲିମ୍ ପ୍ରାପ୍ତ ଶିକ୍ଷକ ନଥିବେ, ତେବେ କେନ୍ଦ୍ର ସରକାର ଯୋଗ୍ୟତାର ମାନଦଣ୍ଡକୁ କୋହଳ କରିପାରିବେ, କିନ୍ତୁ ଏହି ସ୍ଥିତି ସର୍ବାଧିକ ୫ବର୍ଷ ପାଇଁ ରହିପାରେ । ସେହିପରି ଆଇନ୍ ଲାଗୁହେଲା ବେଳେ ଯଦି ଜଣେ ଶିକ୍ଷକର ଯୋଗ୍ୟତା ନଥାଏ, ତେବେ ୫ବର୍ଷ ଭିତରେ ସେ ଯୋଗ୍ୟତା ହାସଲ କରିବେ । ବେତନ, ଭତ୍ତା ଓ ଅନ୍ୟାନ୍ୟ ଚାକିରୀ ସର୍ତ୍ତାବଳୀ ବିହିତ ହେବ ।

ଧାରା ୨୪- ଶିକ୍ଷକମାନଙ୍କର ଦାୟିତ୍ୱାବଳୀ ଓ ସେମାନଙ୍କର ଅଭିଯୋଗ ମୀମାଂସା- ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ପାଠ୍ୟକ୍ରମ ସାରିବା, ଛାତ୍ରର ବୋଧଶକ୍ତିର ପରୀକ୍ଷା ତଥା ଅତିରିକ୍ତ ଶିକ୍ଷଣ, ତଥା ଅଭିଭାବକମାନଙ୍କୁ ଛାତ୍ରମାନଙ୍କ ଅଗ୍ରଗତି ସମ୍ବନ୍ଧରେ ନିୟମିତ ଅବଗତ କରାଇବା । ଏହାଛଡା, ସେ ବିହିତ ହେବା ମତେ ଅନ୍ୟ ସବୁ ଦାୟିତ୍ୱ ସମ୍ପାଦନ କରିବେ । କୌଣସି ଶିକ୍ଷକ ତାଙ୍କର ଦାୟିତ୍ୱରେ ଅବହେଳା କଲେ ଚାକିରୀ ନିୟମାବଳୀ ଅନୁଯାୟୀ ଦଣ୍ଡିତ ହେବେ । ଶିକ୍ଷକମାନଙ୍କର ଅଭିଯୋଗ ବିହିତ ହେବା ମତେ ସମାଧାନ କରାଯିବ ।

ଧାରା ୨୫- ଆଇନ୍ ଲାଗୁ ହେବାର ୬ମାସ ଭିତରେ ପ୍ରତି ସ୍କୁଲ୍ ଅନୁସୂଚୀ ମତେ ଶିକ୍ଷକ-ଛାତ୍ର ଅନୁପାତକୁ ସୁନିଶ୍ଚିତ କରିବେ, ଯଥା ୧ମରୁ ୫ମ ଶ୍ରେଣୀ – ୧:୩୦ ଏବଂ ୬ଷ୍ଠରୁ ୮ମ ଶ୍ରେଣୀ ୧: ୩୫ । କୌଣସି ଶିକ୍ଷକ ଅନ୍ୟ ସ୍କୁଲ୍‌ରେ କିମ୍ବା ଅନ୍ୟ କୌଣସି ଅଫିସ୍‌ରେ ଅଣ-ଶିକ୍ଷା କାମରେ ନିୟୋଜିତ ହେବେ ନାହିଁ, କେବଳ ଧାରା ୨୭ର ଦାୟିତ୍ୱାବଳୀ ଛଡା ।

ଧାରା ୨୬- ଗୋଟିଏ ସରକାରୀ ସ୍କୁଲ୍‌ରେ ଶିକ୍ଷକ ପଦବୀରେ ଖାଲିସ୍ଥାନ କେବେ ଶତକଡା ୧୦କୁ ଟପିବ ନାହିଁ ।

ଧାରା ୨୭- ଶିକ୍ଷକମାନଙ୍କୁ ଜନଗଣନା, ବିପର୍ଯ୍ୟୟ ସହାୟତା ଓ ନିର୍ବାଚନ କାର୍ଯ୍ୟ ଛଡା ଅନ୍ୟ କୌଣସି କାର୍ଯ୍ୟରେ ନିଯୁକ୍ତ କରାଯିବ ନାହିଁ ।

ଧାରା ୨୮- କୌଣସି ଶିକ୍ଷକ ଘରୋଇ ଶିକ୍ଷା ବା ଟିଉସନ୍‌ରେ ନିଜକୁ ନିୟୋଜିତ କରିବେ ନାହିଁ ।

## ଅଧ୍ୟାୟ ୫ : ପାଠ୍ୟକ୍ରମ ଓ ମୌଳିକ ଶିକ୍ଷାର ସଂପୂର୍ଣ୍ଣ ହାସଲ

ଧାରା ୨୯- ପାଠ୍ୟକ୍ରମ ଓ ମୂଲ୍ୟାୟନ ପଦ୍ଧତି ସଂପୃକ୍ତ ସରକାରଙ୍କ ଅନୁମୋଦିତ ଶିକ୍ଷଣ ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ହେବ । ଏହା ନିର୍ଦ୍ଧାରଣ କଲାବେଳେ ଅନ୍ୟ ବିଭିନ୍ନ ବିଷୟ ସହିତ ବାଳୁତର ମାତୃଭାଷାରେ ଶିକ୍ଷାଦାନର ବ୍ୟବସ୍ଥାକୁ ପ୍ରୋତ୍ସାହନ କରାଯିବ । ଛାତ୍ରର ବୋଧଶକ୍ତିକୁ କ୍ରମାଗତ ଭାବେ ମୂଲ୍ୟାୟନ କରାଯିବ ।

ଧାରା ୩୦- ମୌଳିକ ଶିକ୍ଷା ସମାପ୍ତ ନକଲା ଯାଏ କୌଣସି ବୋର୍ଡ ପରୀକ୍ଷା ଦେବାକୁ ପଡିବ ନାହିଁ । ଶିକ୍ଷା ସମାପ୍ତି ପରେ ଏକ ସାର୍ଟିଫିକେଟ୍ ପ୍ରଦାନ କରାଯିବ ।

## ଅଧ୍ୟାୟ- ୬ : ବାଳୁତ ଅଧିକାରସମୂହର ସୁରକ୍ଷା

ଧାରା ୩୧- ବାଳୁତ ଅଧିକାର ସୁରକ୍ଷା କମିଶନ୍‌ସମୂହ ଆଇନ୍ ୨୦୦୫ ଅନୁଯାୟୀ ଗଠିତ ଜାତୀୟ ଓ ରାଜ୍ୟ କମିଶନ୍‌ଙ୍କ ଉପରେ ଶିକ୍ଷା ଅଧିକାର ଆଇନ୍‌ରେ ଥିବା ବାଳୁତ ଅଧିକାରର ସୁରକ୍ଷା ଦାୟିତ୍ୱ ନ୍ୟସ୍ତ ରହିବ । ସମୀକ୍ଷା ଓ ସୁପାରିଶ୍, ମାଗଣା ଓ ବାଧ୍ୟତାମୂଳକ ଶିକ୍ଷାର ଅଧିକାର ସଂପର୍କୀତ ଅଭିଯୋଗର ଶୁଣାଣି, ତଥା ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ ପାଇଁ କମିଶନ୍‌ର କ୍ଷମତା ରହିବ । ଯଦି କୌଣସି ରାଜ୍ୟ ସରକାର ଏଭଳି କମିଶନ୍ ଗଠନ କରିନାହାନ୍ତି, ତେବେ ବର୍ତ୍ତମାନ ପାଇଁ ତୁରନ୍ତ ଏକ କର୍ତ୍ତୃପକ୍ଷ ଗଠନ କରିବା ଜରୁରୀ ।

ଧାରା ୩୨- ଏହି ଆଇନ୍‌ର କାର୍ଯ୍ୟକାରିତାକୁ ନେଇ କୌଣସି ଏକ ଲିଖିତ ଅଭିଯୋଗ ସଂପୃକ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ ହେବ । ଉଭୟ ପକ୍ଷଙ୍କୁ ଶୁଣାଣି କରି ୩ମାସ ଭିତରେ ଉକ୍ତ ଅଭିଯୋଗର ଫଇସଲା କରାଯିବ । ଉକ୍ତ ଫଇସଲା ସନ୍ତୋଷଜନକ ମନେ ନହେଲେ ରାଜ୍ୟ କମିଶନ୍ ବା ଯଥାସ୍ଥିତି ସଂପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ୍ କରାଯିବ । କମିଶନ୍ ବା ଯଥାସ୍ଥିତି ସଂପୃକ୍ତ କର୍ତ୍ତୃପକ୍ଷ ସେହି ଅପିଲ୍‌ର ଶୁଣାଣି କରିବେ ।

ଧାରା ୩୩ – କେନ୍ଦ୍ର ସରକାର ୧୫ଜଣ ସଭ୍ୟଙ୍କୁ ନେଇ ଏକ ଜାତୀୟ ଉପଦେଷ୍ଟା ପରିଷଦ ଗଠନ କରିବେ ।

ଧାରା ୩୪- ରାଜ୍ୟ ସରକାର ୧୫ଜଣ ସଭ୍ୟଙ୍କୁ ନେଇ ଏକ ରାଜ୍ୟ ଉପଦେଷ୍ଟା ପରିଷଦ ଗଠନ କରିବେ ।

## ଅଧ୍ୟାୟ-୭ ବିବିଧ

ଧାରା ୩୫- ରାଜ୍ୟ ସରକାର ବା ସ୍ଥଳ ବିଶେଷରେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶାବଳୀ ଜାରି କରିପାରିବେ । ରାଜ୍ୟ ସରକାର ସ୍ଥାନୀୟ କର୍ତ୍ତୃପକ୍ଷ ଓ ସ୍କୁଲ୍ ପରିଚାଳନା କମିଟିକୁ ନିର୍ଦ୍ଦେଶାବଳୀ ଜାରି କରିବେ । ସ୍ଥାନୀୟ କର୍ତ୍ତୃପକ୍ଷ ପରିଚାଳନା କମିଟିଙ୍କୁ ନିର୍ଦ୍ଦେଶାବଳୀ ଜାରି କରିବେ ।

ଧାରା ୩୬- ବିଭିନ୍ନ ଧାରା ଯଥା ୧୩, ୧୮ ଓ ୧୯ରେ ଯେଉଁ ଦଣ୍ଡ ବିଧାନ ବ୍ୟବସ୍ଥା କରାଯାଇଛି ତାହା ସଂପୃକ୍ତ ସରକାରଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ଜଣେ ଅଧିକାରୀଙ୍କ ଅଗ୍ରୀମ ଅନୁମତି ବିନା କାର୍ଯ୍ୟକାରୀ ହୋଇପାରିବ ନାହିଁ ।

ଧାରା ୩୭- ସଦବିଶ୍ୱାସରେ କୃତ କାର୍ଯ୍ୟକୁ ସୁରକ୍ଷା- କେନ୍ଦ୍ର ବା ରାଜ୍ୟ ସରକାର, ଜାତୀୟ ବା ରାଜ୍ୟ କମିଶନ୍, ସ୍ଥାନୀୟ କର୍ତ୍ତୃପକ୍ଷ ବା ପରିଚାଳନା କମିଟି ବା ଅନ୍ୟ କୌଣସି ବ୍ୟକ୍ତି ବିରୁଦ୍ଧରେ କୌଣସି କେଶ୍ ରଜୁ କରାଯାଇ ପାରିବ ନାହିଁ ।

ଧାରା ୩୮- ନିୟମାବଳୀ ପ୍ରଣୟନ: ସମୁଚିତ ସରକାର ନିମ୍ନୋକ୍ତ ବିଷୟରେ ବିଜ୍ଞପ୍ତି କରିପାରନ୍ତି –

(ଏ) ଅନଗ୍ରସର ଛାତ୍ରମାନଙ୍କୁ ସ୍ୱତନ୍ତ୍ର ତାଲିମ୍,

(ବି) ବସତି ବିଦ୍ୟାଳୟର ସ୍ଥାନ,

(ସି) ୧୪ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କର ରେକର୍ଡ ରକ୍ଷଣାବେକ୍ଷଣ,

(ଡି) ସ୍ୱତନ୍ତ୍ର ଶ୍ରେଣୀର ବିଦ୍ୟାଳୟମାନଙ୍କୁ ଛାତ୍ରପିଛା ବ୍ୟୟଭରଣା,

(ଇ) ଛାତ୍ରର ବୟସ ନିର୍ଦ୍ଧାରଣ ପାଇଁ ଅନ୍ୟ କୌଣସି ଦଲିଲ୍,

(ଏଫ୍) ଶିକ୍ଷାବର୍ଷ ଆରମ୍ଭ ହେବାର କେତେ ସଂପ୍ରସାରିତ ସମୟ ଭିତରେ ନାମଲେଖା ଏବଂ ଏଭଳି ଛାତ୍ରଙ୍କର କେତେ ସଂପ୍ରସାରିତ ସମୟ ଭିତରେ ଶିକ୍ଷା ସମାପ୍ତି ହେବ,
(ଜି) ସ୍ୱୀକୃତି ପ୍ରଦାନ ପାଇଁ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷ,
(ଏଚ୍) ସ୍କୁଲ୍‌କୁ ସ୍ୱୀକୃତି ପ୍ରଦାନର ପଦ୍ଧତି, ସର୍ତ୍ତାବଳୀ ଓ ଫର୍ମ ଇତ୍ୟାଦି,
(ଆଇ) ସ୍ୱୀକୃତି ପ୍ରତ୍ୟାହାର ପୂର୍ବରୁ ଶୁଣାଣିର ସୁଯୋଗ,
(ଜେ) ସ୍କୁଲ୍ ପରିଚାଳନା କମିଟିର ଅନ୍ୟାନ୍ୟ ଦାୟିତ୍ୱାବଳୀ,
(କେ) ସ୍କୁଲ୍ ବିକାଶ ଯୋଜନାର ପ୍ରସ୍ତୁତି ପଦ୍ଧତି,
(ଏଲ୍) ଶିକ୍ଷକମାନଙ୍କର ବେତନ, ଭତ୍ତା, ଓ ଚାକିରୀ ସର୍ତ୍ତାବଳୀ,
(ଏମ୍) ଜଣେ ଶିକ୍ଷକଙ୍କ ଦ୍ୱାରା ଅନ୍ୟ କି କି କାର୍ଯ୍ୟ ସମ୍ପାଦିତ ହୋଇପାରିବ,
(ଏନ୍) ଶିକ୍ଷକମାନଙ୍କର ଅଭିଯୋଗର ପ୍ରତିକାର ପଦ୍ଧତି,
(ଓ) ଶିକ୍ଷା ସମାପ୍ତି ପରେ ସଂପୃକ୍ତ ଛାତ୍ରକୁ ସାର୍ଟିଫିକେଟ୍ ପ୍ରଦାନ,
(ପି) ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍ ନଥିଲେ ଗଠିତ ହେବାକୁ ଥିବା ଶିକ୍ଷା ଅଧିକାର କର୍ତ୍ତୃପକ୍ଷଙ୍କ ଗଠନ ,
(କ୍ୟୁ) ଜାତୀୟ ଉପଦେଷ୍ଟା ପରିଷଦର ସଭ୍ୟମାନଙ୍କ ଭତ୍ତା ଓ ଅନ୍ୟାନ୍ୟ ନିଯୁକ୍ତି ସର୍ତ୍ତାବଳୀ,
(ଆର୍) ରାଜ୍ୟ ଉପଦେଷ୍ଟା ପରିଷଦର ସଭ୍ୟମାନଙ୍କ ଭତ୍ତା ଓ ଅନ୍ୟାନ୍ୟ ନିଯୁକ୍ତି ସର୍ତ୍ତାବଳୀ ।

## ଅନୁସୂଚୀ (ଗୋଟିଏ ସ୍କୁଲ୍‌ର ମାନଦଣ୍ଡ)

- (୧ମରୁ ୫ମ) ଛାତ୍ର-ଶିକ୍ଷକ ଅନୁପାତ ୧: ୩୦
- (୬ଷ୍ଠରୁ ୮ମ) ଛାତ୍ର-ଶିକ୍ଷକ ଅନୁପାତ ୧: ୩୫
- ସ୍କୁଲ୍‌ଗୃହ – ସର୍ବଋତୁକାଳୀନ, ପ୍ରତି ଶିକ୍ଷକ ପାଇଁ ଗୋଟିଏ ଲେଖା ଶ୍ରେଣୀକକ୍ଷ ଓ ପ୍ରଧାନ ଶିକ୍ଷକଙ୍କ ପାଇଁ ଏକ ଅଫିସ୍ ଗୃହ-ତଥା-ଭଣ୍ଡାର ଗୃହ, ପ୍ରତି ଗୃହକୁ ଅବାଧ ପ୍ରବେଶ ବ୍ୟବସ୍ଥା, ପୁଅ ଓ ଝିଅ ମାନଙ୍କ ପାଇଁ ଅଲଗା ଅଲଗା ଶୌଚାଳୟ, ନିରାପଦ ପାନୀୟ ଜଳ ବ୍ୟବସ୍ଥା, ରୋଷେଇଘର, ଖେଳ ପଡିଆ, ପାଚେରି ବା ବାଡବୁଜା,
- ଶିକ୍ଷାବର୍ଷରେ ସର୍ବନିମ୍ନ କର୍ମଦିବସ/ ଶିକ୍ଷା ନିର୍ଘଣ୍ଟ - ୧ମରୁ ୫ମ ପର୍ଯ୍ୟନ୍ତ ୨୦୦ଦିନ ଓ ୮୦୦ ଘଣ୍ଟା, ଓ ୬ଷ୍ଠରୁ ୮ମ ପର୍ଯ୍ୟନ୍ତ ୨୨୦ ଦିନ ଓ ୧୦୦୦ ଘଣ୍ଟା
- ଜଣେ ଶିକ୍ଷକ ପାଇଁ ସପ୍ତାହରେ ସର୍ବନିମ୍ନ କର୍ମନିର୍ଘଣ୍ଟ - ୪୫ ଘଣ୍ଟା
- ଶିକ୍ଷଣ ଓ ପଠନ ସାମଗ୍ରୀ- ପ୍ରତି ସ୍କୁଲ୍‌ରେ ଉପଲବ୍ଧ ଥିବ
- ପାଠାଗାର- ଗଳ୍ପବହି ସହିତ ସବୁ ବିଷୟରେ ବହି, ଖବରକାଗଜ ଓ ପତ୍ରପତ୍ରିକାକୁ ନେଇ ପ୍ରତି ସ୍କୁଲ୍‌ରେ ଗୋଟିଏ ଲେଖାଁ ପାଠାଗାର
- ଖେଳ ଓ କସରତ୍ ସାମଗ୍ରୀ- ଆବଶ୍ୟକ ମୁତାବକ

***ଶିକ୍ଷା ଅଧିକାର ଆଇନ୍-୨୦୦୯ର ବିଭିନ୍ନ ସ୍ଥାନରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ସେମାନଙ୍କ ଉପରେ ନ୍ୟସ୍ତ ଥିବା ବିଭିନ୍ନ ଦାୟିତ୍ୱର ସଂପାଦନ ପାଇଁ ବିଜ୍ଞପ୍ତି ବଳରେ ନିୟମାବଳୀ ଘୋଷଣା କରିବେ ବୋଲି କୁହାଯାଇଛି । ରାଜ୍ୟମାନେ ଠିକ୍ ସେହି ତାରିଖରେ ନିଜର ନିୟମାବଳୀକୁ ବିଜ୍ଞପ୍ତି କରିବା ଜରୁରୀ, ଯେଉଁ ତାରିଖରେ ଆଇନ୍ ବଳବତ୍ତର ହେବ । ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଫେସର୍ ଏ.କେ.ଶର୍ମାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି 'ଆଦର୍ଶ ଚିଠା ନିୟମାବଳୀ' ପ୍ରସ୍ତୁତ କରାଯାଇ ମନ୍ତ୍ରଣାଳୟ ଦ୍ୱାରା ଚୂଡାନ୍ତ ହେବା ପରେ ରାଜ୍ୟ ସରକାରମାନଙ୍କ ନିକଟକୁ ପଠାଯାଇଛି ଓ ସେମାନେ ଏହାକୁ ସିଧାସଳଖ ଗ୍ରହଣ କରିପାରନ୍ତି ବା ତହିଁରେ ଆବଶ୍ୟକ ସଂଶୋଧନ ସହିତ ଗ୍ରହଣ କରି ବିଜ୍ଞପ୍ତି କରିପାରନ୍ତି ।***

**କେନ୍ଦ୍ର ପ୍ରଣୀତ ଆଦର୍ଶ ନିୟମାବଳୀ- ରାଜ୍ୟମାନଙ୍କ ପାଇଁ**

ଏହା ପୂର୍ବରୁ ଉକ୍ତ ମନ୍ତ୍ରଣାଳୟ ରାଜ୍ୟମାନଙ୍କୁ ଶିକ୍ଷା ଅଧିକାର ଆଇନ୍ ଅଧୀନରେ ବିହିତ ହେବାକୁ ଥିବା ରାଜ୍ୟମାନଙ୍କର ନିୟମାବଳୀର ପ୍ରଣୟନକୁ ସୁଗମ କରିବା ପାଇଁ ଆଦର୍ଶ ନିୟମାବଳୀ (ମଡେଲ୍ ରୁଲ୍ସ) ପ୍ରସାରଣ କରିଛନ୍ତି *(ପି.ଆଇ.ବି. ୨୯ ଜାନୁଆରି ୨୦୧୦)*। ଆଦର୍ଶ ନିୟମାବଳୀର ୮ଟି ଭାଗ ଓ ଗୋଟିଏ ସଂଲଗ୍ନ ନଥି (ଆପେଣ୍ଡିକ୍ସ) ରହିଛି । ସେଗୁଡିକ ହେଲା-

**ଭାଗ-୧ : ଉପକ୍ରମଣିକା ଓ ସଂଜ୍ଞାସମୂହ**

**ଭାଗ-୨ : ଆଇନ୍‌ର ଧାରା-୪ ଅନୁଯାୟୀ ଅନଗ୍ରସର ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ତାଲିମ୍**

**ଭାଗ-୩: ରାଜ୍ୟ ସରକାର ଓ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ କ୍ଷେତ୍ରାଧିକାର ସମେତ ଦାୟିତ୍ୱାବଳୀ**

**ଭାଗ-୪: ସ୍କୁଲ୍ ଓ ଶିକ୍ଷକମାନଙ୍କର ଦାୟିତ୍ୱ**

**ଭାଗ-୫: ସ୍କୁଲ୍ ପରିଚାଳନା କମିଟିର ଗଠନ ଓ କାର୍ଯ୍ୟାବଳୀ**

**ଭାଗ-୬: ଶିକ୍ଷକମାନଙ୍କ ଭୂମିକା, ନ୍ୟୂନତମ ଯୋଗ୍ୟତା, ବେତନ ଓ ଭତ୍ତା, ଅଭିଯୋଗ ପ୍ରତିକାର, ଶିକ୍ଷକ-ଛାତ୍ର ଅନୁପାତ ଇତ୍ୟାଦି**

**ଭାଗ-୭: ପାଠ୍ୟକ୍ରମ, ସଂପୃକ୍ତ କର୍ତ୍ତୃପକ୍ଷ ଏବଂ ସାର୍ଟିଫିକେଟ୍ ପ୍ରଦାନ**

**ଭାଗ-୮ : ବାଳୁତ ଅଧିକାର ସମୂହର ସୁରକ୍ଷା, ରାଜ୍ୟ ବାଳୁତ ଅଧିକାର ସୁରକ୍ଷା କମିଶନ୍‌ଙ୍କ ନିକଟରେ ଅଭିଯୋଗ ତଥା ରାଜ୍ୟ ଉପଦେଷ୍ଟା ପରିଷଦର ଗଠନ**

**ସଂଲଗ୍ନ ନଥି – ୨ଟି ଫର୍ମ**

**(୧) ସ୍କୁଲ୍ ଦ୍ୱାରା ଆତ୍ମ-ଘୋଷଣା ତଥା ସ୍ୱୀକୃତି ହାସଲ ପାଇଁ ଆବେଦନ ଫର୍ମ**

**(୨) ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରୁ ସ୍କୁଲ୍‌କୁ ସ୍ୱୀକୃତି ମଞ୍ଜୁରି ବିଷୟରେ ସୂଚନା ଫର୍ମ**